୫୧ ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୭/୨୦୨୪ (୧୪ ପୃଷ୍ଠା) | Bhubaneswar, Friday, December 27/2024 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 34 | ମୂଲ୍ୟ₹୭/-

# ମନମୋହନ ସିଂଙ୍କ ପରଲୋକ



୧୯୩୨ ସେପ୍ଟେମ୍ବର ୨୬-୨୦୨୪ ଡିସେମ୍ବର ୨୬

ନୂଆଦିଲ୍ଲୀ,୨୬।୧୨

ନୂଆଦିଲ୍ଲୀସ୍ଥିତ ଏମ୍ସରେ ଗୁରୁବାର ରାତିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକ ହୋଇଛି। ବୟସାଧିକ କାରଣରୁ ଅସୁସ୍ଥ ଥିବା ୯୨ ବର୍ଷୀୟ ମନମୋହନ ସନ୍ଧ୍ୟାରେ ହଠାତ୍ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଏମ୍ସର ଏମର୍ଜେନ୍ସି ବିଭାଗରେ ଭର୍ତ୍ତି କରାଯାଇଥିଲା। ଡାକ୍ତରୀ ଦଳର ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କ ଜୀବନ ରକ୍ଷା କରାଯାଇପାରିଲା ନାହିଁ। ସେ ରାତି ୯ଟା ୧୫ ମିନିଟରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ଏମ୍ସ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ମନମୋହନଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନକର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

୧୯୩୨ ସେପ୍ଟେମ୍ବର ୨୬ରେ ତତ୍କାଳୀନ ବ୍ରିଟିଶ୍ ଇଣ୍ଡିଆର ପଞ୍ଜାବ(ଅଧୁନା ପାକିସ୍ତାନ)ର ଏକ ପଞ୍ଜାବୀ ପରିବାରରେ ମନମୋହନ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ଗୁରୁମୁଖ ସିଂ ଓ ମା' ଅମୃତ କୌର। ପିଲାଟି ଦିନରୁ ମା'ଙ୍କୁ ହରାଇବା ପରେ ମନମୋହନଙ୍କୁ ତାଙ୍କ ଜେଜେମା' ଲାଳନପାଳନ କରିଥିଲେ।

ମନମୋହନ ଏକାଧାରରେ ଜଣେ ରାଜନେତା, ଅର୍ଥନୀତିଜ୍ଞ ଏବଂ ପ୍ରଶାସକ। ସେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଜବାହରଲାଲ୍ ନେହେରୁ, ଇନ୍ଦିରା ଗାନ୍ଧୀ ଏବଂ ନରେନ୍ଦ୍ର ମୋଦିଙ୍କ ପରେ ସେ ଚତୁର୍ଥ ସର୍ବାଧିକ କାଳ ପ୍ରଧାନମନ୍ତ୍ରୀ ପଦରେ ରହିଛନ୍ତି। ସେ ଶିଖ୍ ସମ୍ପ୍ରଦାୟରୁ ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିବାବେଳେ ୫ ବର୍ଷ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିବା ପରେ ପୁନର୍ବାର ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବାରେ ନେହେରୁଙ୍କ ପରେ ଦ୍ୱିତୀୟ ନେତା। ଅକ୍ସଫୋର୍ଡରୁ ଅର୍ଥନୀତିରେ ଡକ୍ଟରେଟ କରିବା ପରେ ☞ପୃଷ୍ଠା-୪

# ଭାରତ ସୀମାରେ ଚାଇନା କରିବ ସର୍ବବୃହତ୍ ଡ୍ୟାମ୍

**ଲଦାଖ ସଂଲଗ୍ନ ପ୍ରକୃତ ନିୟନ୍ତ୍ରଣ ରେଖା(ଏଲ୍ଏସି)ରୁ ସୈନ୍ୟ ପ୍ରତ୍ୟାହାର କରି ପାରସ୍ପରିକ ସମ୍ପର୍କ ସ୍ୱାଭାବିକ କରିବା ଦିଗରେ ଭାରତ ଓ ଚାଇନା ସହମତି ପ୍ରକାଶ କରିଥିବା କୁହାଯାଇଛି। ଏଭଳି ସମୟରେ ଚାଇନା ଦୀର୍ଘଦିନ ଧରି ଯୋଜନାରେ ରହିଥିବା ଏକ ବୃହତ୍ ହାଇଡ୍ରୋ-ପାୱାର ଡ୍ୟାମ୍ ପ୍ରକଳ୍ପକୁ ଅନୁମୋଦନ କରି ନିଜକୁ ସୁହାଇଲା ଭଳି ସ୍ଥିତି ସୃଷ୍ଟି କରିଛି। ଭାରତ ସୀମାର ଖୁବ୍ ନିକଟରେ ତିବ୍ବତ ଅନ୍ତର୍ଗତ ବ୍ରହ୍ମପୁତ୍ର ନଦୀରେ ଚାଇନା ଏହି ପ୍ରକଳ୍ପକୁ ନିର୍ମାଣ କରିବ, ଯାହାକି ବିଶ୍ୱର ସର୍ବବୃହତ୍ ନଦୀବନ୍ଧ ଯୋଜନା ହେବ ବୋଲି କୁହାଯାଉଛି। ଏହି ବିଶାଳ ଭିତ୍ତିଭୂମି ପ୍ରକଳ୍ପରେ ୧୩୭ ବିଲିୟନ ଡଲାର (୧ ଟ୍ରିଲିୟନ ୟୁଆନ୍‌ରୁ ଅଧିକ) ବ୍ୟୟ ହେବ। ଏହି ପ୍ରକଳ୍ପ ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପାଇଁ ଚିନ୍ତାର କାରଣ ହୋଇଛି। ଡ୍ୟାମ୍ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଚାଇନା ବ୍ରହ୍ମପୁତ୍ର ନଦୀଜଳ ପ୍ରବାହକୁ ନିଜ ନିୟନ୍ତ୍ରଣରେ ରଖି ଭାରତ ବିରୋଧରେ ଅସ୍ତ୍ର ଭାବେ ବ୍ୟବହାର କରିବା ଆଶଙ୍କା ପ୍ରକାଶ ପାଇଛି। କାରଣ ଭବିଷ୍ୟତରେ ସୀମାରେ ଉତ୍ତେଜନା ଲାଗି ରହିଥିବା ସମୟରେ ବେଜିଂ ଅଧିକ ପରିମାଣର ଜଳ ଛାଡ଼ି ଭାରତକୁ ହଇରାଣ କରିପାରେ, ଯାହାକୁ ନେଇ ନୂଆଦିଲ୍ଲୀ ଚିନ୍ତା ପ୍ରକଟ କରିଛି।**



ବ୍ରହ୍ମପୁତ୍ର ନଦୀ

ବେଜିଂ,୨୬।୧୨(ପି.ଟି.)

ଚାଇନା ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ବ୍ରହ୍ମପୁତ୍ରର ତିବ୍ବତୀୟ ନାମ ୟାରଲୁଙ୍ଗ ଜାଙ୍ଗବୋ ନଦୀର ତଳ ଭାଗରେ ଚାଇନା ସରକାର ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣକୁ ଅନୁମୋଦନ କରିଛନ୍ତି। ହିମାଳୟର ଏକ ବିଶାଳ ଗର୍ତ୍ତ, ଯେଉଁଠି ବ୍ରହ୍ମପୁତ୍ର ଦିଗ ପରିବର୍ତ୍ତନ କରି ଅରୁଣାଚଳ ଏବଂ ପରେ ବାଂଲାଦେଶକୁ ପ୍ରବାହିତ ହୋଇଛି, ସେହିଠାରେ ଡ୍ୟାମ୍ ନିର୍ମାଣ ହେବ। ୨୦୧୫ରେ ଚାଇନା ତିବ୍ବତରେ ୧.୫ ବିଲିୟନ ଡଲାରରେ ଜାମ୍ ହାଇଡ୍ରୋପାୱାର ଷ୍ଟେଶନ ନିର୍ମାଣ କରିଥିଲା, ଯାହା ଏବେ କାର୍ଯ୍ୟକ୍ଷମ ହୋଇଛି। ବ୍ରହ୍ମପୁତ୍ର ଡ୍ୟାମ୍ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନାର ମୁଖ୍ୟ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ପ୍ଲେନମ୍ ଦ୍ୱାରା ଗୃହୀତ ଚତୁର୍ଦ୍ଦଶ ପଞ୍ଚବାର୍ଷିକ ଯୋଜନା, ଯାହାକି ଜାତୀୟ ଅର୍ଥନୈତିକ ଓ ସାମାଜିକ ବିକାଶ ତଥା ଦୀର୍ଘମିଆଦୀ ଲକ୍ଷ୍ୟର ଅଂଶବିଶେଷ।

ଅରୁଣାଚଳପ୍ରଦେଶରେ ଭାରତ ମଧ୍ୟ ବ୍ରହ୍ମପୁତ୍ରରେ ଏକ ଡ୍ୟାମ୍ ନିର୍ମାଣ କରିଛି। ଦୁଇଦେଶ ମଧ୍ୟରେ ପ୍ରବାହିତ ନଦୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗର ଆଲୋଚନା ପାଇଁ ଭାରତ ଓ ଚାଇନା ୨୦୦୬ରେ ବିଶେଷଜ୍ଞସ୍ତରୀୟ ବ୍ୟବସ୍ଥା (ଇଏଲ୍ଏମ୍) ପ୍ରତିଷ୍ଠା କରିଥିଲେ। ତଦନୁଯାୟୀ ଚାଇନା ବନ୍ୟା ଋତୁରେ ବ୍ରହ୍ମପୁତ୍ର ଏବଂ ସତ୍‌ଲେଜ ନଦୀର ଜଳପ୍ରବାହ ସମ୍ପର୍କିତ ତଥ୍ୟ ଭାରତକୁ ଦେଇଥାଏ। ଗତ ୧୮ରେ ଏନ୍ଏସ୍ଏ ଅଜିତ ଡୋଭାଲ ଏବଂ ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟିଙ୍କ ମଧ୍ୟରେ ଅନ୍ତର୍ଦ୍ଦେଶୀୟ ନଦୀ ସମ୍ପର୍କିତ ତଥ୍ୟ ଉପରେ ଆଲୋଚନା ହୋଇଥିଲା। ତେବେ ଭୂକମ୍ପପ୍ରବଣ ଟେକ୍ଟୋନିକ୍ ପ୍ଲେଟ୍ ସୀମାରେ ନଦୀବନ୍ଧ ନିର୍ମାଣ ବିଶାଳ ଇଞ୍ଜିନିୟରିଂ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି।

ତିବ୍ବତ ମାଳଭୂମି ଦେଇ ପ୍ରବାହିତ ବ୍ରହ୍ମପୁତ୍ର ଗଭୀରତମ ଘାଟି ସୃଷ୍ଟି କରିଛି। ଫଳରେ ଭାରତରେ ପହଞ୍ଚିବା ପୂର୍ବରୁ ୨୫,୧୫୪ ଫୁଟ୍ ଭୂଲମ୍ବ ପାର୍ଥକ୍ୟ ସୃଷ୍ଟି ହୋଇଛି। ଚାଇନା ମୁଖ୍ୟ ଭୂଖଣ୍ଡର ସର୍ବାଧିକ ବୃଷ୍ଟିପାତ ଅଞ୍ଚଳରେ ଡ୍ୟାମ୍ ନିର୍ମାଣ ହେବାକୁ ଯାଉଥିବାରୁ ପ୍ରବଳ ଜଳ ପ୍ରବାହିତ ହେବ। ୨୦୨୩ ରିପୋର୍ଟ ଅନୁଯାୟୀ, ଉକ୍ତ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବର୍ଷକୁ ୩୦୦ ବିଲିୟନ କିଲୋୱାଟ ବିଦ୍ୟୁତ୍ ଉତ୍ପାଦନ ହେବ, ଯାହା ୩୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ବାର୍ଷିକ ଚାହିଦା ମେଣ୍ଟାଇପାରିବ।

## ଏଲ୍ଏସିରେ ଚାଇନା ସେନାର ନୂଆ ଶିବିର

ନୂଆଦିଲ୍ଲୀ,୨୬।୧୨

ଲଦାଖରୁ ସୈନ୍ୟ ପ୍ରତ୍ୟାହାର ଏବଂ ସୀମାରେ ଉତ୍ତେଜନା ହ୍ରାସକୁ ଭାରତ ଓ ଚାଇନା ପ୍ରାଥମିକତା ଦେଉଥିବା କହୁଛନ୍ତି। କିନ୍ତୁ ଏନେଇ ବେଜିଂ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଉତ୍ତେଜନା ହ୍ରାସ ଦିଗରେ ଚାଇନା ପକ୍ଷରୁ ଏପର୍ଯ୍ୟନ୍ତ କିଛି କରାଯାଇ ନ ଥିବା ସାଟେଲାଇଟ୍ ଫଟୋରୁ ସ୍ପଷ୍ଟ ହୋଇଛି। ଲଦାଖର ଡେପସାଙ୍ଗ ଏବଂ ଡେମ୍‌ଚୋକରୁ ସୈନ୍ୟ ପ୍ରତ୍ୟାହାର ପରେ ଡେପ୍‌ସାଙ୍ଗରେ ଚାଇନାର ନୂଆ ପିଏଲ୍ଏ କ୍ୟାମ୍ପ ଦେଖିବାକୁ ମିଳିଛି।

ପାର୍ଲାମେଣ୍ଟର ଶୀତ ଅଧିବେଶନରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ, ସଂଘର୍ଷ କିମ୍ବା ଅପ୍ରୀତିକର ସ୍ଥିତି ଆଉ ଯେପରି ନ ଘଟେ, ସେଥିପାଇଁ ଫ୍ରିକ୍ସନ ପଏଣ୍ଟଗୁଡ଼ିକରୁ ସୈନ୍ୟ ପ୍ରତ୍ୟାହାର ଉପରେ ସର୍ବାଧିକ ପ୍ରାଥମିକତା ଦିଆଯାଇଥିଲା, ଯାହା ପୂରଣ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ କରିବା ପରବର୍ତ୍ତୀ ପ୍ରାଥମିକତା ବୋଲି ଜୟଶଙ୍କର କହିଥିଲେ। ତେବେ ହାଇରିଜଲ୍ୟୁଶନ୍ ସାଟେଲାଇଟ୍ ଫଟୋରୁ ଚାଇନା ପକ୍ଷ ଉତ୍ତେଜନା ହ୍ରାସ କରିବା ଦିଗରେ କୌଣସି ସ୍ପଷ୍ଟ ସୂଚନା ☞ପୃଷ୍ଠା-୪




# ଆସନ୍ତା ବର୍ଷରୁ ଛାତ୍ର ସଂସଦ ନିର୍ବାଚନ: ମୁଖ୍ୟମନ୍ତ୍ରୀ

କଟକ,୨୬।୧୨(ଶିଲ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ଆସନ୍ତାବର୍ଷଠାରୁ ଛାତ୍ର ସଂସଦ ନିର୍ବାଚନ ହେବ। ପୂର୍ବ ସରକାର ବାତ୍ୟା, କୋଭିଡ୍, କ୍ୟାମ୍ପସ ଅଶାନ୍ତି ଆଦି ଆଳରେ ୨୦୧୮ରୁ ଯେପରି ଏହାକୁ ଚକ୍ରାନ୍ତମୂଳକ ଭାବେ ବନ୍ଦ କରିଥିଲେ, ତାହା କେବେବି ଗ୍ରହଣୀୟ ନୁହେଁ। ଏଣିକି ପ୍ରତ୍ୟେକ ବର୍ଷ ବିଧିବଦ୍ଧ ଭାବେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ କରାଯିବ। ସେହିପରି ଭାଜପା ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶାରେ ୨୦ହଜାର ଯୁବତୀଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ଆଗାମୀ ଦିନରେ ୧.୫୦ଲକ୍ଷ ନିଯୁକ୍ତି କ୍ଷେତ୍ରରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଗୁରୁବାର କଟକ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ୪୯ତମ ରାଜ୍ୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୩୬ ମସିହାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପୂର୍ଣ୍ଣ ହେବ। ସେହି ସମୟ ମଧ୍ୟରେ ଏକ ନୂତନ ତଥା ଆଧୁନିକ ଓଡ଼ିଶା ଗଠନ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେହି ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ଆବଶ୍ୟକ। ☞ପୃଷ୍ଠା-୪



କଟକ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ଆୟୋଜିତ ଏବିଭିପିର ୪୯ତମ ରାଜ୍ୟ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

## ଚାଷ କ୍ଷତି ସହି ନ ପାରି ଚାଷୀଙ୍କ ଆତ୍ମହତ୍ୟା

ଛତ୍ରପୁର,୨୬।୧୨
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ବଡ଼ମାଧପୁର ପଞ୍ଚାୟତ ଅଧୀନ ବରଙ୍ଗ ଗାଁର ଜଣେ ଚାଷୀ ପାଇଖାନା ଘରେ ରଶି ଲଗାଇ ଗୁରୁବାର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ବରଙ୍ଗ ଗ୍ରାମର ବନମାଳୀ ପେଣ୍ଟେଇ(୬୪)। ଅଦିନିଆ ବର୍ଷାରେ ଧାନ ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଏହା ସହି ନ ପାରି ସେ ଏଭଳି ଚରମ ପଦକ୍ଷେପ ନେଇଥିବା ଜଣାଯାଇଛି। ବନମାଳୀ ୫ ଏକର ଜମିରେ ଭାଗଚାଷୀ ରୂପେ ଧାନ ଚାଷ କରିଥିଲେ। ଏଥିସହ ସେ ନିଜର ୨ ଭରଣ ଜମିରେ ମଧ୍ୟ ଧାନ ଚାଷ କରିଥିଲେ। ଅଦିନିଆ ଲଗାଣ ବର୍ଷାରେ ତାଙ୍କର ସବୁ ଧାନ ଫସଲ ଉଜୁଡି ଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ତାଲିବାନ୍‌ର ଲିଙ୍ଗଗତ ଭେଦଭାବ**

## ରୁଷିଆ ମିଶାଇଲ ଆଜରବୈଜାନ ବିମାନକୁ ଖସାଇଥିବା ସନ୍ଦେହ | ତଦନ୍ତ ଦାବି କଲା ନାଟୋ

ବାକୁ,୨୬।୧୨

ଆଜରବୈଜାନରୁ ୬୭ ଜଣଙ୍କୁ ନେଇ ରୁଷିଆ ଯାଉଥିବା ଏକ ବିମାନ ବୁଧବାର କାଜାଖସ୍ତାନର ଅକାଟଉ ସହରରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଥିଲା। ଏଥିରେ ୩୮ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଜଣ ବର୍ତ୍ତିଯାଇଛନ୍ତି। ଏୟାରକ୍ରାଫ୍ଟରେ ବୈଷୟିକ ତ୍ରୁଟି କିମ୍ବା ବିମାନ କର୍ମଚାରୀଙ୍କ ଭୁଲ୍ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ନେଇ କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ରୁଷିଆର ବିମାନବିଧ୍ୱଂସୀ ମିଶାଇଲ୍ ମାଡ଼ରେ ବିମାନଟି ଖସିପଡ଼ିଥିବା ସାମରିକ ବିଶେଷଜ୍ଞମାନେ ସନ୍ଦେହ ପ୍ରକଟ କରିଛନ୍ତି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଥିବାବେଳେ କେତେକ ବିଦେଶୀ ଗଣମାଧ୍ୟମରେ ବିମାନ ଚଳାଚଳ ବିଶେଷଜ୍ଞଙ୍କ ମତାମତ ପ୍ରକାଶ ପାଇଛି। ବିମାନର ମୁଖ୍ୟଭାଗରେ କେତେକ ଗଭୀର ଛିଦ୍ର ଏବଂ ଟେଲ୍ ସେକ୍ସନ୍‌ରେ ଚିହ୍ନ ଥିବାରୁ ମିଶାଇଲର ଧାତବକଣା ମାଡ଼ ଯୋଗୁ ଏହା ହୋଇଥିବା ସେମାନେ ଅନୁମାନ କରୁଛନ୍ତି। ଏହି ବିମାନ ୟୁକ୍ରେନ୍‌ର ଡ୍ରୋନ୍ ସକ୍ରିୟ ଥିବା ଅଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାର ଦିନକ ପରେ ଦୁର୍ଘଟଣାକୁ ନେଇ ନାନା ସନ୍ଦେହ ଉପୁଜିଛି। ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ୍ (ନାଟୋ) ପକ୍ଷରୁ ଦୁର୍ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ଦାବି କରାଯାଇଛି। ନାଟୋ ମୁଖପାତ୍ର ଫାରାହ ଦଖଲାଲ୍ଲାହ ଏକ୍ସ'ରେ ଏକ ପୋଷ୍ଟ କରି କହିଛନ୍ତି, ଆଜରବୈଜାନ ଏୟାରଲାଇନ୍ସ ପରିଚାଳିତ ଜେ୨-୮୨୪୩ ନମ୍ବର ବିଶିଷ୍ଟ ଏମ୍ବ୍ରାଏର ୧୯୦ ଏୟାରକ୍ରାଫ୍ଟ ଦୁର୍ଘଟଣା ପଛର କାରଣ ଜାଣିବା ପାଇଁ ସମ୍ପୂର୍ଣ୍ଣ ତଦନ୍ତ କରାଯାଉ। ଏଥିସହ ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ପ୍ରକାଶ ଯେ, ବିମାନଟି ବୁଧବାର ☞ପୃଷ୍ଠା-୪



# ଚାଷୀଙ୍କୁ ହଇରାଣ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୬।୧୨(ଅନିଲ ଦାସ)

**ବୀମା କମ୍ପାନୀଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ ଚେତାବନୀ**

ଲଘୁଚାପଜନିତ ବର୍ଷା ଯୋଗୁ ରାଜ୍ୟର ଚାଷୀମାନେ ବହୁ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଧାନ ସହିତ ଡାଲିଜାତୀୟ ଫସଲ ଓ ପନିପରିବା ଚାଷ ନଷ୍ଟ ହୋଇଛି। ଚାଷୀମାନେ ବୀମାକୁ ଭରସା କରିଛନ୍ତି। ଚାଷୀଙ୍କୁ ବୀମା ପ୍ରଦାନ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ ବୀମା କମ୍ପାନୀଗୁଡ଼ିକୁ ଚେତାବନୀ ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାର କାମ କରୁଛନ୍ତି। ଚାଷୀଙ୍କୁ ହଇରାଣ କଲେ କି ଟାଳଟୁଳ ନୀତି ଦେଖାଇଲେ ସରକାର କାର୍ଯ୍ୟାନୁଷ୍ଠାନ ନେବାକୁ ପଛାଇବେ ନାହିଁ। ଫସଲବୀମା ନିୟମ କମ୍ପାନୀ ଲାଭ ପାଇଁ ନୁହେଁ।



ରାଜସ୍ୱ ମନ୍ତ୍ରୀ ସୁରେଶ ଚନ୍ଦ୍ର ପୂଜାରୀ

ଏସମୟରେ ବୀମା କମ୍ପାନୀଗୁଡ଼ିକ ଚାଷୀଙ୍କ ପ୍ରତି ସମ୍ବେଦନଶୀଳ ହେବା ଦରକାର। ଡିସେମ୍ବର ୨୪ ତାରିଖ ଯାଏ ୨୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ବୀମା ରାଶି ପାଇଁ ଆବେଦନ କରି ସାରିଲେଣି। ସେମାନଙ୍କୁ ବୀମା ରାଶି ପ୍ରଦାନ ନେଇ ବୀମା କମ୍ପାନୀଗୁଡ଼ିକ ଆଇନ ଅନୁଯାୟୀ କାମ କରିବା ଦରକାର। ପୂର୍ବ ଭଳି ବେଲାଇନ ହେଲେ ସରକାରଙ୍କ ପାଖରେ ବହୁତ ଅସ୍ତ୍ର ଅଛି। ବୀମା କମ୍ପାନୀଗୁଡ଼ିକୁ ଲାଇନକୁ ଆଣିବାକୁ ସରକାର କାର୍ଯ୍ୟାନୁଷ୍ଠାନ ନେଇପାରିବେ। ବୀମା କମ୍ପାନୀ ସହ କୃଷି ବିଭାଗ ୨ଟି ବୈଠକ କରିସାରିଛନ୍ତି। ରାଜ୍ୟର ଅନେକ ସ୍ଥାନରେ ଫସଲ ନଷ୍ଟ ହୋଇଛି। ମଣ୍ଡି ଖୋଲିବା ତାରିଖ ମଧ୍ୟ ଘୁଞ୍ଚାଇବାକୁ ହେବ। ପରିସ୍ଥିତିକୁ ନଜରରେ ରଖି ପୁଣିଥରେ ମଣ୍ଡି ଖୋଲିବା ସୂଚୀ ପ୍ରକାଶ କରାଯିବ। ଲଗାତର ବର୍ଷା ଯୋଗୁ ଏଯାଏ କ୍ଷୟକ୍ଷତି ଆକଳନ ହୋଇପାରି ନାହିଁ। କୃଷି ବିଭାଗ ସହ ଆଲୋଚନା ହୋଇଛି। ସମବାୟ ବିଭାଗର ମଧ୍ୟ ଭୂମିକା ☞ପୃଷ୍ଠା-୪

# ୧୩ ହଜାର ଦରମା, ଗର୍ଲଫ୍ରେଣ୍ଡଙ୍କୁ ୪ ବିଏଚ୍‌କେ ଫ୍ଲାଟ୍ ଉପହାର

ମୁମ୍ବାଇ, ୨୬।୧୨

ମହାରାଷ୍ଟ୍ରର ଛତ୍ରପତି ଶମ୍ଭାଜୀନଗର ବାସିନ୍ଦା ହର୍ଷଲ କୁମାର କ୍ଷୀରସାଗର(୨୩) ମାସିକ ୧୩ ହଜାର ଟଙ୍କା ରୋଜଗାର କରୁଥିବାବେଳେ ୨୧ କୋଟି ୫୯ ଲକ୍ଷ ଟଙ୍କାର ଠକେଇ କରି ଗର୍ଲଫ୍ରେଣ୍ଡଙ୍କୁ ୪ ବିଏଚ୍‌କେ ଆପାର୍ଟମେଣ୍ଟ ଉପହାରରେ ଦେଇଛନ୍ତି। ଛତ୍ରପତି ଶମ୍ଭାଜୀନଗର ଡିଭିଜନାଲ ସ୍ପୋର୍ଟସ୍ କମ୍ପ୍ଲେକ୍ସରେ ଚୁକ୍ତି ଭିତ୍ତିରେ କମ୍ପ୍ୟୁଟର ଅପରେଟର ଭାବେ କାର୍ଯ୍ୟରତ ହର୍ଷଲ ଏହି ଠକେଇ କରି ଗତ ୫ ମାସ ହେବ ବିଳାସପୂର୍ଣ୍ଣ ଜୀବନଶୈଳୀକୁ ଉପଭୋଗ କରୁଥିଲେ।



ହର୍ଷଲ କୁମାର କ୍ଷୀରସାଗର

ହର୍ଷଲ ଜଣେ ସହଯୋଗୀଙ୍କ ସହ ମିଶି ଇଣ୍ଟରନେଟ୍ ବ୍ୟାଙ୍କିଂ ମାଧ୍ୟମରେ ଡିଭିଜନାଲ ସ୍ପୋର୍ଟସ୍ କମ୍ପ୍ଲେକ୍ସରୁ ଏହି ଠକେଇ କରିଥିବା ପୋଲିସ କହିଛି। ପୋଲିସ ଗୁରୁବାର ହର୍ଷଲଙ୍କ ସହଯୋଗୀ ଯଶୋଦା ଶେଟ୍ଟୀ ଓ ତାଙ୍କ ସ୍ୱାମୀ ବି.କେ. ଜୀବନଙ୍କୁ ଗିରଫ କରିଛି। ହର୍ଷଲ ଏବେ ଫେରାର୍ ଥିବାବେଳେ ପୋଲିସ ତାଙ୍କୁ ଖୋଜିବାକୁ ପ୍ରୟାସ ଜାରି ରଖିଛି। ତେବେ ଏହି ମାମଲାରେ ଅନ୍ୟ ବ୍ୟକ୍ତିଙ୍କର ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରୁଛି।

ପୋଲିସ କହିଛି, ହର୍ଷଲ ପ୍ରଥମେ କ୍ରୀଡ଼ା ବିଭାଗର ପୁରୁଣା ଲେଟର ହେଡ୍‌କୁ ବ୍ୟବହାର କରି ଶମ୍ଭାଜୀନଗର ଡିଭିଜନାଲ ସ୍ପୋର୍ଟସ୍ କମ୍ପ୍ଲେକ୍ସର ବ୍ୟାଙ୍କ ଆକାଉଣ୍ଟ ସହ ଜଡ଼ିତ ଇ-ମେଲ ଠିକଣାକୁ ବଦଳାଇବା ପାଇଁ ବ୍ୟାଙ୍କକୁ ଅନୁରୋଧ କରିଥିଲେ। ଏନେଇ ବ୍ୟାଙ୍କଠାରୁ ଅନୁମତି ପାଇବା ପରେ ସେ ସ୍ପୋର୍ଟସ୍ କମ୍ପ୍ଲେକ୍ସର ପୁରୁଣା ଇ-ମେଲରେ ମାତ୍ର ଗୋଟିଏ ଅକ୍ଷର ପରିବର୍ତ୍ତନ କରି ଅବିକଳ ନୂତନ ଇ-ମେଲ ଆଇଡି ପ୍ରସ୍ତୁତ କରିଥିଲେ। ସ୍ପୋର୍ଟସ୍ କମ୍ପ୍ଲେକ୍ସର ବ୍ୟାଙ୍କ୍ ଆକାଉଣ୍ଟ ସହ ନୂଆ ଇ-ମେଲ ଆଇଡି ସଂଯୋଗ ଥିବାରୁ ଟଙ୍କା ନେଣଦେଣ ପାଇଁ ଆବଶ୍ୟକ ଓଟିପି ହର୍ଷଲଙ୍କ ନିକଟକୁ ଆସିଥିଲା। ଏହାପରେ ସେ ନୂତନ ଇ-ମେଲ ଆଇଡି ସହ ଡିଜିଟାଲ ସ୍ପୋର୍ଟସ କମ୍ପ୍ଲେକ୍ସ କମିଟିର ଆକାଉଣ୍ଟରେ ସକ୍ରିୟ ନେଟ୍ ବ୍ୟାଙ୍କିଙ୍ଗ ସେବା ଆରମ୍ଭ କରିଥିଲେ। ଗତ ଜୁଲାଇ ୧ରୁ ୭ ମଧ୍ୟରେ ହର୍ଷଲ ନିଜର ଏବଂ ☞ପୃଷ୍ଠା-୪

# ୫ ପାଲେଷ୍ଟିନୀୟ ଖବରଦାତା ନିହତ

## ଗାଜା ହସ୍ପିଟାଲ ବାହାରେ ଇସ୍ରାଏଲ୍‌ର ଆକ୍ରମଣ

**ଗାଜା ସିଟି,୨୬।୧୨(ଏ.ପି.)**

ଇସ୍ରାଏଲୀ ସୈନ୍ୟ ଗୁରୁବାର ଭୋର ସମୟରେ ଗାଜା ଷ୍ଟ୍ରିପ୍‌ର ଏଲ୍-ଅୱଦା ହସ୍ପିଟାଲ ବାହାରେ ଆକ୍ରମଣ କରିଛି। ଏଥିରେ ନିହତ ହୋଇଥିବା ୨୧ ଜଣଙ୍କ ମଧ୍ୟରେ କ୍ୱାଡ୍ସ ନ୍ୟୁଜ୍ ନେଟ୍‌ୱର୍କର ୫ ଖବରଦାତା ଥିବା ପାଲଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କିନ୍ତୁ ଇସ୍ରାଏଲୀ ସେନା ଏହାକୁ ଖଣ୍ଡନ କରିବା ସହ ଇସ୍‌ଲାମିକ୍ ଜିହାଦ ଆତଙ୍କବାଦୀଙ୍କ ଏକ ଗାଡ଼ି ଉପରକୁ ଟାର୍ଗେଟ କରିଥିବା କହିଛି।

ପାଲେଷ୍ଟାଇନ୍ ଜର୍ନାଲିଷ୍ଟ ୟୁନିୟନ୍ ପକ୍ଷରୁ ଜାରି ଏକ ବିବୃତିରେ ଇସ୍ରାଏଲ୍‌ର ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। କେନ୍ଦ୍ରୀୟ ଗାଜାର ଅଲ୍-ନୁସେଇରାତ ଶରଣାର୍ଥୀ ଶିବିରରେ ଥିବା ଅଲ୍-ଅୱଦା ହସ୍ପିଟାଲ ସମ୍ମୁଖରେ ଅଲ୍-କ୍ୱାଡ୍ସ ନ୍ୟୁଜ୍ ଚ୍ୟାନେଲର ଏକ ଭ୍ୟାନ୍ ଛିଡ଼ାହୋଇଥିଲା। ଉକ୍ତ ଗାଡ଼ିକୁ ଟାର୍ଗେଟକରି ୫ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। ୨୦୧୩ ଅକ୍ଟୋବରରେ ଯୁଦ୍ଧ ଆରମ୍ଭ ହେବା ପରଠୁ ଅଦ୍ୟାବଧି ଇସ୍ରାଏଲ ଆକ୍ରମଣରେ ୧୯୦ ପାଲେଷ୍ଟିନୀୟ ଖବରଦାତାଙ୍କ ଜୀବନ ଗଲାଣି। ଖବରଦାତାମାନେ ନିଜ ଗଣମାଧ୍ୟମ ଓ ମାନବୀୟ କର୍ତ୍ତବ୍ୟ ପାଳନ କରୁଥିବାବେଳେ ଇସ୍ରାଏଲ୍ ସେମାନଙ୍କୁ ହତ୍ୟା କରିଛି। ସେହିପରି କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ ପକ୍ଷରୁ ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରାଯାଇଛି। ଇସ୍ରାଏଲ୍ ବିଦେଶୀ ସାମ୍ବାଦିକଙ୍କୁ ଗାଜାକୁ ପ୍ରବେଶ କରିବାକୁ ଦେଉ ନ ଥିବା ଏହି ସଂସ୍ଥା କହିଛି।

ଅନ୍ୟପକ୍ଷେ ଇସ୍ରାଏଲୀ ସେନାର କହିବା ହେଲା, ନୁସେଇରାତ ଅଞ୍ଚଳରେ ଇସ୍‌ଲାମୀୟ ଜିହାଦ ଆତଙ୍କବାଦୀଙ୍କ ସେଲ୍‌ର ଏକ ଗାଡ଼ିକୁ ଟାର୍ଗେଟ କରାଯାଇଛି। ଗତ ୨ ଦଶନ୍ଧି ମଧ୍ୟରେ ଇସ୍ରାଏଲ୍ ବିରୋଧରେ ଅନେକ ଯୁଦ୍ଧ ଲଢ଼ିସାରିଥିବା ହମାସ୍‌ର ସହଯୋଗୀ ତଥା ଇରାନ୍ ସମର୍ଥିତ ଇସ୍‌ଲାମିକ୍ ଜିହାଦ ଗ୍ରୁପ୍ ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ନିଜ ଅଭିଯାନକୁ ଜୋର୍‌ଦାର କରିଆସିଛି। ଇସ୍ରାଏଲ୍‌ରୁ ପଣବନ୍ଦୀ ହୋଇଥିବା ଶତାଧିକ ଲୋକ ଏହି ଆତଙ୍କବାଦୀ ସଙ୍ଗଠନ ଛତ୍ରଛାୟା ତଳେ ରହିଥିବା କୁହାଯାଉଛି।




ସିଭିଲ୍ ଡିଫେନ୍ସ ସଦସ୍ୟମାନେ ଗାଜାସ୍ଥିତ ଅଲ୍-ଅୱଦା ହସ୍ପିଟାଲ ବାହାରେ ଅଲ୍-କ୍ୱାଡ୍ସ ନ୍ୟୁଜ୍ ବ୍ରଡ୍‌କାଷ୍ଟ ଭ୍ୟାନ୍‌ରେ ଲାଗିଥିବା ନିଆଁ ଲିଭାଉଛନ୍ତି।

ପ୍ରକାଶ ଯେ, ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍‌ର ଦକ୍ଷିଣ ଭାଗରେ ହମାସ୍ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ୧,୨୦୦ ନିହତ ହୋଇଥିଲେ। ସେତେବେଳେ ହମାସ୍ ଫାଇଟରମାନେ ୨୫୧ ଜଣଙ୍କୁ ଅପହରଣକରି ପଣବନ୍ଦୀ ରଖିଥିଲେ। ଏହାର ଜବାବରେ ଗାଜାରେ ଇସ୍ରାଏଲ୍‌ର ହମାସ୍ ବିରୋଧୀ ଅଭିଯାନରେ ୪୫,୩୦୦ରୁ ଉର୍ଦ୍ଧ୍ୱ ପାଲେଷ୍ଟିନୀୟ ନିହତ ହେଲେଣି। ୨.୩ ନିୟୁତ ଜନସଂଖ୍ୟା ମଧ୍ୟରୁ ୯୦% ବାସଚ୍ୟୁତ ହୋଇ ବିସ୍ଥାପିତ ହେଲେଣି। ବିସ୍ଥାପିତ ପାଲେଷ୍ଟିନୀୟମାନେ ଶୀତ କାକରରେ ଶରଣାର୍ଥୀ ଶିବିରଗୁଡ଼ିକରେ ଜୀବନ ବିତାଉଥିବାବେଳେ ସେମାନଙ୍କୁ ପୁଣି ଟାର୍ଗେଟ କରାଯାଉଛି ବୋଲି ହମାସ୍ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ପ୍ରଶଂସକଙ୍କୁ ନିୟନ୍ତ୍ରଣରେ ରଖିବା ସେଲିବ୍ରେଟିଙ୍କ ଦାୟିତ୍ୱ: ତେଲଙ୍ଗାନା ମୁଖ୍ୟମନ୍ତ୍ରୀ

**ହାଇଦ୍ରାବାଦ, ୨୬।୧୨**

'ପୁଷ୍ପା ୨' ଫିଲ୍ମର ସ୍କ୍ରିନ୍ ଦଳାଚକଟାକୁ ନେଇ ବିବାଦ ଜାରି ରହିଥିବାବେଳେ ଗୁରୁବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଟଲିଉଡ୍ ଇଣ୍ଡଷ୍ଟ୍ରିର ପ୍ରମୁଖ ନିର୍ଦ୍ଦେଶକ, ଫିଲ୍ମ ନିର୍ମାତା, ଅଭିନେତ୍ରୀ ଏବଂ ଅଭିନେତାମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ ରେଭନ୍ତ କହିଛନ୍ତି, ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ସମସ୍ତଙ୍କର ଦାୟିତ୍ୱ। ସେହିପରି ରୋଡ୍ ଶୋ କରୁଥିବା ସମୟରେ ପ୍ରଶଂସକମାନଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି ସେଲିବ୍ରେଟିମାନଙ୍କର ଦାୟିତ୍ୱ। ତେଲଙ୍ଗାନାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ରାଜ୍ୟ ସରକାର କୌଣସି ବୁଝାମଣା କରିବେ ନାହିଁ। ସେହିପରି ରିଲିଜ୍ ହେବା ପୂର୍ବରୁ ପ୍ରମୋଶନ ପାଇଁ ଚଳଚ୍ଚିତ୍ର ଗୁଡ଼ିକ ପକ୍ଷରୁ କରାଯାଉଥିବା ସ୍ପେଶିଆଲ ସ୍କ୍ରିନିଂ ଉପରେ ରାଜ୍ୟ ସରକାର କଟକଣା ଜାରି କରିଛନ୍ତି ବୋଲି ରେଭନ୍ତ ଏହି ବୈଠକରେ ସୂଚନା ଦେଇଛନ୍ତି।

## ସରକାରୀ ବାବୁ ଆର୍‌ଟିଆଇ ବାହାରେ ନୁହନ୍ତି: ହାଇକୋର୍ଟ

**ଚେନ୍ନାଇ,୨୬।୧୨**

ସରକାରୀ କର୍ମଚାରୀମାନଙ୍କ ସମ୍ପତ୍ତି ଓ ଋଣ ବ୍ୟକ୍ତିଗତ ନୁହେଁ। ସୂଚନା ଅଧିକାର (ଆର୍‌ଟିଆଇ) ଆଇନର ଧାରା ୮ ବଳରେ ସେମାନେ ସର୍ଭିସ ରେଜିଷ୍ଟରରେ ନିଜ ସମ୍ପତ୍ତି ସମ୍ପର୍କରେ ଉଲ୍ଲେଖ କରିବା ବାଧ୍ୟତାମୂଳକ ବୋଲି ମାଡ୍ରାସ ହାଇକୋର୍ଟ ରାୟ ଦେଇଛନ୍ତି। ଡିସେମ୍ବର ୨୦ରେ ଜଷ୍ଟିସ୍ ସି.ଭି. କାର୍ତ୍ତିକେୟନଙ୍କ ଖଣ୍ଡପୀଠ କହିଥିଲେ, ସରକାରୀ କର୍ମଚାରୀଙ୍କ ସେବା ପଞ୍ଜିକାରେ କେତେକ ବ୍ୟକ୍ତିଗତ ତଥ୍ୟ ଥାଇପାରେ। ଅଧିକାରୀମାନେ ଏଭଳି ରେଜିଷ୍ଟରରୁ ସମସ୍ତ ତଥ୍ୟ ପ୍ରଘଟ କରିବାକୁ ମନା କରିପାରିବେ ନାହିଁ। ତେବେ ସେମାନଙ୍କ ସର୍ଭିସ ରେକର୍ଡରୁ ତଥ୍ୟ ହାସଲ ପାଇଁ ଅନ୍ୟ ନାଗରିକମାନଙ୍କୁ ବାରଣ କରାଯାଇପାରିବ ନାହିଁ। ଏଥିରେ ସେମାନଙ୍କ ଚାକିରିରେ ଯୋଗଦାନ ତାରିଖ, ବିଭିନ୍ନ ସମୟରେ ହୋଇଥିବା ବଦଳି, ଅନମୋଦିତ ଦରମା ବୃଦ୍ଧି, ନେଇଥିବା ଛୁଟି ଏବଂ ସେବା କାଳରେ ମିଳିଥିବା ଦଣ୍ଡ ସମ୍ପର୍କରେ ଉଲ୍ଲେଖ ରହିବ। ଏହି ବିବରଣୀ ବିଶେଷ କରି ଯୋଗଦାନ ତାରିଖ ଏବଂ ପଦୋନ୍ନତି ସମୟର ବୟସ ନିର୍ଦ୍ଦିଷ୍ଟ ଭାବରେ ବ୍ୟକ୍ତିଗତ ସୂଚନା ନୁହେଁ ବୋଲି ବିଚାରପତି କାର୍ତ୍ତିକେୟନ ସ୍ପଷ୍ଟ କରିଥିଲେ।

## ୮ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ: ପ୍ରତିବାଦ କରିବାରୁ ହତ୍ୟା

**ବାରାଣସୀ, ୨୬।୧୨**

ଉତ୍ତର ପ୍ରଦେଶର ବାରାଣସୀରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ସୁଜାବାଦ ଅଞ୍ଚଳରେ ବୁଧବାର ଇର୍‌ଶାଦ ନାମକ ଜଣେ ଯୁବକ ଏକ ୮ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଶିଶୁକନ୍ୟା ଜଣକ ଏଥିରେ ପ୍ରତିବାଦ କରିବାରୁ ଇର୍‌ଶାଦ କ୍ଷୁବ୍ଧ ହୋଇ ତାଙ୍କୁ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ଘଟାଇବା ପରେ ଇର୍‌ଶାଦ ଶିଶୁକନ୍ୟାଙ୍କ ମୃତଦେହକୁ ଅଖାରେ ପୂରାଇ ଏକ ସ୍କୁଲ ସମ୍ମୁଖରେ ପକାଇ ଦେଇଥିଲେ। ଗୁରୁବାର ପୋଲିସ ଅଭିଯୁକ୍ତ ଇର୍‌ଶାଦଙ୍କୁ ଏନ୍‌କାଉଣ୍ଟର କରି ଗିରଫ କରିଛି। ଏନ୍‌କାଉଣ୍ଟରରେ ଇର୍‌ଶାଦଙ୍କ ଆଣ୍ଠୁରେ ଗୁଳି ବାଜିଛି ଏବଂ ସେ ଆହତ ହୋଇଛନ୍ତି। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି। ତେବେ ଇର୍‌ଶାଦ ମୃତ ଶିଶୁକନ୍ୟାଙ୍କ ପଡ଼ୋଶୀ ହୋଇଥିବା ତଦନ୍ତରୁ ଜଣାପଡ଼ିଛି।

## ଭାଜପାକୁ ସର୍ବାଧିକ ୨,୨୪୪ କୋଟି ଚାନ୍ଦା

### କଂଗ୍ରେସଠାରୁ ଅଧିକ ପାଇଛି ବିଆର୍‌ଏସ୍

**ନୂଆଦିଲ୍ଲୀ,୨୬।୧୨**

ଭାରତୀୟ ଜନତା ପାର୍ଟି (ଭାଜପା) ୨୦୨୩-୨୪ ବର୍ଷରେ ୨,୨୪୪ କୋଟି ଟଙ୍କା ଚାନ୍ଦା ପାଇଛି, ଯାହାକି କଂଗ୍ରେସର ଚାନ୍ଦା ତୁଳନାରେ ୭୭୬.୮୨ ପ୍ରତିଶତ ଅଧିକ। କଂଗ୍ରେସକୁ ୨୮୯ କୋଟି ଟଙ୍କା ଚାନ୍ଦା ମିଳିଛି। ଅନ୍ୟପକ୍ଷରେ କେ. ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ୫୮୦ କୋଟି ଟଙ୍କା ଚାନ୍ଦା ସଂଗ୍ରହ କରିଥିବା ଜଣାପଡ଼ିଛି।

୨୦ ହଜାର ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ ଚାନ୍ଦାକୁ ହିସାବକୁ ନେଇ ଏହି ତଥ୍ୟ ପ୍ରକାଶ ପାଇଛି। ୨୦୨୨-୨୩ ବର୍ଷରେ ଭାଜପା ପାଇଥିବା ଚାନ୍ଦା ତୁଳନାରେ ୨୦୨୩-୨୪ ବର୍ଷରେ ୩ ଗୁଣରୁ ଅଧିକ ଚାନ୍ଦା ପାଇଛି। ଗତବର୍ଷ କଂଗ୍ରେସ ୭୯.୯ କୋଟି ଟଙ୍କା ଚାନ୍ଦା ପାଇଥିଲା। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଭାଜପା ଏବଂ କଂଗ୍ରେସକୁ ସର୍ବାଧିକ ଚାନ୍ଦା ଦେଇଛି। ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ ତଥ୍ୟ ଅନୁଯାୟୀ, ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟରୁ ଭାଜପାକୁ ୭୨୩ କୋଟି ଏବଂ କଂଗ୍ରେସକୁ ୧୫୬ କୋଟି ଟଙ୍କା ଚାନ୍ଦା ମିଳିଛି। ଉକ୍ତ ଟ୍ରଷ୍ଟରୁ ବିଆର୍‌ଏସ୍‌କୁ ୮୫ କୋଟି ମିଳିଥିବାବେଳେ ଜଗନମୋହନ ରେଡ୍ଡୀଙ୍କ ୱାଇଏସ୍‌ଆର୍‌ସିପି ୬୨.୫ କୋଟି ଟଙ୍କା ପାଇଛି। ଗତବର୍ଷ ଆପ୍‌କୁ ୩୭.୧ କୋଟି ମିଳିଥିବାବେଳେ ୨୦୨୩-୨୪ ବର୍ଷରେ ୧୧.୧ କୋଟି ଟଙ୍କା ମିଳିଛି। ସେହିପରି ସିପିଆଇ(ଏମ୍)କୁ ୨୦୨୩-୨୪ରେ ୭.୬ କୋଟି ଟଙ୍କା ମିଳିଛି।

## ଲୋକ ସଭା ନିର୍ବାଚନରେ ଅଧିକ ମହିଳା ଭୋଟ ଦେଇଥିଲେ



**ନୂଆଦିଲ୍ଲୀ,୨୬।୧୨(ପି.ଟି.)**

ଭାରତର ନିର୍ବାଚନ ଆୟୋଗ (ଇସିଆଇ) ଗୁରୁବାର ସର୍ବବୃହତ୍ ନିର୍ବାଚନୀ ଡେଟାସେଟ୍ ଉନ୍ମୋଚନ କରିଛନ୍ତି। ଏଥିରେ ୨୦୨୪ ଲୋକ ସଭା ନିର୍ବାଚନ ସମ୍ପର୍କିତ ୪୨ଟି ପରିସଂଖ୍ୟାନ ରିପୋର୍ଟ ଏବଂ ୪ ରାଜ୍ୟ ବିଧାନସଭା ନିର୍ବାଚନ ଉପରେ ୧୪ଟି ଲେଖାଏ ରିପୋର୍ଟ ରହିଛି। ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ପ୍ରଥମ ଭାଗରେ ହୋଇଥିବା ଲୋକ ସଭା ନିର୍ବାଚନରେ ମୋଟ ୬୪.୬୪ କୋଟି ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରିଥିଲେ, ଯେଉଁଥିରେ ମହିଳା ଭୋଟରଙ୍କ ମତଦାନ ହାର ଅଧିକ ରହିଥିଲା। ମହିଳାଙ୍କ ମତଦାନ ହାର ୬୫.୭୮ ପ୍ରତିଶତ ହୋଇଥିବାବେଳେ ପୁରୁଷଙ୍କ ହାର ୬୫.୫୫ ପ୍ରତିଶତ ଥିଲା। ବିଶ୍ୱର ଅନ୍ୟ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ପରିଚାଳନାକାରୀ ସଂସ୍ଥା ଏଭଳି ବିଶାଳ ତଥ୍ୟ ଶେୟାର କରି ନ ଥାଏ ବୋଲି ଇସିଆଇ କର୍ତ୍ତୃପକ୍ଷ କହିଛନ୍ତି।

ଲୋକ ସଭା ନିର୍ବାଚନ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ ଏବଂ ଅରୁଣାଚଳପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ତେବେ ନିର୍ବାଚନ କମିଶନ ତଥ୍ୟ ପ୍ରଘଟ କରୁ ନ ଥିବା ଅଭିଯୋଗ ହୋଇଥିବାବେଳେ ଏହି ଡେଟାସେଟ୍ ପ୍ରକାଶ ପାଇଛି। ଇସିଙ୍କ ଏହି ପଦକ୍ଷେପ ଭାରତର ନିର୍ବାଚନୀ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ବଢ଼ାଇବ ବୋଲି କୁହାଯାଉଛି। ଲୋକ ସଭା ନିର୍ବାଚନରେ ୮୦୦ ମହିଳା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯାହାକି ୨୦୧୯ ନିର୍ବାଚନରେ ୭୨୬ ଥିଲା। ମହାରାଷ୍ଟ୍ରରେ ସର୍ବାଧିକ ୧୧୧ ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ଉତ୍ତରପ୍ରଦେଶରେ ୮୦ ଏବଂ ତାମିଲନାଡୁରେ ୭୭ ମହିଳା ପ୍ରାର୍ଥୀ ଥିଲେ। ଏହା ସତ୍ତ୍ୱେ ୫୪୩ ଆସନ ମଧ୍ୟରୁ ୧୫୨ ଆସନରେ କୌଣସି ମହିଳା ପ୍ରାର୍ଥୀ ହୋଇ ନ ଥିଲେ।

ଏଥର ନିର୍ବାଚନ ପାଇଁ ମୋଟ ପଞ୍ଜୀକୃତ ଭୋଟରଙ୍କ ସଂଖ୍ୟା ୯୭.୯୭ କୋଟି ଥିଲା, ଯାହା ୨୦୧୯ ତୁଳନାରେ ୭.୪୩ ପ୍ରତିଶତ ଅଧିକ। ୨୦୧୯ରେ ମୋଟ ଭୋଟରଙ୍କ ସଂଖ୍ୟା ୯୧୦୧୯ କୋଟି ରହିଥିଲା। ୨୦୧୯ରେ ମୋଟ ୬୧.୪ କୋଟି ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଥିବାବେଳେ ଏଥର ଏହି ସଂଖ୍ୟା ୬୪.୬୪ କୋଟିକୁ ବୃଦ୍ଧି ପାଇଥିଲା। ଇଭିଏମ୍ ଏବଂ ପୋଷ୍ଟାଲ ବାଲଟ ଜରିଆରେ ମୋଟ ୬୪,୬୪,୨୦,୮୬୯ ଭୋଟ ପଡ଼ିଥିବାବେଳେ କେବଳ ଇଭିଏମ୍ ଭୋଟ ପରିମାଣ ୬୪,୨୧,୩୯,୨୭୫ ଥିଲା। ସେଥିରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୩୨,୯୩,୬୧,୯୪୮ ହୋଇଥିବାବେଳେ ମହିଳା ଭୋଟର ୩୧,୨୭,୬୪,୨୬୯ ଜଣ। ୧୩ ହଜାରରୁ ସାମାନ୍ୟ ଅଧିକ ତୃତୀୟ ଲିଙ୍ଗୀ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବାବେଳେ ପାଖାପାଖି ୪୩ ଲକ୍ଷ ଭୋଟର ପୋଷ୍ଟାଲ ବାଲଟ ବିକଳ୍ପ ବାଛିଥିଲେ। ଆସାମର ଧୁବ୍ରୀ ସଂସଦୀୟ କ୍ଷେତ୍ରରେ ସର୍ବାଧିକ ୯୨.୩ ପ୍ରତିଶତ ମତଦାନ ହୋଇଥିବାବେଳେ ଜମ୍ମୁ-କଶ୍ମୀରର ଶ୍ରୀନଗରରେ ସର୍ବନିମ୍ନ ୩୮.୭ ପ୍ରତିଶତ ଭୋଟ ପଡ଼ିଥିଲା। ୧୧ ସଂସଦୀୟ କ୍ଷେତ୍ରରେ ମତଦାନ ହାର ୫୦ ପ୍ରତିଶତରୁ କମ୍ ରହିଥିଲା। ମୋଟ ୧୦.୫୨ ଲକ୍ଷ ମତଦାନ କେନ୍ଦ୍ର ମଧ୍ୟରୁ ୪୦ଟିରେ ପୁନଃ ମତଦାନ ହୋଇଥିଲା, ଯାହାକି ୨୦୧୯ରେ ୫୪୦ ଭୋଟକେନ୍ଦ୍ରରେ ପୁନର୍ବାର ଭୋଟ ହୋଇଥିଲା। ବିଭିନ୍ନ କାରଣରୁ ବିଦେଶରେ ରହୁଥିବା ତଥା ଭାରତରେ ଭୋଟ ଦେବାକୁ ଯୋଗ୍ୟ ବିବେଚିତ ଭାରତୀୟ ଭୋଟରମାନେ ଏଠାକୁ ଆସି ମୂଳ ପାସ୍‌ପୋର୍ଟ ଏବଂ ପରିଚୟ ପ୍ରମାଣ ଦେଖାଇ ମତଦାନ କରିଥିଲେ।

### ଅମାନତ ହରାଇଥିଲେ ୮୬% ପ୍ରାର୍ଥୀ

୨୦୨୪ ଲୋକ ସଭା ନିର୍ବାଚନ ଲଢ଼ିଥିବା ୮୬ ପ୍ରତିଶତ ପ୍ରାର୍ଥୀ ଅମାନତ ହରାଇଥିଲେ। ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ଗୁରୁବାର ଜାରି ପରିସଂଖ୍ୟାନ ତଥ୍ୟ ଅନୁସାରେ ଗତ ଲୋକ ସଭା ନିର୍ବାଚନରେ ୧୨,୪୫୯ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସେମାନଙ୍କ ମଧ୍ୟରୁ ୮,୩୬୦ ଜଣଙ୍କ ପ୍ରାର୍ଥିତ୍ୱ କାଏମ ରହିଥିଲା। ତେବେ ନିର୍ବାଚନରେ ୭,୧୯୦ ଜଣ ଅର୍ଥାତ୍ ୮୬% ପ୍ରାର୍ଥୀ ଅମାନତ ହରାଇଥିଲେ। ଜମାନତ ହରାଇଥିବା ୭,୧୯୦ ପ୍ରାର୍ଥୀଙ୍କ ମଧ୍ୟରୁ ୫୮୪ ଜଣ ୬ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ହୋଇଥିବାବେଳେ ଆଞ୍ଚଳିକ ଦଳର ୬୮ ରହିଥିଲେ। ସେହିପରି ୨,୬୩୩ ଜଣ ପଞ୍ଜୀକୃତ ଓ ଅଣପଞ୍ଜୀକୃତ ରାଜନୈତିକ ଦଳର ପ୍ରାର୍ଥୀ ରହିଥିଲେ। ଅନ୍ୟ ୩,୦୯୫ ଜଣ ସ୍ୱାଧୀନ ପ୍ରାର୍ଥୀ ଅମାନତ ହରାଇଥିଲେ। ଲୋକ ସଭା ନିର୍ବାଚନରେ ଅମାନତ ଜମା ରାଶି ୨୫,୦୦୦ ଟଙ୍କା ରହିଥିବାବେଳେ ଏସ୍‌ସି/ଏସ୍‌ଟି ପ୍ରାର୍ଥୀଙ୍କ ପାଇଁ ଏହାର ଅଧା ଧାର୍ଯ୍ୟ କରାଯାଇଛି। ଏହା ପୂର୍ବରୁ ୨୦୧୯ରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନରେ ୧୧,୬୯୨ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ୮,୦୫୪ ଜଣ ଲଢ଼ିଥିଲେ। ସେମାନଙ୍କ ମଧ୍ୟରୁ ୬,୯୨୩ ପ୍ରାର୍ଥୀ ଅମାନତ ହରାଇଥିବା ଇସିଙ୍କ ସୂତ୍ରରୁ ପ୍ରକାଶ।

## ୧୭ ଶିଶୁଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର

**ନୂଆଦିଲ୍ଲୀ, ୨୬।୧୨ (ପି.ଟି.)**

ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ଗୁରୁବାର ଆୟୋଜିତ ଏକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୭ଟି ବିଭିନ୍ନ ବର୍ଗରେ ଅସାଧାରଣ ଉପଲବ୍ଧି ପାଇଁ ୧୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧୭ ଶିଶୁଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ସମ୍ମାନ ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୭ ବାଳକ ଏବଂ ୧୦ ବାଳିକା ରହିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ସମସ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇବା ସହ ପୂରା ଦେଶ ଓ ସମାଜ ସେମାନଙ୍କୁ ନେଇ ଗର୍ବ କରୁଛି ବୋଲି କହିଛନ୍ତି। ଶିଶୁମାନଙ୍କର ଅସୀମିତ ସାମର୍ଥ୍ୟ ସର୍ବଦା ରାଷ୍ଟ୍ର ବିକାଶରେ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି। ଗତବର୍ଷ ୧୧ ଶିଶୁଙ୍କୁ ଏହି ପୁରସ୍କାର ଦିଆଯାଇଥିଲା।




ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଅରବ ଭରଦ୍ୱାଜଙ୍କୁ 'ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର' ପ୍ରଦାନ କରୁଛନ୍ତି।

## ଭାରତର ବିକୃତ ମାନଚିତ୍ର ଦେଖାଇଛି କଂଗ୍ରେସ: ଭାଜପା



**ନୂଆଦିଲ୍ଲୀ, ୨୬।୧୨**

କର୍ଣ୍ଣାଟକର ବେଲଗାଭିରେ ଚାଲିଥିବା କଂଗ୍ରେସର ସିଡବ୍ଲ୍ୟୁସି ବୈଠକରେ ଭାରତର ବିକୃତ ମାନଚିତ୍ର ସହ ଏକ ସ୍ୱାଗତ ବ୍ୟାନର ଲଗାଯାଇଥିବା ନେଇ ଗୁରୁବାର ଭାଜପା ଅଭିଯୋଗ ଆଣିଛି। ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ଏନେଇ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, କଂଗ୍ରେସ ଦ୍ୱାରା ପ୍ରଦର୍ଶିତ ମାନଚିତ୍ରରେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ଏବଂ ଅକ୍ସାଇ ଚାଇନାକୁ ଭାରତର ଅଂଶ ରୂପେ ପ୍ରଦର୍ଶିତ କରାଯାଇ ନାହିଁ। ସେହିପରି ଏହି ମାନଚିତ୍ରରେ ମହାତ୍ମା ଗାନ୍ଧୀଙ୍କ ଫଟୋ ବ୍ୟବହାର କରି କଂଗ୍ରେସ ଦଳ କ'ଣ ସନ୍ଦେଶ ଦେବାକୁ ଚାହୁଁଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଫୁର୍‌ସତ

## ଅର୍ଜୁନଙ୍କ ନାଁରେ ଅନ୍‌ଲାଇନ ଠକେଇ



ଅର୍ଜୁନ କପୁର

**ମୁମ୍ବାଇ:** ବଲିଉଡ୍ ଅଭିନେତା ଅର୍ଜୁନ କପୁର ଗୁରୁବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାରକରି ନିଜ ପ୍ରଶଂସକମାନଙ୍କୁ ଅନ୍‌ଲାଇନ ଫ୍ରଡ୍‌ଠାରୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଛନ୍ତି। ଜଣେ ବ୍ୟକ୍ତି ତାଙ୍କ ମ୍ୟାନେଜର ଭାବେ ନିଜକୁ ପରିଚୟ ଦେଇ ଲୋକଙ୍କୁ ଠକୁଥିବା ନେଇ ଅର୍ଜୁନ କହିଛନ୍ତି। ଅର୍ଜୁନ ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଲେଖିଛନ୍ତି, " ଜଣେ ସନ୍ଦିଗ୍ଧ ବ୍ୟକ୍ତି ମୋର ନାମ ନେଇ ଲୋକଙ୍କ ସହ ଯୋଗାଯୋଗ କରୁଛନ୍ତି। ସେ ମୋର ମ୍ୟାନେଜର ବୋଲି ନିଜକୁ ଦାବି କରୁଛନ୍ତି। ସେ ଏକ ଫେକ୍ ଆକାଉଣ୍ଟ ମାଧ୍ୟମରେ ମୋ ସହ ଯୋଗାଯୋଗ କରିବା ପାଇଁ ଲୋକଙ୍କୁ ଏକ ସନ୍ଦିଗ୍ଧ ଲିଙ୍କ୍‌ରେ କ୍ଲିକ୍ କରିବାକୁ କହି ସେମାନଙ୍କର ବ୍ୟକ୍ତିଗତ ତଥ୍ୟ ହାସଲ କରୁଛନ୍ତି। ଯଦି ଆପଣମାନଙ୍କୁ ଏପରି ମେସେଜ ଆସୁଛି, ତେବେ ଉକ୍ତ ଆକାଉଣ୍ଟକୁ ରିପୋର୍ଟ ମାରନ୍ତୁ ଏବଂ ସୁରକ୍ଷିତ ଓ ସତର୍କ ରୁହନ୍ତୁ।" ଏପରି ଲିଙ୍କ୍ ଉପରେ କ୍ଲିକ୍ କରନ୍ତୁ ନାହିଁ ଏବଂ କୌଣସି ସନ୍ଦିଗ୍ଧ ପ୍ଲାଟ୍‌ଫର୍ମରେ ନିଜ ବ୍ୟକ୍ତିଗତ ସୂଚନାକୁ ଶେୟାର କରନ୍ତୁ ନାହିଁ ବୋଲି ଅର୍ଜୁନ ତାଙ୍କ ଫଲୋଅର୍ସମାନଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରକାଶ ଯେ, ନିକଟରେ ଅର୍ଜୁନଙ୍କୁ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ମଲ୍ଟି ଷ୍ଟାରର ଫିଲ୍ମ 'ସିଂଘମ ଏଗେନ୍'ରେ ନଜରକୁ ଆସିଥିଲେ। ଏହି ଚଳଚ୍ଚିତ୍ରରେ ତାଙ୍କର ଖଳନାୟକ ଭୂମିକାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ।

## ସଫେଇ କର୍ମଚାରୀଙ୍କୁ ସରପ୍ରାଇଜ୍

**ଅସ୍ତାନା:** ଯେତେବେଳେ କୌଣସି ବ୍ୟକ୍ତି ଉଚ୍ଚ ପଦବୀରେ ପହଞ୍ଚିଥାନ୍ତି, ସେତେବେଳେ ପ୍ରାୟତଃ ସେମାନେ ଅହଂକାରୀ ହୋଇ ନିମ୍ନ ଶ୍ରେଣୀରେ କାର୍ଯ୍ୟରତ ଲୋକଙ୍କୁ ଅଶାଳୀନ ବ୍ୟବହାର କରିଥାନ୍ତି। କିନ୍ତୁ ପ୍ରତ୍ୟେକ ବ୍ୟକ୍ତି ଏପରି ହୋଇ ନ ଥାନ୍ତି। କେତେଜଣ ବ୍ୟକ୍ତି ନିମ୍ନ ବର୍ଗରେ କାର୍ଯ୍ୟରତ ବ୍ୟକ୍ତିଙ୍କୁ ମଧ୍ୟ ଯଥେଷ୍ଟ ସମ୍ମାନ ପ୍ରଦାନ କରିଥାନ୍ତି। ନିକଟରେ ଇନ୍‌ଷ୍ଟାଗ୍ରାମରେ ଭାଇରାଲ ହୋଇଥିବା ଏକ ଭିଡିଓରେ କାଜାଖସ୍ଥାନର ଜଣେ ଶିକ୍ଷକ ଏହା ପ୍ରମାଣ କରି ଦେଖାଇଛନ୍ତି। ଉକ୍ତ ଭିଡିଓରେ ଜଣେ ଶିକ୍ଷକ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ସମୟରେ ହଠାତ୍ ଜଣେ ମହିଳା ସଫେଇ କର୍ମଚାରୀଙ୍କୁ ଡାକି ନିଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ତାଙ୍କୁ ଉପହାର ଦେଇଛନ୍ତି।

ଉକ୍ତ ଭିଡିଓରେ ଶିକ୍ଷକ ଜଣକ ପ୍ରଥମେ ଶ୍ରେଣୀ ସଫା କରିବା ବାହାନାରେ ଜଣେ ମହିଳା ସଫେଇ କର୍ମଚାରୀଙ୍କୁ ଶ୍ରେଣୀଗୃହ ମଧ୍ୟକୁ ଡାକୁଛନ୍ତି। ଏହାପରେ ସେ ତାଙ୍କୁ ଶ୍ରେଣୀଗୃହର ଚଟାଣ ସଫା କରିବାକୁ କହିଛନ୍ତି। ଯେତେବେଳେ ମହିଳା ସଫେଇ କର୍ମଚାରୀ ଜଣକ ଚଟାଣ ସଫା କରିବା ଆରମ୍ଭ କରୁଛନ୍ତି, ସେତେବେଳେ ଶିକ୍ଷକ ଜଣକ ତାଙ୍କୁ ଏକ ଚେୟାରରେ ବସାଉଛନ୍ତି। ଏହାପରେ ସେ ମହିଳା ସଫେଇ କର୍ମଚାରୀଙ୍କୁ ଆଖି ବନ୍ଦ କରି ହାତ ବଢ଼ାଇବାକୁ କହୁଛନ୍ତି। ଏହି ସମୟରେ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ମହିଳାଙ୍କ ହାତରେ ଗୋଟିଏ ପରେ ଗୋଟିଏ କରି ଚକୋଲେଟ୍ ରଖୁଛନ୍ତି। ମହିଳା ସଫେଇ କର୍ମଚାରୀ ଜଣକ ଆଖି ଖୋଲିଲା ପରେ ମିଳିଥିବା ଚକୋଲେଟ ଉପହାରକୁ ଦେଖି ଅଭିଭୂତ ହୋଇଯାଉଛନ୍ତି। ଏହି ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଅନେକ ୟୁଜର୍ସ ମହିଳା ସଫେଇ କର୍ମଚାରୀଙ୍କୁ ମିଳିଥିବା ଉକ୍ତ ସରପ୍ରାଇଜ୍‌କୁ ପସନ୍ଦ କରିଛନ୍ତି।






# ୫ ଉପକୂଳ ଜିଲାରେ ସୃଷ୍ଟି ହେବ ହେନ୍ତାଳବଣ

ଭୁବନେଶ୍ୱର, ୨୬।୧୨
(ବନ୍ଦନା ସେଠୀ)

ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳ ଜିଲା ପାଇଁ ବରଦାନ ସାଜୁଛି ହେନ୍ତାଳବଣ। ତେଣୁ ହେନ୍ତାଳ ବଣର ଗୁରୁତ୍ୱକୁ ଉପଲବ୍ଧି କରି ଆଗାମୀ ଦିନରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ରାଜ୍ୟ ସରକାର ୫ଟି ଉପକୂଳ ଜିଲାରେ ୬୩୨ହେକ୍ଟର ଜମିରେ ହେନ୍ତାଳ ବଣ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛନ୍ତି। ୨୦୨୪-୨୫ ବର୍ଷରେ ୩୭୫ ହେକ୍ଟର ଜାଗାରେ ହେନ୍ତାଳବଣ ସୃଷ୍ଟି କରାଯାଇଛି। ୨୦୨୫-୨୬ରେ ୨୫୭ ହେକ୍ଟରୁ ଉର୍ଦ୍ଧ୍ୱ ଜମି;। ହେନ୍ତାଳବଣ ସୃଷ୍ଟି କରାଯିବ ବୋଲି ଜଙ୍ଗଲ ଓ ପରିବେଶ, ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି। ପୁରୀ, କେନ୍ଦ୍ରାପଡ଼ା ଭଳି ଅତ୍ୟଧିକ ବିପର୍ଯ୍ୟୟପ୍ରବଣ ଜିଲାଗୁଡିକରେ ହେନ୍ତାଳବଣ ସୃଷ୍ଟି କରାଯିବ। ସେହିପରି ଯେଉଁ ଅଞ୍ଚଳଗୁଡ଼ିକରେ ହେନ୍ତାଳବଣ ସୃଷ୍ଟି କରାଯିବ, ତାହାର ପ୍ରି-ମେଜରମେଣ୍ଟ ଏବଂ ସରିବା ପରେ ପୋଷ୍ଟ ମେଜରମେଣ୍ଟ କରାଯିବ। ଏହାବାଦ୍ ହେନ୍ତାଳବଣର ସୁରକ୍ଷା ପାଇଁ ଡ୍ରୋନ୍ କ୍ୟାମେରା ମାଧ୍ୟମରେ ତାହାକୁ ମ୍ୟାପିଂ କରାଯିବ। ପ୍ରୋଜେକ୍ଟ ମନିଟରିଂ ୟୁନିଟ୍ ନିୟୋଜିତ ହେବ। ଏଥିପାଇଁ ପରିବେଶବିତ୍, ବୈଜ୍ଞାନିକ ଏବଂ ଅର୍ନ୍ତଜାତୀୟସ୍ତରରେ ହେନ୍ତାଳବଣ ଉପରେ କାମ କରୁଥିବା ବ୍ୟକ୍ତିଙ୍କ ସହିତ ଆଲୋଚନା ପାଇଁ ଆସନ୍ତା ୩ମାସ ମଧ୍ୟରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ବନବିଭାଗର ନିଜସ୍ୱ ୨ହଜାର ୫ଶହ କୋଟି ଟଙ୍କା ରହିଛି। ଏହାବାଦ୍ ଏସ୍‌ଆର୍‌ସି ଫଣ୍ଡ ଏବଂ ଆବଶ୍ୟକ ହେଲେ ରାଜସ୍ୱ ମନ୍ତ୍ରୀ ମଧ୍ୟ ଅର୍ଥ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ମନ୍ତ୍ରୀ କହିଛନ୍ତି। ପୂର୍ବ ସରକାର ସମୟରେ ଧାମରା, ଚାନ୍ଦିପୁର, ଇଞ୍ଚୁଡି ଭଳି ବିଭିନ୍ନ ସ୍ଥାନରେ ହେନ୍ତାଳବଣ ସୃଷ୍ଟି କରାଯାଇଥିବା କୁହାଯାଉଛି। ଏଥିପାଇଁ ବହୁକୋଟି ଟଙ୍କା ମଧ୍ୟ ଆସିଥିଲା। ମାତ୍ର ବାସ୍ତବରେ ସେତିକି ଜଙ୍ଗଲ ନାହିଁ। ତେଣୁ ଏହି ଟଙ୍କା କୁଆଡେ ଗଲା, ତାହା ଏବେ ରାଜ୍ୟ ସରକାରଙ୍କ ତଦନ୍ତ ସାପେକ୍ଷ। ବାତ୍ୟା 'ଦାନା' ସମୟରେ ହେନ୍ତାଳବଣ ଓ ଝାଉଁଗଛ ଥିବା ଅଞ୍ଚଳରେ ବିପର୍ଯ୍ୟୟ ସମୟରେ ଯେଉଁଭଳି କ୍ଷୟକ୍ଷତି ହେବା କଥା ତାହା ହୋଇ ନ ଥିଲା। ତେଣୁ ହେନ୍ତାଳ ବଣ ସୃଷ୍ଟି କରିବା ସହ ଯେଉଁ ଅଞ୍ଚଳଗୁଡିକରେ ଝାଉଁଗଛ ନଷ୍ଟ ହୋଇଯାଇଛି, ତାହାର ପୁନଃରୁଦ୍ଧାର କରିବା ଦିଗରେ ସରକାର ଚେଷ୍ଟା କରୁଥିବା ମନ୍ତ୍ରୀ କହିଛନ୍ତି।

### ସୁରକ୍ଷା ପାଇଁ ଲାଗିବ ଡ୍ରୋନ୍ କ୍ୟାମେରା

# ଓଡ଼ିଶାରୁ ବିଦାୟ ନେଲେ ରଘୁବର ଦାସ

### ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀମାନେ କଲେ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୬।୧୨
(ସୁନିତ୍ ମିଶ୍ର)

ବିଦାୟୀ ରାଜ୍ୟପାଳ ରଘୁବର ଦାସଙ୍କୁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ବାଚସ୍ପତି ସୁରମା ପାଢ଼ୀ ଏବଂ ଅନ୍ୟ ମନ୍ତ୍ରୀ, ବିଧାୟକମାନେ ବିଦାୟୀ ସମ୍ବର୍ଦ୍ଧନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ପ୍ରଥମେ ରାଜଭବନ ଯାଇ ରାଜ୍ୟ ଅତିଥି ଭବନକୁ ରଘୁବରଙ୍କୁ ଆମନ୍ତ୍ରଣ କରିଥିଲେ। ରଘୁବର ସେଠାରେ ପହଞ୍ଚିବା ପରେ ସମସ୍ତେ ଏକାଠି ମଧ୍ୟାହ୍ନଭୋଜନ କରିବା ସହ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ରାଜଭବନରେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜଭବନରେ ତାଙ୍କୁ ଗାର୍ଡ ଅଫ୍ ଅନର ମଧ୍ୟ ଦିଆଯାଇଥିଲା। ରଘୁବରଙ୍କୁ



ଭୁବନେଶ୍ୱର ବିମାନବନ୍ଦରଠାରେ ବିଦାୟ ଦେଇଥିଲେ। ରଘୁବର ମଧ୍ୟ ଜଣ ଜଣ କରି ସମସ୍ତଙ୍କୁ ଭେଟିଛନ୍ତି। ରଘୁବର ଯିବା ପୂର୍ବରୁ ଗଣମାଧ୍ୟମକୁ କହିଛନ୍ତି, ୧୪ ମାସ ମହାପ୍ରଭୁଙ୍କ ଜାଗାରେ କାର୍ଯ୍ୟ କରିବାର ସୁଖଦ ଅନୁଭୂତି ରହିଲା। ରାଜ୍ୟରେ ଡବଲ ଇଞ୍ଜିନ ସରକାର ବହୁ ଭଲ କାର୍ଯ୍ୟ କରିବ। ପରବର୍ତ୍ତୀ ରାଜନୈତିକ ଦାୟିତ୍ୱ କ'ଣ ରହିବ ସେନେଇ କେନ୍ଦ୍ର ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

# ଏଫ୍‌ଏକ୍ୟୁମାନ କୋହଳ ନେଇ ଜିଲାପାଳ ନିଷ୍ପତ୍ତି ନେବେ: ମନ୍ତ୍ରୀ କୃଷ୍ଣଚନ୍ଦ୍ର

ଭୁବନେଶ୍ୱର,୨୬।୧୨
(ଅନିଲ ଦାସ)

ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କେତେକ ଜିଲାରେ ଧାନର ମାନ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ସରକାର ଏଫ୍‌ଏକ୍ୟୁ ଓ ସାଧାରଣ ଧାନ କ୍ରୟ କରୁଛନ୍ତି। ତେବେ ଏଫ୍‌ଏକ୍ୟୁ ମାନରେ କେତେ କୋହଳ କରିହେବ ସେନେଇ ଜିଲାପାଳ ନିଷ୍ପତ୍ତି ନେବେ। ଜିଲା ସ୍ତରରେ ଚାଷୀ ଏବଂ ଜିଲାପାଳ ବସି ନିଷ୍ପତ୍ତି କରିବେ। ଏ ନେଇ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଏଫ୍‌ଏକ୍ୟୁ ମାନ ଉପରେ ସମ୍ପୂର୍ଣ୍ଣ ସାଲିସ କରି ହେବନାହିଁ। ଏହା କଲେ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଚାଉଳ ଉଠାଇବ ନାହିଁ। ଗୋଦାମରେ ପଡ଼ିରହିବ ଓ ନଷ୍ଟ ହେବ। କେତେ କୋହଳ କରିହେବ ଜିଲାପାଳମାନେ ନିଷ୍ପତ୍ତି ନେବାକୁ କୁହାଯାଇଛି। ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଯେଉଁମାନଙ୍କର କ୍ଷତି ହେବ ସେମାନେ କ୍ଷତିପୂରଣ ପାଇବେ। ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ କୁହାଯାଇଛି ଯେତେ ଚାଷୀଙ୍କୁ ମଣ୍ଡିରୁ ଫେରାନ୍ତୁ ନାହିଁ। ଯେତେ କୋହଳ କରିହେବ କରନ୍ତୁ, ପୂରା ନଷ୍ଟ ହୋଇଥିଲେ ଧାନ ନେଇହେବ ନାହିଁ। ନଷ୍ଟ ହୋଇଥିବା ଧାନ ବିଷୟରେ ଜିଲାସ୍ତରରେ ଚାଷୀ, ମିଲର, ପ୍ରଶାସନ ବସି ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି।

# ଦିନକୁ ୧୦ରୁ ୧୨ ଏମ୍‌ଏମ୍‌ଏସ୍‌ସିଏମ୍ ପ୍ରାକୃତିକ ଗ୍ୟାସ୍ ବ୍ୟବହାର କରୁଛି ପୂର୍ବାଞ୍ଚଳ

ଭୁବନେଶ୍ୱର,୨୬।୧୨
(ଅନୁରାଧା ମହାରଣା)

ଭାରତର ପୂର୍ବାଞ୍ଚଳରେ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ ଓ ବ୍ୟବହାର ପାଇଁ ପ୍ରଚୁର ସମ୍ଭାବନା ରହିଛି। ଦେଶର ଅନ୍ୟତମ ପ୍ରମୁଖ ପ୍ରାକୃତିକ ଗ୍ୟାସ୍ ବ୍ୟବହାରକାରୀ ରାଜ୍ୟ ଭାବରେ ଓଡ଼ିଶା ଉଭାହୋଇଛି। ବର୍ତ୍ତମାନ ଓଡ଼ିଶା ସମେତ ପୂର୍ବାଞ୍ଚଳର ରାଜ୍ୟରେ ଦିନକୁ ମାତ୍ର ୧୦ରୁ ୧୨ ମିଲିଅନ ମେଟ୍ରିକ୍ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟର (ଏମ୍‌ଏମ୍‌ଏସ୍‌ସିଏମ୍) ପ୍ରାକୃତିକ ଗ୍ୟାସ୍ ବ୍ୟବହାର ହେଉଛି। ମାତ୍ର ଧାମରା ଏଲ୍‌ଏନ୍‌ଜି ଟର୍ମିନାଲ, ଆଗାମୀ ଦିନରେ ହେବାକୁ ଥିବା ଗୋପାଳପୁର ଏଲ୍‌ଏନ୍‌ଜି ଟର୍ମିନାଲ ଏବଂ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଭଳି ରାଜ୍ୟରେ ବିଶାଳ କୋଲ୍ ବେଡ ମିଥେନ୍ (ସିବିଏମ୍) ଭଣ୍ଡାରରେ ଯୋଜନାବଦ୍ଧ ସମ୍ପ୍ରସାରଣ ସହିତ ଏହାର ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ସର୍ବାଧିକ ପ୍ରାକୃତିକ ଗ୍ୟାସ୍ ଉପଭୋକ୍ତା ରାଜ୍ୟ ମଧ୍ୟରେ ଓଡ଼ିଶାର ଆବିର୍ଭାବ ଏହି ଅଞ୍ଚଳରେ ପରିବର୍ତ୍ତନଶୀଳ ଶକ୍ତି ବିକାଶର ସୂଚନା ଦେଉଛି। ରାଜ୍ୟରେ ଉପଲବ୍ଧ ଗ୍ୟାସ୍ ସମ୍ପଦ ଏବଂ ପାଇପ୍‌ଲାଇନ୍ ସଂଯୋଗୀକରଣ ବୃଦ୍ଧି ଦ୍ୱାରା ଆଞ୍ଚଳିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯିବା ସହ ଭାରତର ଶକ୍ତି ନିରାପତ୍ତା ବୃଦ୍ଧି କରାଯାଇପାରିବ ବୋଲି ଆଶା କରାଯାଉଛି। ଇଣ୍ଡିଆନ ଗ୍ୟାସ୍ ଏକ୍ସଚେଞ୍ଜ ପକ୍ଷରୁ 'ପ୍ରାକୃତିକ ଗ୍ୟାସ୍‌ର ପ୍ରତିଯୋଗିତାମୂଳକ ଉତ୍ପାଦନ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଏହାର ମୁଖ୍ୟ ବ୍ୟବସାୟିକ ଅଧିକାରୀ ଦୀପକ ମେହେଟ୍ଟା ଏହି ସୂଚନା ଦେଇଛନ୍ତି।


# ଯୁକ୍ତ ୨ ପରୀକ୍ଷା ମୂଲ୍ୟାଙ୍କନ ସମ୍ପୂର୍ଣ୍ଣ ବର୍ଜନ କରିବାକୁ ଚେତାବନୀ




ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀମାନେ ଗାନ୍ଧୀମାର୍ଗରେ ବିକ୍ଷୋଭ କରୁଛନ୍ତି।

ଭୁବନେଶ୍ୱର,୨୬।୧୨(ସୁଚିସ୍ମିତା ସାହୁ)

ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଦାବିରେ ନିଖିଳ ଓଡ଼ିଶା ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ (୪୮୮ ବର୍ଗ) ଶିକ୍ଷକ ଓ କର୍ମଚାରୀ ସଂଘ ଗୁରୁବାର ଗାନ୍ଧୀମାର୍ଗରେ ସ୍ୱାଭିମାନ ବଞ୍ଚାଓ ଆନ୍ଦୋଳନ କରିଥିଲା। ଅନେକ ଶହ ଶିକ୍ଷକ ଓ କର୍ମଚାରୀ ଶୋଭାଯାତ୍ରାରେ ଆସି ଲୋୟର ପିଏମ୍‌ଜି ଧାରଣାସ୍ଥଳରେ ସଭା କରିଥିଲେ। ଯଦି ସରକାର ଦାବିଗୁଡ଼ିକ ସମାଧାନ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି, ତା'ହେଲେ ଯୁକ୍ତ ୨ ପରୀକ୍ଷା ମୂଲ୍ୟାଙ୍କନକୁ ସମ୍ପୂର୍ଣ୍ଣ ଭାବେ ବର୍ଜନ କରିବେ ବୋଲି ସଭାପତି ମାନସ ପୁରୋହିତ ଚେତାବନୀ ଦେଇଛନ୍ତି। ତେବେ ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଆନ୍ଦୋଳନ ସ୍ଥଳକୁ ଆସି ସଂଘ ସଭାପତିଙ୍କଠାରୁ ଦାବିପତ୍ର ଗ୍ରହଣ କରିଛନ୍ତି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ୪୮୮ ବର୍ଗ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ ଓ କର୍ମଚାରୀମାନେ ସରକାରଙ୍କ ସମସ୍ତ ନିର୍ଦ୍ଦେଶାବଳୀକୁ ମାନି ଦୀର୍ଘ ୨୫ରୁ ୩୦ ବର୍ଷ କାର୍ଯ୍ୟ କଲାପରେ ମଧ୍ୟ ଏପର୍ଯ୍ୟନ୍ତ ସରକାର ସେମାନଙ୍କ ପାଇଁ ଚାକିରି ସର୍ତ୍ତାବଳୀ ତଥା ପେନ୍‌ସନ ବ୍ୟବସ୍ଥା କରିନାହାନ୍ତି। ଏତେ ବର୍ଷର ଅଭିଜ୍ଞତା ଥିବା କର୍ମଚାରୀଙ୍କୁ ଉପେକ୍ଷା କରଯାଇ ୮ ବର୍ଷ ଚାକିରି କରିଥିବା ଲୋକଙ୍କୁ କିଛି ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀ ଦିଆଯିବା ଭଳି ଭୁଲ୍ ପ୍ରକ୍ରିୟାକୁ ସଂଘ ସଭାପତି ତୀବ୍ର ନିନ୍ଦା କରିଛନ୍ତି। ଏଭଳି ସମସ୍ୟା ଆଗକୁ ରହିଲେ ବିଭିନ୍ନ ବିଦ୍ୟାଳୟରେ ବିଭ୍ରାଟ ପରିସ୍ଥିତି ଉପୁଜିବା ସହ ସରକାର ଏଥିପ୍ରତି ଦାୟୀ ରହିବେ ବୋଲି ସଂଘ ଚେତାବନୀ ଦେଇଛି। ଏହି ଆନ୍ଦୋଳନରେ ଆବାହକ ପ୍ରଦୀପ ସାହୁ, ଉପଦେଷ୍ଟା ରାଧାଶ୍ୟାମ ପଲେଇ, ଉପସଭାପତି ସଂଜିତ ଭୂୟାଁ, ସୁବିଙ୍କ ଗଡତ୍ୟା ଓ ମାଷ୍ଟର ଆପୋଲୋ, ସାଧାରଣ ସମ୍ପାଦକ ସୁଶୀଲ ଚନ୍ଦ୍ର ପ୍ରଧାନ, ସାଙ୍ଗଠନିକ ସମ୍ପାଦକ ଜ୍ଞାନ ରଂଜନ ମିଶ୍ର, ସମ୍ପାଦକ ପୀତାମ୍ବର ମିଶ୍ର, ସୁଶାନ୍ତ କୁମାର ଦାଶ, ପ୍ରଣବ ଦାଶ ଓ ବବିତା ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ସତ୍ୟନାରାୟଣ ପରିଡ଼ା, ଆଇନ ସଂଯୋଜକ ବିକ୍ରମ କିଶୋର ପାତ୍ର, କାର୍ଯ୍ୟକାରିଣୀ ସଭ୍ୟ ଆଲୋକ କୁମାର ନାୟକ ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ।



# ରାଜ୍ୟ ବାହାର ବାଘଙ୍କୁ ସୁହାଉନି ଓଡ଼ିଶା ଜଙ୍ଗଲ

- ଜିନ୍ନତକୁ ଫେରାଇ ଆଣିବାକୁ ନିୟୋଜିତ ହୋଇଛନ୍ତି ୩ଟି ଟିମ୍: ମନ୍ତ୍ରୀ
- ଶିମିଳିପାଳରେ ଟେରିଟୋରି ପାଇବାରେ ସଫଳ ହୋଇନି ବାଘୁଣୀ

ଭୁବନେଶ୍ୱର, ୨୬।୧୨
(ବନ୍ଦନା ସେଠୀ)

ଓଡ଼ିଶା ଜଙ୍ଗଲକୁ ପସନ୍ଦ କରୁନାହାନ୍ତି ରାଜ୍ୟ ବାହାରର ବାଘ। ଶିମିଳିପାଳରେ ବାଘ ସଂଖ୍ୟା ବଢ଼ାଇବା ପାଇଁ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ବାଘୁଣୀ ଜିନ୍ନତ୍‌କୁ ଅଣାଯାଇଥିଲା। ମାତ୍ର ଏହା ମଧ୍ୟରେ ଜିନ୍ନତ୍ ଶିମିଳିପାଳରୁ ପଶ୍ଚିମବଙ୍ଗ ଜଙ୍ଗଲକୁ ପଳାଇଯାଇଛି। ତେଣୁ ତାକୁ ଓଡ଼ିଶା ଫେରାଇ ଆଣିବାକୁ ଏବେ କସରତ ଚାଲିଥିଲେ ହେଁ ବନ ବିଭାଗ ସଫଳ ହୋଇପାରୁନାହିଁ। ଏପରିକି ଜିନ୍ନତ୍‌କୁ ୩/୪ ଥର ଟ୍ରାଙ୍କୁଲାଇଜ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ବିଫଳ ହୋଇଛି। ତେବେ ଏହା ପ୍ରଥମ ଘଟଣା ନୁହେଁ, ଆଗରୁ ମଧ୍ୟ ବାହାର ରାଜ୍ୟରୁ ବନ ବିଭାଗ ବାଘ ଆଣିଥିଲେ ମଧ୍ୟ ରଖିବାରେ ବିଫଳ ହୋଇଛି। ପୂର୍ବରୁ ରାଜ୍ୟ ବାହାରୁ ୨ଟି ବାଘଙ୍କୁ ସାତକୋଶିଆ ଅଣାଯାଇଥିଲା। ହେଲେ ଗୋଟିଏ ବାଘର ମୃତ୍ୟୁ ଘଟିଥିବାବେଳେ ଆଉଏକ ବାଘ ଆହତ ହେବା ପରେ ତାକୁ ନନ୍ଦନକାନନକୁ ଅଣାଯାଇଛି। ସେହିପରି ଅକ୍ଟୋବରରେ ମହାରାଷ୍ଟ୍ର ଜଙ୍ଗଲରୁ ବାଘୁଣୀ 'ଯମୁନା' ଓ 'ଜିନ୍ନତ୍'କୁ ଶିମିଳିପାଳକୁ ଅଣାଯାଇଥିଲା। ମାତ୍ର ଉଭୟେ ଶିମିଳିପାଳର ପରିବେଶକୁ ଆପଣାଇ ପାରି ନ ଥିଲେ। ପ୍ରଥମେ ଜିନ୍ନତ ଶିମିଳିପାଳ ଛାଡ଼ି ପଶ୍ଚିମବଙ୍ଗ ପଳାଇଥିବାବେଳେ ବାଘୁଣୀ ଯମୁନା ବାଲେଶ୍ୱର ଜିଲାର କୁଲଡିହା ଅଭୟାରଣ୍ୟରେ ରହିଥିବା ସୂଚନା ଦିଆଯାଇଛି। ତେଣୁ ଓଡ଼ିଶା ଜଙ୍ଗଲ ରାଜ୍ୟ ବାହାରର ବାଘଙ୍କୁ ସୁହାଉନାହିଁ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ମଣିଷ ବାସ୍ନା ପାଇ ଜିନ୍ନତ ପଳାଇଯାଇଥିବା ଜଣାପଡିଛି। ତେବେ ତାକୁ ଫେରାଇ ଆଣିବା ପାଇଁ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗର ୩ଟି ଟିମ୍ ସହ ଏକ ଏକ୍ସପର୍ଟ ଟିମ୍ ଚେଷ୍ଟା ଚଳାଇଛନ୍ତି। ଖୁବ୍‌ଶୀଘ୍ର ଏ ଦିଗରେ ସଫଳତା ମିଳିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା କହିଛନ୍ତି, ବାଘର ନିଜସ୍ୱ ଅଞ୍ଚଳ ବା ଟେରିଟୋରି ରହିଛି। ସେମାନେ ନିଜେ ହିଁ ନିଜର ଅଞ୍ଚଳ ବାଛନ୍ତି। ଚିହ୍ନ ସ୍ୱରୂପ ବିଭିନ୍ନ ଗଛରେ ସେମାନେ ନିଜର ନଖଚିହ୍ନ ଛାଡ଼ିବା ସହ ସେହି ଗଛଗୁଡିକରେ ପରିସ୍ରାକରି ଚିହ୍ନ ଦିଅନ୍ତି। ଫଳରେ ଅନ୍ୟ ବାଘମାନେ ସେଠାକୁ ଯାଆନ୍ତି ନାହିଁ। ଶିମିଳିପାଳରେ ପୂର୍ବରୁ ୨୪ଟି ବାଘ ରହିଛନ୍ତି। ତେଣୁ ବୋଧହୁଏ ସେଠାରେ ଜିନ୍ନତ ନିଜର ଟେରିଟୋରି ପାଇବାରେ ସଫଳ ହୋଇନାହିଁ। ସେହିପରି ଜାନୁଆରୀ-ଫେବୃଆରୀ ଏବଂ ଜୁନ୍-ଜୁଲାଇ ମାସ ବାଘମାନଙ୍କ ମିଳନ ସମୟ। ଦିନ କେଇଟା ପରେ ଜାନୁଆରୀ ଆସିଯିବ। ତେଣୁ ଜିନ୍ନତ ସେଥିପାଇଁ ପୂର୍ବରୁ ରହୁଥିବା ଅଞ୍ଚଳକୁ ଖୋଜୁଥିବା ଆଶା କରାଯାଉଛି। ତେବେ ଜିନ୍ନତ୍‌କୁ ଟ୍ରାକ୍ କରିବା ପାଇଁ ୩ଟି ଟିମ୍ ଲାଗିଛନ୍ତି। ସେ ଘଞ୍ଚ ଜଙ୍ଗଲ ଭିତରେ ରହୁଥିବାରୁ ଟ୍ରାଙ୍କୁଲାଇଜ୍ ସମ୍ଭବ ହେଉନାହିଁ। ତେବେ ଖୁବ୍‌ଶୀଘ୍ର ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରି ଓଡ଼ିଶା ଫେରାଇ ଅଣାଯିବ ବୋଲି ପିସିସିଏଫ୍ କହିଛନ୍ତି।



ସୂଚନାଯୋଗ୍ୟ, ଜିନ୍ନତକୁ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଶିମିଳିପାଳ ଅଭୟାରଣ୍ୟକୁ ଅଣାଯାଇଥିଲା। ପ୍ରଥମେ ତାକୁ ଶିମିଳିପାଳରେ ଏନ୍‌କ୍ଲୋଜରରେ ରଖିବା ପରେ ଶିମିଳିପାଳର କୋର୍ ଏରିଆ ଭିତରେ ଛଡ଼ାଯାଇଥିଲା। ତେବେ ଗତ ୧୦ ତାରିଖରେ ଜିନ୍ନତ ଶିମିଳିପାଳ ଛାଡ଼ି ଝାଡ଼ଖଣ୍ଡ ପଳାଇଥିଲା। ପରେ ୧୯ ତାରିଖ ରାତିରେ ସେଠାରୁ ପଶ୍ଚିମବଙ୍ଗର ବେଲପାହାଡ଼ି ଜଙ୍ଗଲକୁ ପଳାଇଥିବା ସୂଚନା ମିଳିଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଏଏମ୍‌ଟିଆଇର ୫୭ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ, ସମୟ: ସକାଳ ୧୦ଟା।
- ହେଲ୍ମେଟ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ରିଲାଏନ୍ସ ମଲ୍, ଷ୍ଟେଶନ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିଭଙ୍ଗ ପକ୍ଷରୁ କଳା ସମର୍ପଣ, ସ୍ଥାନ: ଜେକେସିଏମ୍, ସମୟ: ଅପରାହ୍ନ ୩ଟା।
- ଆଇସିସି ଓଡ଼ିଶା ବାର୍ଷିକୋତ୍ସବ, ସ୍ଥାନ: ହୋଟେଲ ମେ ଫେୟାର କନ୍‌ଭେନଶନ, ସମୟ: ସନ୍ଧ୍ୟା ୬ଟା।
- ରସୁଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସିଲଭର ଜୁବୁଲି, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର ପଡ଼ିଆ, ପାଣ୍ଡରା, ସମୟ: ସନ୍ଧ୍ୟା ୬ଟା।

## କଟକ

- ଦ୍ୱିତୀୟ ଭଞ୍ଜ ଗୋଲେକ ଚନ୍ଦ୍ର ପ୍ରଧାନଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ତିନିଦିନିଆ ୪୧ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଓଷ୍ଟା କାର୍ଯ୍ୟାଳୟ ପରିସର, ନୟାସଡ଼କ, ସମୟ: ଅପରାହ୍ନ ୪ଟା।

## ପୁରୀ

- ବସ୍ ମାଲିକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ପୌରସଦନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଚନ୍ଦନପୁର ବିଦ୍ୟାଳୟ ପରିସର, ପୁରୀ, ସମୟ: ଅପରାହ୍ନ ୪ଟା।
- କଳିଙ୍ଗ ବୈଶ୍ୟ ଯୁବକ ସଂଘର ବାର୍ଷିକୋତ୍ସବ, ସ୍ଥାନ: ହୋଟେଲ ହଲିଡେ ରିସର୍ଟ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଦରଖୋଳି ପ୍ରିମିୟର କ୍ରିକେଟ୍ ଲିଗ୍‌ର ଦ୍ୱିତୀୟ ଦିବସ, ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ସମୟ: ସକାଳ ୯ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗାନ୍ଧିଜୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମାଣ୍ଡୁରକୁଲା, ବସ୍ତା, ସମୟ: ସକାଳ ୯ଟା।
- ଓଡ଼ିଶା ଗବେଷଣା ସମ୍ମିଳନୀ-୨୦୨୪ ଦ୍ୱିତୀୟ ଉତ୍ସବ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢୀ କ୍ୟାମ୍ପସ, ରେମୁଣା, ସମୟ: ସକାଳ ୯ଟା ୩୦।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ଦ୍ୱିତୀୟ ଉତ୍ସବ, ସ୍ଥାନ: ଭୀମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ନଇଗୋପାଳପୁର, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଚାଷ ପ୍ରଶିକ୍ଷଣ ଶିବିରର ଚତୁର୍ଥ ଦିବସ, ସ୍ଥାନ: ଅସ୍ତପୁରା କୈଳାଶ ଫିସାରୀ ଫାର୍ମ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରତିଭା ପରିବାର ସଙ୍ଗଠନର ଜରୁରୀ ବୈଠକ, ସ୍ଥାନ: ହେଲ୍‌ଥ କେୟାର ସେଣ୍ଟର, ସମୟ: ଅପରାହ୍ନ ୫ଟା।
- ଇନଟାକ୍‌ର ୩୦ତମ ବାର୍ଷିକ ଉତ୍ସବ ଓ କଳା ମେଳା ଉଦଘାଟନୀ ଉତ୍ସବ, ସ୍ଥାନ: ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟସ କଲେଜ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ରାତି ୮ଟା।

## ଭଦ୍ରକ

- ଆଗରପଡ଼ା ମହୋତ୍ସବର ୩ୟ ସନ୍ଧ୍ୟା, ସ୍ଥାନ: ଆଗରପଡ଼ା ହେମପଦ୍ମ ଗାଲାକ୍ସି, ବନ୍ତ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ଚତୁର୍ଥ ପ୍ରହର ନାମ ଯଜ୍ଞ, ସ୍ଥାନ : ଢ଼ଅଁର, ହାଟଡିହୀ, ସମୟ : ପ୍ରାତଃ ୫ ଘଟିକା
- ଭାଗବତ ଟୁଙ୍ଗିରେ ଆଧାତ୍ମିକ ଆଲୋଚନା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ମିଠୀଗାଁ, ହାଟଡ଼ିହୀ, ସମୟ : ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ରାଜ୍ୟସ୍ତରୀୟ କଳା ପ୍ରଦର୍ଶନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଉପ୍ରା ବିଦ୍ୟାଳୟ, ଦେଉଳସାହି, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଚିତ୍ରଡ଼ା ଲ୍ୟାମ୍ପସ, ମୋରଡ଼ା ବ୍ଲକ,ସମୟ:ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିବେକାନନ୍ଦ ବିହାର, ବଡ଼ସାହି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ସାଧାରଣ ଅଧିବେଶନ, ସ୍ଥାନ:ଚିତ୍ରଡାସ୍ଥିତ ବ୍ଲକ କାର୍ଯ୍ୟାଳୟ, ମୋରଡା ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୪ଟା।
- ମୟୂରଭଞ୍ଜ ପୁସ୍ତକ ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟାରୁ ରାତି ୧୦ଟା।

## ବ୍ରହ୍ମପୁର

- ଗୋସାଣୀ ନୂଆ ଗାଁ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ସମୟ: ଅପରାହ୍ନ ୩ଟା।

## ଗଞ୍ଜାମ

- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ, ସମୟ : ଅପରାହ୍ନ ୨ଟା ୩୦।

## ଜଗତ୍‌ସିଂହପୁର

- ଜିଲା ପ୍ରଶାସନ ପକ୍ଷରୁ ସଡକ ସୁରକ୍ଷା ପ୍ରସ୍ତୁତି ବୈଠକ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ନୂଆବଜାର ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଙ୍ଗତ ସଭାପତି ତରୁ ପଟ୍ଟନାୟକଙ୍କ ପାଇଁ ଓମ୍ପା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ମାଛଧରା ବନ୍ଦର ପରିସର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ଆଳି କ୍ରିକେଟ ଆଣ୍ଡ ସ୍ପୋର୍ଟସ କାଉନସିଲ ବନାମ କେନ୍ଦ୍ରାପଡ଼ା ଟାଇଗର୍ସ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଜିଲା ଯୁବ ସାଂସ୍କୃତିକ ମହୋତ୍ସବ ଯୁବତରଙ୍ଗ, ସ୍ଥାନ: ଜିଲା ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ସକାଳ ୯ଟା।
- ନବଦ୍ୱୋୟ ବିଦ୍ୟାଳୟ ଆଲମୋନି ଆସୋସିଏଶନର ବାର୍ଷିକ ଉତ୍ସବ, ସ୍ଥାନ: ବାରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କେନ୍ଦ୍ରାପଡ଼ା କୃଷକ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ କୃଷି ଚିଠା ପ୍ରସ୍ତାବ ବିରୋଧରେ ପ୍ରତିବାଦ ସଭା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ଡେରାବିଶ ମହୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୪,ସ୍ଥାନ : କୁସୁମା ପୋଖରୀ ସମ୍ମୁଖ ପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟା।
- କୁଆଖିଆ ମହୋତ୍ସବ ସାଂସ୍କୃତିକ ମଞ୍ଚର ତୃତୀୟ ସନ୍ଧ୍ୟା, ସ୍ଥାନ: କୁଆଖିଆ ସାରଙ୍ଗପୁର ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା: ୭ଟା।
- ଧର୍ମଶାଳା ମହୋତ୍ସବରେ କୈଳାସ ଖେରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ନୟାଗଡ଼ ଜିଲା ମହୋତ୍ସବରେ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ କୃଷି ମେଳାର ଚତୁର୍ଥ ଦିବସ, ସ୍ଥାନ: ନୟାଗଡ଼ ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା।
- ଶରଣକୁଳ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ନିତା ଏକାଡେମୀ ଓ ଏସ୍‌ଏସ୍‌ବି ନିଯୁଦିଲ୍ଲୀ, ସ୍ଥାନ:ଶରଣକୁଳ ନାରାୟଣ ହାଇସ୍କୁଲ ଖେଳ ପଡ଼ିଆ, ସମୟ:ଅପରାହ୍ନ ସାଢ଼େ ୨ଟା।
- ଖଣ୍ଡପଡା ମହୋତ୍ସବ ଉଦ୍‌ଘାଟନ ଦିବସ, ସ୍ଥାନ:ଖଣ୍ଡପଡ଼ା ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୧ଟା।
- ଯକ୍ଷ୍ମାରୋଗୀ ଚିହ୍ନଟ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ନୟାଗଡ଼ ବ୍ଲକର ବଡ ପଣ୍ଡୁସର, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର , ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଲୋକ ମହୋତ୍ସବ ବୈଠକ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁରୀ ଭାଷା ଏକାଡେମୀ ଆୟୋଜିତ ସମ୍ବଲପୁରୀ ହପ୍ତା କାର୍ଯ୍ୟକ୍ରମ, ସ୍ଥାନ: ବିଶାଲଖିଣ୍ଡା ଗ୍ରାମ, ସମୟ : ପୂର୍ବାହ୍ନ ୧୧ଟା।
- ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଜିଏମୟୁ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟା।
- ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗୀତାର ଚତୁର୍ଥ ରଜନୀରେ ନାଟକ ସର୍ଗିଫୁଲ ମଞ୍ଚସ୍ଥ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା୧୫।
- ପଦମପୁର ମହୁଲପାଲି ଲୁ ନାଟ୍ୟଗ୍ରାମ ପ୍ରଯୋଜିତ ନାଟକ ଆଦମଖୋର ମଞ୍ଚସ୍ଥ, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୭ଟା ୩୦।
- ସମ୍ବଲପୁର ସ୍ଥିତ ଅଦୃଶ୍ୟ ଆଶ୍ରମ ଆୟୋଜିତ ନାଟକ ଶୁଆ ଶାରୀ କଥା, ସ୍ଥାନ : ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୮ଟା ୪୫।

## ବଲାଙ୍ଗୀର

- ଜାତୀୟ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ ରିଦିମ୍ ଫେଷ୍ଟ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ଅଡିଟୋରିୟମ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ୨୮ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ରେ ଏନ୍‌ଏନ୍‌ଏସ୍ ପ୍ରୟାଗରାଜ (ୟୁପି) ବନାମ ବାଘଲପୁର କ୍ରିକେଟ କ୍ଲବ ପାଟଣା ( ବିହାର) ମଧ୍ୟରେ ମ୍ୟାଚ, ସ୍ଥାନ: ଲୁତୁରପଙ୍କ ହାଇସ୍କୁଲ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ମାଣିକପୁରରେ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମାଣିକପୁର ଖେଳ ପଡିଆ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ, ସ୍ଥାନ: ତଳିପଡ଼ା(କୁମ୍ଭାରପଡ଼ା), ନିଲିବନ୍ଧ ଛକ, ବରଗଡ଼, ସମୟ: ସକାଳ ୮ଟା।
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଅମୃତକାଳ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା

## ଝାରସୁଗୁଡ଼ା

- ଶ୍ୟାମବାବାଙ୍କ ଉତ୍ସବ ପାଇଁ ବାଇକ୍ ରାଲି, ସ୍ଥାନ: ଝଣ୍ଡା ଛକ, ଝାରସୁଗୁଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ରାମପୁର ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କୁମୁଡାପାଲି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ଦେବଗଡ଼

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସ୍ୱାମୀ ଶିବାନନ୍ଦ ସଂସ୍କୃତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ ବାମଣ୍ଡା କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ପୁଲ୍‌ର ଦ୍ୱିତୀୟ ଦିନ ଖେଳ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ମଧ୍ୟାହ୍ନ ୧୨ଟା।
- ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- କୋଶଲୀ ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ତୃତୀୟ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- କେସିଏସ୍‌ଏ କପ କ୍ରିକେଟ ଟୁର୍ନାମେଣ୍ଟ ସେମି ଫାଇନାଲ, ସ୍ଥାନ: ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ସମୟ: ସକାଳ ୯ଟା।

## ବୌଦ୍ଧ

- ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ଦପଲା ମହାସମାବେଶ ଉତ୍ସବ ଉଦ୍‌ଘାଟିତ, ସ୍ଥାନ: ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ଦପଲା, ବୌଦ୍ଧ, ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମସ୍ଥାନରେ ଶୁକ୍ର ରହିଥିବାରୁ ସାମଗ୍ରିକ ସୁଖ, ସୁବିଧା ସାଙ୍ଗକୁ ଅର୍ଥ ଓ ସମ୍ମାନ ମିଳିବ। ସଭାସମିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ମିଳିବ ଓ ଆଗାମୀ ସମୟ ପାଇଁ ମୂଲ୍ୟବାନ ଉପଦେଶ ପାଇବେ। ପରିବାରରେ ଅଯଥା ବିରକ୍ତ ହେଲେ ସମସ୍ୟା ସୃଷ୍ଟି କରିପାରେ। ଅଫିସ୍‌ରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିପାରନ୍ତି।

**ବୃଷ** ବନ୍ଧୁଙ୍କ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗ ଆପଣଙ୍କ କାମକୁ ତ୍ୱରାନ୍ୱିତ କରିବ। ଅଯଥା ଗୁଡାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ, ବରଂ ଲାଭ ବଦଳରେ କ୍ଷତି ଅଧିକ ହୋଇପାରେ। ସାମାଜିକ ସ୍ତରରେ ଆପଣଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବ୍ୟବସାୟିକ ସ୍ଥିତି ଏବଂ ପାରିବାରିକ ପରିସ୍ଥିତି ମନ୍ଦ ହେବନାହିଁ।

**ମିଥୁନ** ପାରିବାରିକ ସମସ୍ୟା ଲାଗି ରହିବାରୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇପାରନ୍ତି। ମାନସିକ ଅସ୍ଥିରତା କାରଣରୁ ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝି ପାରିବେ ନାହିଁ। ନିଜର କର୍ତ୍ତବ୍ୟନିଷ୍ଠା ଫଳରେ ପରିବାରର ଲୋକଙ୍କଠାରୁ ସ୍ନେହ, ଶ୍ରଦ୍ଧା, ଆଦର ପାଇବେ।

**କର୍କଟ** ସାମାଜିକ ଜୀବନରେ ଆଶାନୁରୂପ ଅର୍ଥ, ସମ୍ମାନ, ସହଯୋଗ ନ ପାଇ କ୍ଷୋଭପ୍ରକାଶ କରିପାରନ୍ତି। ପାରିବାରିକ ସ୍ତରରେ ପକ୍ଷପାତିତାକୁ କେନ୍ଦ୍ରକରି କଳହର ସମ୍ଭାବନା ଦେଖାଦେଇପାରେ। ବନ୍ଧୁଙ୍କ ସହ ଯୁକ୍ତିତର୍କ କରି କଥାକୁ ବେଶି ଦୋହରାଇବା ଠିକ୍ ହେବନି। ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡିପାରେ।

**ସିଂହ** ଧନସ୍ଥାନରେ କେତୁଗ୍ରହ ଥିବା କାରଣରୁ ଧନହାନିର ସୂଚନା ରହିଛି। ସଂଗଠନ, ରାଜନୀତି, ସଭାସମିତି, ପ୍ରଶାସନ କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିପାରେ। ପାରିବାରିକ ସମସ୍ୟା ଥିଲେ ମଧ କାମରୁ ଓହରି ପାରିବେ ନାହିଁ।

**କନ୍ୟା** ମଙ୍ଗଳଙ୍କ ଦୁର୍ବଳତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟଚ୍ୟୁତି ଘଟିପାରେ। ଯେଉଁ ଜିନିଷଟିକୁ ପାଇବାକୁ ଅପେକ୍ଷା କରିଛନ୍ତି ତାହା ସାମାନ୍ୟ ବିଳମ୍ବରେ ପାଇବେ। କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡିପାରନ୍ତି। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରି ସମାଲୋଚିତ ହୋଇପାରନ୍ତି।

**ତୁଳା** ଆଜି ବୁଧଙ୍କ ପ୍ରଭାବରେ ଆପଣଙ୍କୁ ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ଭଲ ଲାଗି ନ ପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ଆନୁଷ୍ଠାନିକ କ୍ଷେତ୍ରରେ ଭଲ କରିବାକୁ ଯାଇ ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ।

**ବିଛା** ସାଧାରଣ କଥାକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। କୃଷି, ବାଣିଜ୍ୟ ଓ ରାଜନୀତିରେ କିଛିନା କିଛି ସମସ୍ୟା ଲାଗିରହିବ। ସାମାଜିକ ସ୍ତରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ।

**ଧନୁ** ଭାଗ୍ୟାଧିପ ରବି ରାଶିରେ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ପାରିବାରିକ କ୍ଷେତ୍ରରେ ଟେନସନ୍ କମିଯିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କଷ୍ଟକର ହେବ। ସଭାସମିତି କିମ୍ବା ବନ୍ଧୁଙ୍କଠାରୁ ବସ୍ତ୍ରଭୂଷଣ ଲାଭ କରିପାରନ୍ତି।

**ମକର** ସ୍ୱାସ୍ଥ୍ୟରେ ଉନ୍ନତି, ବିବାଦୀୟ ଘଟଣାର ବିଜୟୀ ଏବଂ ବାଣିଜ୍ୟ, ବ୍ୟବସାୟରେ ଲାଭବାନ୍ ହେବେ। କର୍ମାଧିପ ଶୁକ୍ର ରାଶିରେ ଅବସ୍ଥାନ କରିଥିବାରୁ ଉପରିସ୍ଥଙ୍କ ନିର୍ଦ୍ଦେଶରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପ୍ରତିବନ୍ଧକ ଲାଗି ରହୁଥିବାରୁ ବାଣିଜ୍ୟିକ ଲକ୍ଷ୍ୟପ୍ରାପ୍ତିରେ ବାଧା ସୃଷ୍ଟି ହେବ।

**କୁମ୍ଭ** ଆଜି ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। ଲେଖାପଢା, ପ୍ରଶାସନ, ପରିବହନ, ନିର୍ମାଣ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ନିଜର ସ୍ୱାର୍ଥ ସାଧନ ପାଇଁ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ବନ୍ଧୁମାନଙ୍କ ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେ, ଯାହାକି ଆପଣଙ୍କୁ ବହୁତ କ୍ଷେତ୍ରରେ ସାହାଯ୍ୟ କରିବ।

**ମୀନ** ଶୁଭେଚ୍ଛୁ ବୟସ୍କଙ୍କ ପରାମର୍ଶରେ ନୂତନ କାମ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ, ବନ୍ଧୁଙ୍କ ସାହାଯ୍ୟରୁ ସମ୍ଭବ ହୋଇପାରେ। ଖଳ ଲୋକଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବାର ଆଶଙ୍କାକୁ ଏଡ଼ାଇ ହେବନାହିଁ। ଆବଶ୍ୟକ ଅର୍ଥ ଧାର ସୂତ୍ରରେ ପାଇବାକୁ ବନ୍ଧୁଙ୍କ ସହ ପରାମର୍ଶ କରିପାରନ୍ତି।

ଆଜି ଡିସେମ୍ବର ୨୭ ତାରିଖ, ପୌଷ କୃଷ୍ଣ ଦ୍ୱାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର-ବିଶାଖା/ତୁଳା, ଦିବା ଘ.୦୧।୫୬ ମି. ଗତେ, ବିଛା, ଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୩ ଗତେ, ଘ.୦୭।୦୬ ମଧ୍ୟେ, ଘ.୦୭।୪୯ ଗତେ, ଘ.୦୯।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୨୬ ଗତେ, ଘ.୧୧।୪୭ ମଧ୍ୟେ ରାହୁ କାଳ।

**ପ୍ରଥମ ପୃଷ୍ଠାରୁ...**

## ମନମୋହନ ସିଂଙ୍କ...

ସେ ୧୯୬୬ରୁ ୧୯୬୯ ଜାତିସଂଘରେ କାର୍ଯ୍ୟ କରିଥିଲେ। ସତୁରି ଏବଂ ଅଶୀ ଦଶକରେ ସେ ଭାରତ ସରକାରରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା, ରିଜର୍ଭ ବ୍ୟାଙ୍କ ଗଭର୍ନର ଏବଂ ଯୋଜନା କମିଶନ ମୁଖ୍ୟ ଆଦି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ୧୯୯୧ରେ ପି.ଭି. ନରସିଂହ ରାଓଙ୍କ କ୍ୟାବିନେଟରେ ସେ ଅର୍ଥମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଶୋକ

**ଭୁବନେଶ୍ୱର,୨୬।୧୨(ଅନିଲ ଦାସ)**

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ମନମୋହନ ସିଂ ଦେଶର ଜଣେ ମହାନ୍ ବରପୁତ୍ର ଥିଲେ। ଅର୍ଥନୀତି କ୍ଷେତ୍ରରେ ତାଙ୍କର ଜ୍ଞାନ ଓ ଦକ୍ଷତା ପାଇଁ ସେ ସାରା ବିଶ୍ୱରେ ସମ୍ମାନର ଅଧିକାରୀ ହୋଇ ପାରିଥିଲେ। ଅର୍ଥମନ୍ତ୍ରୀ ଭାବରେ ଦେଶର ଅର୍ଥନୀତିକୁ ସେ ଏକ ନୂଆ ଦିଗ ଦେଇଥିଲେ। ତାଙ୍କର ଉଦାର ଅର୍ଥନୈତିକ ନୀତି ଯୋଗୁ ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ଯାତ୍ରା ଆରମ୍ଭ କରିଥିଲା। ପ୍ରଧାନମନ୍ତ୍ରୀ ଭାବେ ସେ ବିଭିନ୍ନ କ୍ଷେତ୍ରରେ ଦେଶର ବିକାଶକୁ ତ୍ୱରାନ୍ୱିତ କରିଥିଲେ। ତାଙ୍କର ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟିକ ସ୍ୱଭାବ ତାଙ୍କ ପାଇଁ ରାଜନୀତି କ୍ଷେତ୍ରରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିଥିଲା। ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଛନ୍ତି।

## ଚାଷ କ୍ଷତି ସହି...


ବନମାଳୀ ପେଣ୍ଡେଇ

କଟା ହେବା ପାଇଁ କ୍ଷେତରେ ପଡ଼ିଥିବା ଧାନ ଗଜା ହୋଇଯାଇଛି। ଅନ୍ୟଠାରୁ ୨ଲକ୍ଷ ଟଙ୍କା ଧାରି ଆଣି ଚଳିତବର୍ଷ ବନମାଳୀ ଚାଷ କରିଥିଲେ। ଧାନ ଅମଳ ପରେ ଏହାକୁ ବିକି ସେ ଋଣ ଶୁଝିଥାନ୍ତେ। ମାତ୍ର ଅଦିନିଆ ବର୍ଷା ତାଙ୍କର ସବୁ ଆଶା ଧୋଇଦେଇଛି। ତାଙ୍କ ଚାଷଜମିର ସବୁ ଧାନ ବର୍ଷାପାଣିରେ ନଷ୍ଟ ହୋଇଯାଇଛି। ଏହି କ୍ଷତି ସହି ନ ପାରି ବନମାଳୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ଖବର ପାଇ ଛତ୍ରପୁର ଥାନା ଅଧିକାରୀ ନିରୋଦ ଦାସ, ଏସ୍‌ଡିପିଓ ଗୌରହରି ସାହୁ, ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ତହସିଲଦାର ସ୍ମୃତି ଶୁଭଦର୍ଶନ ସାହୁ, ଏଆର୍‌ଆଇ ରାମଚନ୍ଦ୍ର ଦଳେଇ, କୃଷି ବିଭାଗର ଅଧିକାରୀମାନେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ଡାକ୍ତରଖାନାକୁ ନିଆଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତହସିଲଦାର ମହାନ୍ତି ପରିବାର ଲୋକଙ୍କୁ ଭେଟି ରେଡ୍‌କ୍ରସରୁ ୬୦ ହଜାର ଟଙ୍କା ଏବଂ ପଞ୍ଚାୟତ ପକ୍ଷରୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ତାଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ସହାୟତା ପ୍ରଦାନ ବେଳେ ସରପଞ୍ଚ ପ୍ରତିନିଧି ଶିବଶଙ୍କର ସେଠୀ, ଜିଲା ପରିଷଦର ପୂର୍ବତନ ସଭ୍ୟ ଏସ୍. କିଶୋର ଚନ୍ଦ୍ର ରେଡ୍ଡୀ, ମହେଶ୍ୱର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ୨୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ଗଞ୍ଜାମ ଜିଲା ବିଜେଡି ଉପସଭାପତି ଶଙ୍କର ପ୍ରସାଦ ଦାଶ ଦାବି କରିଛନ୍ତି। ସୂଚନାଯୋଗ୍ୟ, ବନମାଳୀଙ୍କ ୪ ଝିଅ, ଗୋଟେ ପୁଅ ଅଛନ୍ତି। ସମସ୍ତେ ବିବାହ କରି ସାରିଛନ୍ତି।

## ତଦନ୍ତ ଦାବି କଲା...

ସକାଳେ ରାଜଧାନୀ ବାକୁରୁ ୬୨ ଯାତ୍ରୀ ଓ ୫ କ୍ରିଉ ମେମ୍ବରଙ୍କୁ ନେଇ ରୁଷିଆର ଚେଚନ୍ୟାସ୍ଥିତ ଗ୍ରୋଜ୍ନି ଅଭିମୁଖେ ଯାତ୍ରା କରୁଥିଲା। ଗ୍ରୋଜ୍ନି ଆକାଶରେ ଘନ କୁହୁଡ଼ି ଆଚ୍ଛାଦିତ ହୋଇଥିବାରୁ ବିମାନଟି କଜାଖାସ୍ତାନର ଅକାଟଉକୁ ଉଡ଼ାଣ କରିଥିଲା। ଅକାଟଉରେ ପହଞ୍ଚିବାର ୩ କି.ମି. ପୂର୍ବରୁ ବିମାନ ଡାହାଣ ପଟକୁ ଢଳିଯାଇ ଜରୁରୀ ଅବତରଣ ପାଇଁ ଉଦ୍ୟମ କରିଥିଲା। ଏୟାରପୋର୍ଟ ନିକଟରେ ଅନେକ ଥର ଚକ୍କର କାଟିବା ପରେ ଶେଷରେ ଏହା ଏକ ଖୋଲା ପଡ଼ିଆରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିମାନକୁ ପକ୍ଷୀ ଧକ୍କାଦେବାରୁ ଏପରି ଘଟିଥିବା ପ୍ରାରମ୍ଭିକ ଭାବେ କୁହାଯାଇଥିଲା। ସେହିପରି ଏୟାରକ୍ରାଫ୍ଟର ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍) ଭଲ ଭାବେ କାର୍ଯ୍ୟ ନ କରିବା ଭଳି ନାଭିଗେଶନ୍ ସମସ୍ୟା ରହିଥିବାରୁ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ମଧ୍ୟ ଅନୁମାନ କରାଯାଇଥିଲା।

## ଚାଷୀଙ୍କୁ ହଇରାଣ କଲେ...

ଅଛି। ଆସନ୍ତା ୨୮ ତାରିଖରେ ରାଜସ୍ୱ, କୃଷି, ସମବାୟ ସହ ଅନ୍ୟ ବିଭାଗ ବୈଠକ ରହିଛି। କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯିବ। ଯଦି କିଏ ସର୍ଭେରୁ ବାଦ୍ ପଡ଼ିଥିବେ ତା'ହେଲେ ରାଜସ୍ୱ ବିଭାଗ ନିକଟରେ ଅଭିଯୋଗ କରିପାରିବେ। ସରକାର ଅତିସମ୍ବେଦନଶୀଳତା ସହ ସ୍ଥିତି ଉପରେ ନଜର ରଖିଛନ୍ତି। ମନ୍ତ୍ରୀ ଓ ବିଧାୟକମାନେ ଗ୍ରାଉଣ୍ଡ ଜିରୋରେ ଅଛନ୍ତି। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ମୋହନ ସରକାର ଅତି ସମ୍ବେଦନଶୀଳ ଅଛନ୍ତି ବୋଲି ପୂଜାରୀ କହିଛନ୍ତି।

## ୧୩ ହଜାର ଦରମା...

ଅନ୍ୟ ୧୨ ବ୍ୟାଙ୍କ ଆକାଉଣ୍ଟକୁ ୨୧.୬ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଏଥିମଧ୍ୟରୁ ଗୋଟିଏ ଆକାଉଣ୍ଟକୁ ୩ କୋଟି ଟଙ୍କା ଟ୍ରାନ୍ସଫର କରାଯାଇଥିଲା। ଏହି ଟଙ୍କାରେ ହର୍ଷଲ ନିଜ ପାଇଁ ୧.୨ କୋଟି ଟଙ୍କାର ବିଏମ୍‌ଡବ୍ଲ୍ୟୁ କାର୍, ୧.୩ କୋଟି ଟଙ୍କାର ଏସ୍‌ୟୁଭି କାର୍, ୩୨ ଲକ୍ଷ ଟଙ୍କାର ବିଏମ୍‌ଡବ୍ଲ୍ୟୁ ମୋଟର ସାଇକେଲ କିଣିଥିଲେ। ସେହିପରି ଛତ୍ରପତି ଶମ୍ଭାଜୀ ନଗର ଏୟାରପୋର୍ଟ ନିକଟରେ ହର୍ଷଲ ଏକ ବିଳାସପୂର୍ଣ୍ଣ ୪ ବିଏଚ୍‌କେ ଆପାର୍ଟମେଣ୍ଟ କିଣିଥିଲେ। ଏହି ଆପାର୍ଟମେଣ୍ଟକୁ ସେ ତାଙ୍କ ଗର୍ଲଫ୍ରେଣ୍ଡଙ୍କୁ ଉପହାରରେ ଦେଇଥିଲେ ବୋଲି ପୋଲିସ କହିଛି। ଗୁରୁବାର ପୋଲିସ ହର୍ଷଲଙ୍କ ବିଏମ୍‌ଡବ୍ଲ୍ୟୁ କାର୍ ଓ ବାଇକ୍‌କୁ ଜବତ କରିଛି। ସେହିପରି ତାଙ୍କ ୪ ବିଏଚ୍‌କେ ଆପାର୍ଟମେଣ୍ଟରେ ପୋଲିସ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଘଟଣା ସହ ଜଡ଼ିତ ଲୋକଙ୍କ ସହ ମଧ୍ୟ ପୋଲିସ ପଚରାଉଚରା ଜାରି ରହିଛି। ପ୍ରକାଶ ଯେ, କ୍ରୀଡ଼ା ବିଭାଗ ଅଧିକାରୀ ଦୀପକ କୁଲକର୍ନି ଜବାହର ନଗର ଥାନାରେ ଅଭିଯୋଗ କରିବା ପରେ ଏହି ଦୁର୍ନୀତି ମାମଲା ସାମ୍ନାକୁ ଆସିଥିଲା।

## ଏଲ୍‌ଏସିରେ ଚାଇନା...

ଦେଉନାହିଁ। ପଙ୍ଗୋଙ୍ଗ ହ୍ରଦର ଉତ୍ତର ପାର୍ଶ୍ୱ ନିକଟବର୍ତ୍ତୀ ବିବାଦୀୟ ଅଞ୍ଚଳରେ ବେଜିଂ ଏହାର ସାମରିକ ଏବଂ ଦ୍ୱୈତ ବ୍ୟବହାରକ୍ଷମ ଭିତ୍ତିଭୂମିର ବିକାଶ ଜାରି ରଖିଛି। ଡେପ୍‌ସାଙ୍ଗ ଏବଂ ଡେମ୍‌ଚୋକ୍ ସଂଘର୍ଷ ସ୍ଥଳରେ ୨୦୨୦ ମେ' ସମୟର ସ୍ଥିତାବସ୍ଥା ବଜାୟ ରଖିବାକୁ ଉଭୟ ଦେଶ ରାଜି ହୋଇଥିଲେ। ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟା ବେଳେ ଫରୱାର୍ଡ ପୋଜିଶନଗୁଡ଼ିକୁ ଖାଲି କରାଯିବା ପରେ ଡେପ୍‌ସାଙ୍ଗ ନିକଟରେ ଚାଇନାର ପିପୁଲ୍‌ସ ଲିବରେଶନ ଆର୍ମି (ପିଏଲ୍‌ଏ) ନୂଆ କ୍ୟାମ୍ପ ନିର୍ମାଣ କରିଥିବା ମହାକାଶ ସଂସ୍ଥା ମାକ୍ସାର ଟେକ୍ନୋଲୋଜିଜ୍‌ର ଡିସେମ୍ବର ୧୯ ସାଟେଲାଇଟ୍ ଫଟୋରୁ ଦେଖିବାକୁ ମିଳିଛି।


ଏବିଭିପିର ୪୯ତମ ରାଜ୍ୟ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆସନ୍ତା ବର୍ଷରୁ...

ଦେଶର ୫ଟି ରାଜ୍ୟ ମଧ୍ୟରେ ଓଡ଼ିଶା ସ୍ଥାନ ପାଇବ। ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ସରକାର କାମ କରୁଛନ୍ତି। ନିଷ୍ଠା ଓ ତ୍ୟାଗର ପ୍ରତୀକ ହେଉଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)। ଭାଜପା ସରକାର କ୍ଷମତାକୁ ଆସିବାରେ ଏବିଭିପି ପ୍ରମୁଖ ଭୂମିକା ବହନ କରିଛି। ମହାବିଦ୍ୟାଳୟରେ ଶିକ୍ଷାଲାଭ କରିବା ସମୟରେ ମୁଁ ନାଗରିକ ଭାବେ ପ୍ରଥମ ଭୋଟ ଏବିଭିପିକୁ ଦେଇଥିଲି। ଏବିଭିପିର କର୍ମକର୍ତ୍ତାଙ୍କ ଯୋଗୁ ଭାଜପାର ସଦସ୍ୟ ସଂଖ୍ୟା ବୃଦ୍ଧି ପାଇପାରିଛି। ଛାତ୍ରଶକ୍ତିକୁ ରାଷ୍ଟ୍ରଶକ୍ତିରେ ପରିଣତ କରିବାରେ ଏବିଭିପିର ପ୍ରମୁଖ ଭୂମିକା ରହିଛି। ଦୁର୍ନୀତି ଓ ଭ୍ରଷ୍ଟାଚାରରେ ବୁଡ଼ିରହିଥିବା ସରକାରକୁ ଦୀର୍ଘ ୨୪ ବର୍ଷ ପରେ ବଙ୍ଗୋପସାଗରରେ ଲୀନ କରାଯାଇଛି। ପୂର୍ବ ସରକାର ସମୟରେ ଓଡ଼ିଆ ଅସ୍ମିତା ସଙ୍କଟରେ ପଡ଼ିଥିଲା, କିନ୍ତୁ ଏହି ସଙ୍କଟରୁ ଓଡ଼ିଆ ଅସ୍ମିତାକୁ ଉଦ୍ଧାର କରିବାରେ ସାଧାରଣ ଲୋକ ଏବଂ ଏବିଭିପିର ସଦସ୍ୟ ସହାୟକ ହୋଇଛନ୍ତି। ସେହିପରି ପୂର୍ବ ସରକାର ସମୟରେ ନିଯୁକ୍ତି ମିଳିପାରୁ ନ ଥିଲା, କିନ୍ତୁ ଭାଜପା ସରକାର ସମୟରେ ଆସନ୍ତା ୫ ବର୍ଷରେ ସାଢେ ୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଏପରିକି ନିଯୁକ୍ତି କ୍ଷେତ୍ରରେ କୌଣସି ବ୍ୟକ୍ତି ପକ୍ଷପାତିତା ବା ଅନିୟମିତତା କଲେ କଠୋର ଦଣ୍ଡ ବ୍ୟବସ୍ଥା ସ୍ୱରୂପ ୧ କୋଟି ଜରିମାନା ଓ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯିବ। ଭାଜପା ସରକାରର ୫ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଆଗାମୀ ୧୨ବର୍ଷର ଥିବା ଲକ୍ଷ୍ୟକୁ ପୂରଣ କରିବା ଦିଗରେ କାର୍ଯ୍ୟ କରୁଥିବା ନେଇ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଏବିଭିପିର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ଆଶିଷ ଚୌହାନ ଯୋଗଦେଇ ଏହି ସଙ୍ଗଠନ ରାଜନୀତିରେ ଏକ ଅନନ୍ୟ ଭୂମିକା ଥିବା ସହ ଛାତ୍ରନେତା ଗଢ଼ିବାରେ ଏହା ସହାୟକ ହୋଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପରିଷଦର ପୂର୍ବ ଓଡ଼ିଶା ରାଜ୍ୟ ସଭାପତି ଅଧ୍ୟାପକ ଡ. ସଞ୍ଜୀବ ମହାନ୍ତି, ପୂର୍ବ ଓଡ଼ିଶା ରାଜ୍ୟ ସଭାପତି ଗାର୍ଗୀ ବାନାର୍ଜୀ, ପଶ୍ଚିମ ଓଡ଼ିଶା ରାଜ୍ୟ ସଭାପତି ସଞ୍ଜୀବ ନାୟକ, ଅଭ୍ୟର୍ଥନା ସମିତିର ସଭାପତି ଚିନ୍ମୟ ବିଜୟ କୁମାର ମହାନ୍ତି, ଅଭ୍ୟର୍ଥନା ସମିତି ସାଧାରଣ ସମ୍ପାଦିକା ଜ୍ୟୋତିର୍ମୟୀ ନାୟକ, ପୂର୍ବ ଓଡ଼ିଶା ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପରିଷଦର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପାତ୍ର ପରିଚାଳନା କରିଥିଲେ। ଉଲ୍ଲେଖ ଥାଉ କି, ମୁଖ୍ୟମନ୍ତ୍ରୀଙ୍କ ଏହି ସୂଚନା ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ନେଇ ଚାଲିଥିବା କଳ୍ପନାଜଳ୍ପନା ଓ ଚର୍ଚ୍ଚାର ଏକ ପ୍ରକାର ଅନ୍ତ ଘଟିଥିବାବେଳେ ଛାତ୍ରୀଛାତ୍ରମାନେ ଏହାକୁ ସ୍ୱାଗତ କରିଛନ୍ତି।

# ଜାନୁଆରୀ ୧ରେ ତାଳଚେରରେ ହିନ୍ଦୁରାଷ୍ଟ୍ର ମହାଧିବେଶନ



ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି ପକ୍ଷରୁ ସୂଚନା ଦିଆଯାଉଛି।

**ତାଳଚେର,୨୬।୧୨ (ମନୋଜ ନନ୍ଦ)**

ଆସନ୍ତା ଜାନୁଆରୀ ୧ରେ ଅନୁଗୋଳ ଜିଲା ତାଳଚେରସ୍ଥିତ ଦେଉଳବେଡ଼ା ଦୁର୍ଗା ମଣ୍ଡପଠାରେ ପ୍ରଥମ ବିଶାଳ ହିନ୍ଦୁରାଷ୍ଟ୍ର ମହା ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଯୋଗଦେଇ ଦିବ୍ୟ ସନ୍ଦେଶ ପ୍ରଦାନ କରିବେ। ସମଗ୍ର ରାଜ୍ୟରୁ ଶତାଧିକ ସଂଖ୍ୟାରେ ସାଧୁ, ସନ୍ଥ, ମହନ୍ତ, ସନ୍ନ୍ୟାସୀ, ସହସ୍ରାଧିକ ଜନସାଧାରଣ ଯୋଗଦେବେ ବୋଲି ଗୁରୁବାର ଶଙ୍କରାଚାର୍ଯ୍ୟ ସ୍ୱାଗତ ସମିତି ତାଳଚେର ପକ୍ଷରୁ ଦେଉଳବେଡ଼ା ଡିସିଆଇ କ୍ଲବରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଦିତ୍ୟ ବାହିନୀର ରାଜ୍ୟ ଅଧକ୍ଷ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଗୋବର୍ଦ୍ଧନ ପୀଠ ପକ୍ଷରୁ ଜାରି ବିବରଣୀ ଅନୁଯାୟୀ, ଟ୍ରେନ୍ ଯୋଗେ ଜଗଦ୍‌ଗୁରୁ ତାଳଚେର ଷ୍ଟେଶନଠାରେ ଭୋର୍ ୪ଟାରେ ପହଞ୍ଚି ହାଣ୍ଡିଧୂଆ ନିବାସୀ ଡ. ସଞ୍ଜୀବ ରାଉତଙ୍କ ନିବାସରେ ଅବସ୍ଥାନ କରିବେ। ଅପରାହ୍ନ ୨ଟା ୩୦ରେ ଘଣ୍ଟାପଡ଼ା ପଞ୍ଚାୟତର ବାଘମରାଠାରେ ଗୋଶାଳାର ଲୋକାର୍ପଣ କରିବା ସହ ଅପରାହ୍ନ ୩ଟାରେ ଦେଉଳବେଡ଼ା ଦୁର୍ଗା ମଣ୍ଡପ ପଡ଼ିଆରେ ବିଶାଳ ହିନ୍ଦୁରାଷ୍ଟ୍ର ମହାଧିବେଶନରେ ଦିବ୍ୟ ସନ୍ଦେଶ ପ୍ରଦାନ କରିବେ। ଏହି ଖବରଦାତା ସମ୍ମିଳନୀରେ ସଂଯୋଜକ ପର୍ଶୁରାମ ବାରିକ, ଅନୁଗୋଳ ରାଜ୍ୟ ପୀଠପରିଷଦ ଉପାଧକ୍ଷ ପଣ୍ଡିତ ରୋହିତ କୁମାର ଦାଶ, ଅନୁଗୋଳ ଜିଲା କ୍ଷେତ୍ରୀୟ ସମ୍ପାଦକ ବିଜୟ ତ୍ରିପାଠୀଙ୍କ ସମେତ ସଙ୍ଗଠନ ସଚିବ ବରୁଣ ସାହୁ, ସମ୍ପର୍କ ସଚିବ ସୌରୀ ରଞ୍ଜନ ପଣ୍ଡା, ସମ୍ପାଦକ ବୃନ୍ଦାବନ ବେହେରା, ଆଦିତ୍ୟ ଜିଲା ସଭାପତି ଲଳିତ ମୋହନ ଦାଶ, ଆନନ୍ଦ ବାହିନୀର ସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩୦ ଚାଷୀଙ୍କ ନିଶା ପାଲଟିଛି ଷ୍ଟ୍ରବେରୀ ଚାଷ

## ୨୫ ଏକର ଜମିରେ ଫଳାଉଛନ୍ତି ବିଦେଶୀ ଫଳ



**କୋରାପୁଟ,୨୬।୧୨ (ଅମିତାଭ ବେହେରା)**

କୋରାପୁଟ ଜିଲା ଜିଲା ଦଶମନ୍ତପୁର ବ୍ଲକ କାଉଗୁଡା ଗ୍ରାମରେ ଡିସେମ୍ବର ମାସରେ ଷ୍ଟ୍ରବେରୀ ଚାଷ ଆରମ୍ଭ ହୋଇଛି। ବର୍ତ୍ତମାନ କିନ୍ତୁ ୨୫ ଏକର ଜମିରେ ୩୦ ଚାଷୀ ଏହି ଚାଷୀଙ୍କ ଏହି ଚାଷ ନିଶା ପାଲଟିଛି। ଜିଲା ପ୍ରଶାସନ, ଉଦ୍ୟାନ ବିଭାଗ ଓ ସିଓ୍ୱାଇଏସ୍‌ଡିର ମିଳିତ ସହଯୋଗରେ ପ୍ରାୟ ୧୦ ହେକ୍ଟର ଜମିରେ ଏହି ଚାଷ କରିବାକୁ ଗ୍ରାମବାସୀ ଲକ୍ଷ୍ୟ ରଖିଛନ୍ତି। କୋରାପୁଟ କୃଷି ଶିଳ୍ପ ନିଗମର ସହାୟତାରେ ଗ୍ରାମରେ ୨ ମାସ ପୂର୍ବେ ୨ ସୋଲାର ପମ୍ପ ସେଟ ଲଗାଯିବା ପରେ ବର୍ତ୍ତମାନ ଗ୍ରାମବାସୀ ତାଙ୍କ ଜମିରେ ଏହି ଚାଷ ପାଇଁ ଇଚ୍ଛୁକ ହୋଇଛନ୍ତି। ସିଓ୍ୱାଇଏସ୍‌ଡି କର୍ମକର୍ତ୍ତା ବୈଠକ କରି ଗ୍ରାମବାସୀଙ୍କୁ ଷ୍ଟ୍ରବେରୀ ଚାଷ ପାଇଁ ସଚେତନ କରିଥିଲେ। ବୈଠକରେ ସଚେତନ କରାଇବା ପରେ ପ୍ରଥମେ ଗ୍ରାମର ଧନୁର୍ଜୟ ଗାଦବା ଓ ମାଳତି ଗାଦବା ପ୍ରଥମେ ଷ୍ଟ୍ରବେରୀ ଚାଷ କରିବା ସହ ଅନ୍ୟ ୨୮ ଜଣ ଗ୍ରାମବାସୀଙ୍କୁ ପ୍ରଭାବିତ କରିପାରି ଥିଲେ। ଏଥିପାଇଁ କୋରାପୁଟ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରତି ହେକ୍ଟର ପିଛା ୧୨ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ପୁଣେରୁ ଷ୍ଟ୍ରବେରୀ ଚାରା ଅନ୍ୟ ଆର୍ଥିକ ସହାୟତା ପ୍ରଦାନ କରିଥିବା ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ବିଶ୍ୱାଳ କହିଛନ୍ତି।

ସେହିପରି ସିଓ୍ୱାଇଏସ୍‌ଡି ପକ୍ଷରୁ ଚାଷୀଙ୍କୁ ସମସ୍ତ ଯାନ୍ତ୍ରିକ ସହାୟତା ପ୍ରଦାନ ସହ ସେମାନଙ୍କୁ ଗଛ ଲଗାଇବା ନେଇ ତାଲିମ ପ୍ରଦାନ କରାଯାଉଥିବା ସିଓ୍ୱାଇଏସ୍‌ଡିର ଦଶମନ୍ତପୁର ବ୍ଲକ ସଂଯୋଜକ ଆନନ୍ଦ ମଲ୍ଲିକ କହିଛନ୍ତି। ଗତ ୧୫ ଦିନ ତଳେ ଜମି ପ୍ରସ୍ତୁତକରି ସେଥିରେ ଷ୍ଟ୍ରବେରୀ ଚାରା ଲଗାଇବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଗ୍ରାମର ୩୦ ଚାଷୀ ପ୍ରାୟ ୨୦ ଏକର ଜମିରେ ଚାରା ଲଗାଇ ସାରିଲେଣି । ସପ୍ତାହକ ମଧ୍ୟରେ ଚାରାରୋପଣ କାର୍ଯ୍ୟ ଶେଷ ହେବାପରେ ଗଛରେ ଜୈବିକ ଔଷଧ ସିଞ୍ଚନ ସହ ଜମି ଚର୍ତୁପାର୍ଶ୍ୱରେ ଅସ୍ଥାୟୀ ବାଡ଼ କରାଯିବ ବୋଲି ଗ୍ରାମର ଚାଷୀ ହରି ଗାଦବା ଓ ରମେଶ ଗାଦବା ପ୍ରମୁଖ ଅନ୍ୟ ଚାଷୀ କହିଛନ୍ତି। ଷ୍ଟ୍ରବେରୀ ଅମଳ ପରେ ସିଓ୍ୱାଇଏସଡିର ଏପିସି(କୃଷି ଉତ୍ପାଦକ କ୍ଲଷ୍ଟର) ଓ ଡ଼ଙ୍ଗର ରାଣୀ ପ୍ରଡ୍ୟୁସର ଏଫପିଓ(ଫାର୍ମର ପ୍ରଡ୍ୟୁସର ଅର୍ଗାନାଇଜେଶନ) ମାଧ୍ୟମରେ ଏହା ବିକ୍ରୟ କରାଯିବ ବୋଲି ନିଷ୍ପତି ହୋଇଥିବା ବ୍ଲକ ସଂଯୋଜକ ଆନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ୩ ମାସ ପରେ ଷ୍ଟ୍ରବେରୀ ଅମଳ ହେବ। ଏହା କିଲୋ ପ୍ରତି ପ୍ରାୟ ୪ ଶହରୁ ୫ଶହ ଟଙ୍କାରେ ବିକ୍ରି କରାଯିବ, ଚଷୀ କିଲୋ ପ୍ରତି ୨ଶହରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇବେ ବୋଲି ସିଓ୍ୱାଇଏସ୍‌ଡି ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, କୋଟିଆ ପଞ୍ଚାୟତ ଅଞ୍ଚଳରେ ପ୍ରାୟ ୨ବର୍ଷ ପୂର୍ବରୁ ଜିଲା ପ୍ରଶାସନ ଆଇଟିଡିଏର ସହାୟତାରେ ୫ ଏକର ଜମିରେ ପରୀକ୍ଷାମୂଳକ ଭାବେ ଏହି ଚାଷ ଆରମ୍ଭ କରାଯାଇଥିଲା।

# ୭୨ ଘଣ୍ଟାରେ ଫସଲ କ୍ଷୟକ୍ଷତିର ସୂଚନା ଦିଅ: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୬।୧୨ (ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗୁରୁବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅଦିନିଆ ବର୍ଷା ଜନିତ ଫସଲ ହାନିକୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ବୈଠକରେ ରାଜ୍ୟର ସମସ୍ତ ଜିଲାପାଳମାନେ ଆଭାସି ମାଧ୍ୟମରେ ଯୋଗଦେଇଥିଲେ। ଏହି ଅବସରରେ ଅଦିନିଆ ବର୍ଷାଜନିତ ଫସଲ କ୍ଷୟକ୍ଷତିର ସମୀକ୍ଷା କରି ମନୋଜ ଆହୁଜା କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା(ପିଏମ୍ଏଫବିଓ୍ୱାଇ)ରେ ପଞ୍ଜୀକୃତ ଚାଷୀଙ୍କୁ, ବୀମା ସହାୟତା ପାଇବା ପାଇଁ ୭୨ ଘଣ୍ଟା ମଧ୍ୟରେ କୃଷି ରକ୍ଷକ ଆପ୍ (କୃଷି ରକ୍ଷକ ଆପ୍) କିମ୍ବା ହେଲ୍ପ ଲାଇନ ନମ୍ବର ୧୪୪୪୭ରେ ଯୋଗଯୋଗ କରି ତୁରନ୍ତ ଫସଲ କ୍ଷତିର ସୂଚନା ଦେବା ଜରୁରୀ। ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଚଇତା, ଦି' ମାଇପର ଘଇତା**
**ତବତ ଖାଇବୁ କି ପଖାଳ ଖାଇବୁ**
**ବେଳ ଥାଉଁ ଥାଉଁ କହିଥା ।**

ଦୁଇଟା ସ୍ତ୍ରୀ ଥିଲେ କାହା ମନକୁ ନେଇ ଚଳିବ ସେନେଇ ମଣିଷ ହରଡ଼ଘଣାରେ ପଡ଼ିଯାଇଥାଏ। ଦୁଇଜଣଙ୍କ ମନ ଏକାଠି ମିଶି ନ ପାରିବା କାରଣରୁ କାହାକୁ ତୁଷ୍ଟ କରିହେବ ସେନେଇ ବ୍ୟସ୍ତତା ବଢ଼ିଯାଇଥାଏ। ଆଗପଛ ନ ବିଚାରି ଦୁଇଟା ସ୍ତ୍ରୀ ରଖିଥିବା ବ୍ୟକ୍ତି ସ୍ଥଳ ବିଶେଷରେ ହଟହଟା ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଇତେ ନିମ, କାର୍ତ୍ତିକେ ଖଇ**
**ବଇଦ ଆଗରେ ମାରିବୁ ହାଇ ।**

ଚୈତ୍ର ମାସରେ ନିମପତ୍ର ଓ ନିମକଢ଼ି ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସେହିପରି କାର୍ତ୍ତିକ ମାସରେ ଖଇ ଖାଇବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୁଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଇ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ



# ତାଲିବାନ୍‌ର ଲିଙ୍ଗଗତ ଭେଦଭାବ



ଗର୍ଡନ ବ୍ରାଉନ

ଆଫଗାନିସ୍ତାନର ତାଲିବାନ୍ ନେତାମାନଙ୍କର ବିଶ୍ୱାସ ଯେ କେବଳ ଇସ୍‌ଲାମ୍‌ର ମତ ହିଁ ବୈଧ। ସେଥିପାଇଁ ସେମାନେ ବିଭିନ୍ନ ଆଦେଶ ଜାରି କରି ଚାଲିଛନ୍ତି ଯାହା ଦେଶର ମହିଳା ଏବଂ ବାଳିକାମାନଙ୍କୁ ସେମାନଙ୍କର ଅଧିକାର ଏବଂ ସ୍ୱାଧୀନତାରୁ ବଞ୍ଚିତ କରୁଛି। ମହିଳା ଏବଂ ବାଳିକାଙ୍କୁ ସର୍ବସାଧାରଣରେ କହିବାକୁ ବାରଣ କରାଯାଇଛି। ନିକଟରେ ଆନ୍ୟ ଏକ ସରକାରୀ ଆଦେଶରେ ମହିଳାଙ୍କ ଗହଣରେ ଉଚ୍ଚ ସ୍ୱରରେ ପ୍ରାର୍ଥନା କରିବା କିମ୍ବା କୋରାନ୍ ପଢ଼ିବା ନିଷେଧ କରାଯାଇଛି। ଗୀତ ଗାଇବା କିମ୍ବା ମ୍ୟୁଜିକ୍ ଉପରେ ପ୍ରତିବନ୍ଧକ ଲଗାଯାଇଛି। କିଛି ମାସ ପୂର୍ବେ ତାଲିବାନ୍ ମହିଳା ଏବଂ ବାଳିକାଙ୍କ ଶିକ୍ଷା ଉପରେ ଏହାର ପ୍ରତିବନ୍ଧକକୁ କୋହଳ କରିପାରେ ବୋଲି କିଛି ଆଶା କରାଯାଉଥିଲା। ହେଲେ ଏହା ପରିବର୍ତ୍ତେ ତାଲିବାନ୍ ଶାସନ ଏହାର ଲିଙ୍ଗଗତ ଭେଦଭାବ ଦୃଢ଼ କରିବାକୁ ଚାହୁଁଛି। ଆଫଗାନିସ୍ତାନରେ ଅବସ୍ଥାପିତ ଜାତିସଂଘର ମାନବ ଅଧିକାର ପ୍ରତିନିଧି ରିଚାର୍ଡ ବେନେଟ୍‌ଙ୍କୁ ଦେଶରେ ପ୍ରବେଶ କରାଇଦିଆଯାଇନାହିଁ। ସେ ଏବେ ତାଲିବାନ୍‌ର ଦମନକାରୀ ନୀତି ଉପରେ ସମୀକ୍ଷା ଆରମ୍ଭ କରିଛନ୍ତି। ଏହି ସମୟରେ, ଜାତିସଂଘର ୬ଷ୍ଠ କମିଟି (ଆଇନ) ମାନବିକତା ବିରୋଧରେ ଅପରାଧକୁ ଦୃଷ୍ଟିରେ ରଖି ବିଶ୍ୱସ୍ତରୀୟ ଚୁକ୍ତିନାମାର ଏକ ଚିଠା ପ୍ରସ୍ତାବକୁ ଅନୁମୋଦନ କରିଛି। ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ସମେତ ଅନେକ ମାନବ ଅଧିକାର ଗୋଷ୍ଠୀ ଯୁକ୍ତି ବାଢ଼ିଛନ୍ତି ଯେ ଏହି ଚୁକ୍ତିନାମା ଉପରେ ଜାନୁଆରୀ ୨୦୨୬ ରେ ଅଧିକ ଆଲୋଚନା କରାଯାଇ ଅନ୍ତଃରାଷ୍ଟ୍ରୀୟ ନିୟମ ଅନୁଯାୟୀ ଲିଙ୍ଗଗତ ଭେଦଭାବକୁ ଏକ ଅପରାଧ ଭାବେ ବର୍ଗୀକୃତ କରିବା ଆବଶ୍ୟକ । ଏହା ଆଫଗାନିସ୍ତାନ, ଇରାନ ଏବଂ ଅନ୍ୟ ସବୁ ଦେଶରେ ମହିଳା ଓ ବାଳିକାଙ୍କ ପ୍ରତି ହେଉଥିବା ବାଛବିଚାର, ଉତ୍ପୀଡ଼ନ ଶେଷ କରିବା କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ହେବ।

ତାଲିବାନ୍‌ର ଲିଙ୍ଗଗତ ଭେଦଭାବର ମୁକାବିଲା ପାଇଁ ଜରୁରୀ ଆବଶ୍ୟକତା ରହିଛି। ବିଗତ ୩ବର୍ଷ ମଧ୍ୟରେ ତାଲିବାନ୍ ଶାସକ ବାଳିକା ଏବଂ ଯୁବତୀଙ୍କୁ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ନିଷେଧ କରିଛି। ସାଥିରେ କୌଣସି ବୟସ୍କ ପୁରୁଷ ନ ଥିଲେ ମହିଳାଙ୍କୁ ଯାତ୍ରା କରିବାକୁ ମନା କରାଯାଇଛି। ଏହା ସହ ସେମାନଙ୍କୁ ଅଧିକାଂଶ ସରକାରୀ କ୍ଷେତ୍ରରୁ ବାଦ୍ ଦିଆଯିବା ସହିତ ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଘୋଡ଼ାଇହେବା ଭଳି ବୁର୍ଖା ପିନ୍ଧିବାକୁ ମଧ୍ୟ ବାଧ୍ୟ କରାଯାଇଥିଲା। ଅଗଷ୍ଟ ମାସରେ ତାଲିବାନ୍ ସରକାର ମହିଳାମାନଙ୍କୁ ଗୀତ ଗାଇବା, କୋରାନ୍ ପାଠ କରିବା ଏବଂ ସର୍ବସାଧାରଣରେ କଥାବାର୍ତ୍ତା କରିବାକୁ ମଧ୍ୟ



ବାରଣ କରିଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଦୋହାରେ ଅନୁଷ୍ଠିତ ଅନ୍ତଃରାଷ୍ଟ୍ରୀୟ ବୁଝମଣାରେ ଆଫଗାନ ମହିଳା ତଥା ମହିଳା ଗୋଷ୍ଠୀଙ୍କୁ ବାଦ୍ ଦିଆଯାଇଥିଲା, ଏପରିକି ତାଲିବାନ୍ ଶାସନ ସେମାନଙ୍କ ଦୁର୍ଦ୍ଦଶାକୁ ସ୍ୱୀକାର କରିବାକୁ ମନା କରିଦେଇଥିଲା।

୨୦୨୧ରେ ତାଲିବାନ୍ କ୍ଷମତାକୁ ଫେରିବା ପରେ ଆଫଗାନ ବାଳିକାମାନଙ୍କ ମଧ୍ୟରୁ ଯେଉଁମାନେ ସ୍କୁଲରେ ପଢୁଥିଲେ ସେମାନେ ପ୍ରତିବନ୍ଧକ ସତ୍ତ୍ୱେ ଡାକ୍ତର, ନର୍ସ, ଶିକ୍ଷକ, ଇଞ୍ଜିନିୟର ଏବଂ ଉଦ୍ୟୋଗୀ ହେବାର ସ୍ୱପ୍ନ ଦେଖୁଛନ୍ତି। ନିଜ ପାଇଁ ଏବଂ ସେମାନଙ୍କ ପରିବାର ପ୍ରତି ବିପଦ ଥିଲେ ମଧ୍ୟ କେତେଜଣ ବାଳିକା ଭୂତଳ ବିଦ୍ୟାଳୟରେ ପଢୁଛନ୍ତି, ସ୍ଥାନୀୟ ଘରୋଇ ବିଦ୍ୟାଳୟର ଶିକ୍ଷା କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି କିମ୍ବା ଦୂରଶିକ୍ଷା ଗ୍ରହଣ କରୁଛନ୍ତି । ଅଳ୍ପ କେତେଜଣ ବିଦେଶରେ ପଢ଼ିବା ପାଇଁ ଦେଶ ଛାଡ଼ି ଚାଲିଯାଇଛନ୍ତି। ଆଫଗାନ ମହିଳାଙ୍କୁ ଅବଦମିତକରି ରଖିବାର ଏକ ଦୀର୍ଘ ମିଆଦୀ ତଥା ଭୟଙ୍କର ପରିଣାମ ରହିଛି। ନିକଟରେ ପ୍ରକାଶିତ ଜାତିସଂଘ ମହିଳା ରିପୋର୍ଟରୁ ଜଣାପଡ଼ିଛି , ଆଫଗାନିସ୍ତାନରେ ବାଲ୍ୟବିବାହ ୨୫% ବୃଦ୍ଧି ପାଇଛି। ଝିଅଙ୍କୁ ମାଧ୍ୟମିକ ଶିକ୍ଷାରୁ ବଞ୍ଚିତ କରିବା ଯୋଗୁ ଏଭଳି ଘଟିଛି। ମାନସିକ ଦୁଃଖ, ବିଷାଦ ଏବଂ ଆତ୍ମହତ୍ୟା ପ୍ରୟାସ ମଧ୍ୟ ବଢ଼ିଛି। ଏହା ବ୍ୟତୀତ ମାତୃ ମୃତ୍ୟୁ ହାର ଅତି କମ୍‌ରେ ୫୦% ବୃଦ୍ଧି ପାଇଛି , ବିଶେଷକରି ଯୁବତୀମାନଙ୍କ ପ୍ରସବକାଳୀନମ ମୃତ୍ୟୁ କାରଣରୁ ଏଭଳି ଘଟୁଛି।

ଉଲ୍ଲେଖନୀୟ ଯେ, ଅନ୍ତଃରାଷ୍ଟ୍ରୀୟ ସମୁଦାୟ ତାଲିବାନ୍‌ଙ୍କ ଅତ୍ୟାଚାରୀ ନୀତି ଉପରେ ଆଇନଗତ ପ୍ରତିକ୍ରିୟାକୁ ସଞ୍ଚାଳନ କରିବାରେ ଆଗକୁ ବଢ଼ିଛି। ମାର୍ଚ୍ଚ ୨୦୨୩ ରେ ଆଫଗାନ୍ ଆଇନ ବିଶେଷଜ୍ଞ ତଥା ମହିଳା ଅଧିକାର ସମର୍ଥକମାନେ ଲିଙ୍ଗଗତ ଭେଦଭାବ ଦୂରକରିବା ଏବଂ ଏହାକୁ ଏକ ଅନ୍ତଃରାଷ୍ଟ୍ରୀୟ ଅପରାଧ ଭାବେ ସ୍ୱୀକୃତି ଦେବା ପାଇଁ ଅଭିଯାନ ଆରମ୍ଭ କରିଥିଲେ। ଏହାସହ ମହିଳା ଓ ଝିଅଙ୍କ ପ୍ରତି ବାଛବିଚାର ଉପରେ କାମ କରୁଥିବା ଜାତିସଂଘ ୱାର୍କିଂ ଗ୍ରୁପ୍ ମାନବତା ବିରୋଧୀ ଅପରାଧ ଚୁକ୍ତିନାମାର ଚିଠାରେ ଲିଙ୍ଗଗତ ଭେଦଭାବକୁ ସାମିଲ କରିବାକୁ ସୁପାରିସ କରିଥିଲା। ଚିଠା ପ୍ରସ୍ତାବ ଉପରେ ଗଠିତ ଜାତିସଂଘ ଆଇନ କମିଟିର ଏପ୍ରିଲ ୨୦୨୪ ଅଧିବେଶନରେ ଅନେକ ସଦସ୍ୟ ରାଷ୍ଟ୍ର ଏହାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସମର୍ଥନ ଜଣାଇଥିଲେ । ଜାନୁଆରୀ ୨୦୨୬ ରେ ହେବାକୁ ଥିବା ବୈଠକରେ ଲିଙ୍ଗଗତ ଭେଦଭାବ ସଂଜ୍ଞା ଉପରେ ଆଲୋଚନା କରାଯିବ। ଏକ ବ୍ୟବସ୍ଥାଗତ ଶାସନ କ୍ଷମତା ଜାରି ରଖିବା ଲକ୍ଷ୍ୟରେ କରାଯାଉଥିବା ଯୋଜନାବଦ୍ଧ ଭେଦଭାବ, ନିର୍ଯାତନା ଏବଂ ଦମନକୁ ଏକ ଅମାନବିକ କାର୍ଯ୍ୟ ଭାବେ ସ୍ୱୀକୃତି ଦେବାର ଯେଉଁ ପ୍ରସ୍ତାବ ରହିଛି ତାହା ଉପରେ ବିଚାର କରିବ। ଏହାସହ ଏହି ସଂଜ୍ଞାରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ରୋଜଗାର ତଥା ଅଭିବ୍ୟକ୍ତିର ସ୍ୱାଧୀନତା, ସମାବେଶ ଏବଂ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନରେ ଅଂଶଗ୍ରହଣ ଭଳି ମୌଳିକ ମାନବ ଅଧିକାର ଉଲ୍ଲଂଘନକୁ ସାମିଲ କରିବ। ପ୍ରସ୍ତାବିତ ଚୁକ୍ତି ଯୋଜନାବଦ୍ଧ ଭେଦଭାବର ଶିକାର ହୋଇଥିବା ଲୋକଙ୍କୁ ନ୍ୟାୟ ପ୍ରଦାନ କରିପାରିବ କି? ମାନବିକତା ବିରୋଧରେ ଅପରାଧର ବିଚାର ପାଇଁ ଏହା ସଦସ୍ୟ ଦେଶଗୁଡ଼ିକୁ ବାଧ୍ୟ କରୁଥିବାବେଳେ ଏହାର କାର୍ଯ୍ୟକାରୀ ପ୍ରକ୍ରିୟା ସୀମିତ ରହିଛି। ବର୍ତ୍ତମାନର ପ୍ରସ୍ତାବିତ ଚିଠାରେ ଅପରାଧକୁ ଦମନ କରିବାର ଦୃଢ଼ ପ୍ରତିବଦ୍ଧତା ନାହିଁ , ଯାହା ଲିଙ୍ଗଗତ ଭେଦଭାବ ଅପରାଧର ଦମନ ଏବଂ ଦଣ୍ଡ ଉପରେ ହୋଇଥିବା ୧୯୭୩ ଅନ୍ତର୍ଜାତୀୟ ସମ୍ମିଳନୀର ଏକ ପ୍ରମୁଖ ସର୍ତ୍ତ ଥିଲା। ତେବେ ଚିଠା ଚୁକ୍ତିନାମା ଲିଙ୍ଗଗତ ଭେଦଭାବ ସୃଷ୍ଟିକରି ଜାରି ରଖିଥିବା ବ୍ୟବସ୍ଥା ଓ ସଂସ୍ଥାଗୁଡ଼ିକୁ ଅଣଦେଖା କରି ବ୍ୟକ୍ତିବିଶେଷଙ୍କ ଆପରାଧିକ ଉତ୍ତରଦାୟିତ୍ୱ ଉପରେ ଗୁରୁତ୍ୱ ଦେଇଛି।

ଅନ୍ତର୍ଜାତୀୟ ସମୁଦାୟ ଏହା ସ୍ପଷ୍ଟ କରିବା ଉଚିତ ଯେ, ତାଲିବାନ୍ ମହିଳାଙ୍କୁ ଦେଉଥିବା ନିର୍ଯାତନା ଶେଷ ନ କରିବା ପର୍ଯ୍ୟନ୍ତ ତା' ସହ ସ୍ୱାଭାବିକ ସମ୍ପର୍କ ରଖିବ ନାହିଁ। ମୁଖ୍ୟତଃ ମୁସଲମାନ ଦେଶଗୁଡ଼ିକ ଏହା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ। ଉଲ୍ଲେଖନୀୟ ଯେ, ତାଲିବାନ୍ ଓ ପାଶ୍ଚାତ୍ୟ ମଧ୍ୟରେ ମଧ୍ୟସ୍ଥ ହୋଇଥିବା କାତାର ମଧ୍ୟ ସାଉଦି ଆରବ ଭଳି ତାଲିବାନ୍ ନୀତିକୁ ନିନ୍ଦା କରିଛି। ସଂଯୁକ୍ତ ଆରବ ସଂଘ ଆଫଗାନିସ୍ତାନର ବାଳିକା ଶିକ୍ଷା ଉପରେ ନିଷେଧାଦେଶକୁ ଇସ୍‌ଲାମର ନୀତିଶିକ୍ଷାର ଉଲ୍ଲଂଘନ ବୋଲି ଦର୍ଶାଇଛି ଏବଂ ଏହାକୁ ଶୀଘ୍ର ପରିବର୍ତ୍ତନ କରିବାକୁ ପଡିବ ବୋଲି କହିଛି।

ମହିଳାଙ୍କ ବିରୋଧରେ ସବୁ ପ୍ରକାର ବାଛବିଚାର ଦୂରକରିବାକୁ ନେଇ କରାଯାଇଥିବା ଚୁକ୍ତିର ଉଲ୍ଲଂଘନ କରୁଥିବା ଆଫଗାନିସ୍ତାନ ବିରୋଧରେ ଅନ୍ତର୍ଜାତୀୟ ନ୍ୟାୟାଳୟରେ ମୁସଲମାନ ବହୁଳ ଦେଶଗୁଡ଼ିକ ଏକ ମାମଲା ଦାଏର କରିବା ଉଚିତ। ଏହା କରିବା ଦ୍ୱାରା ଏକ ସ୍ପଷ୍ଟ ବାର୍ତ୍ତା ଯିବ ଯେ, ତାଲିବାନ୍ ଶାସନ ଯେପର୍ଯ୍ୟନ୍ତ ଏହାର ଅତ୍ୟାଚାରୀ ନୀତି ବଜାୟ ରଖିବ, ସେ ପର୍ଯ୍ୟନ୍ତ ତାହାକୁ କୌଣସିଥିରେ ସାମିଲ କରାଯିବ ନାହିଁ କିମ୍ବା ସ୍ୱୀକୃତି ଦିଆଯିବ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଭଳି ପଦକ୍ଷେପ ଆଫଗାନ୍ ଯୁବତୀଙ୍କୁ ଏକାଠି କରିବ ଓ ସେମାନଙ୍କ ମନରେ ଆଶା ସୃଷ୍ଟିକରିବ। ସେମାନଙ୍କ ନିର୍ଯାତନାକୁ ଅଣଦେଖା କରାଯାଇ ନାହିଁ ଏବଂ ସେମାନଙ୍କ ଉତ୍ପୀଡ଼କ ଏଥିପାଇଁ ଉତ୍ତରଦାୟୀ ରହିବେ ବୋଲି ଏହା ଏକ ବାର୍ତ୍ତା ମଧ୍ୟ ଦେବ।

**ପୂର୍ବତନ ପ୍ରଧାନମନ୍ତ୍ରୀ, ବ୍ରିଟେନ୍**

## ଏସିଡ୍ ଆଟାକ୍ ଓ ଆଇନ ବ୍ୟବସ୍ଥା



ଗଙ୍ଗାଧର ସାମଲ

ଆଜିକାଲି ମହିଳାମାନେ ଘର ଚଳାଇବାଠାରୁ ଆରମ୍ଭ କରି ଚନ୍ଦ୍ରକୁ ଯିବା ଭଳି କାର୍ଯ୍ୟ କଲେଣି। ହେଲେ ସେମାନଙ୍କୁ କଷ୍ଟ ବା ନିର୍ଯାତନା ଦେବା ବନ୍ଦ ହୋଇନି। ଏଭଳି ଅନେକ ମାମଲା ସାମ୍ନାକୁ ଆସୁଛି, ଯାହା ଅତ୍ୟନ୍ତ ବୀଭତ୍ସ। କେଉଁଠି ଏକତରଫା ପ୍ରେମ ପାଇଁ ଯୁବତୀଙ୍କ ମୁହଁରେ ଏସିଡ୍ ପକାଗଲାଣି ତ ଅନ୍ୟ କେଉଁଠି ପ୍ରତିଶୋଧ ନେବା ପାଇଁ। ପ୍ରତିଦିନ ଏଭଳି ଘଟଣା ସମ୍ପର୍କରେ ଖବରକାଗଜରେ ପଢ଼ିବାକୁ ମିଳୁଛି। ଏସିଡ୍ ଆଟାକକୁ ନେଇ ଦେଶରେ କଡ଼ା ନିୟମ ରହିଛି। ହେଲେ ଏହି ନିୟମର ପ୍ରଭାବ କମ୍ ପଡୁଥିବା ବିଭିନ୍ନ ସମୀକ୍ଷାରୁ ଜଣାପଡୁଛି। ଦେଶରେ ପ୍ରତି ସମୟରେ ଏହି ଅପରାଧ ବଢ଼ିବାରେ ଲାଗିଛି। ଏକ ସର୍ଭେ ଅନୁସାରେ ୨୦୧୪ରେ ୨୦୩, ୨୦୧୫ରେ ୨୨୨, ୨୦୧୬ରେ ୨୩୮, ୨୦୧୭ରେ ୨୫୨, ୨୦୧୮ରେ ୨୨୮ଟି ଏସିଡ୍ ଆଟାକ୍ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ସେହିଭଳି ୨୦୧୯ରେ ପାଖାପାଖି ୨୪୯ ଓ ୨୦୨୦ରେ ୧୮୨ଟି ମାମଲା ରୁଜୁ ହୋଇଛି। ଏହି ତଥ୍ୟରୁ ଜଣାପଡ଼େ ଦେଶରେ ଏସିଡ୍ ଆଟାକର ମାମଲା କମିବା ବଦଳରେ ବଢ଼ି ଚାଲିଛି। କୌଣସି ଆଇନ କିମ୍ବା ଦଣ୍ଡର ଡର ଏମାନଙ୍କୁ ଏଭଳି ଅପରାଧ କରିବାରୁ ରୋକିପାରୁନାହିଁ। ଏଭଳି ଅପରାଧ ଦେଶର ସବୁ ରାଜ୍ୟରେ ହେଉଥିବାବେଳେ ସବୁଠାରୁ ଅଧିକ ମାମଲା କୋଲକାତାରେ ଦେଖିବାକୁ ମିଳିଛି। ୨୦୨୧ରେ ହୋଇଥିବା ଏକ ସର୍ଭେ ଅନୁଯାୟୀ, କୋଲକାତାରେ ପାଖାପାଖି ୩୦ଟି ଏସିଡ୍ ଆଟାକ ମାମଲା ସାମ୍ନାକୁ ଆସିଥିଲା। ସେହିଭଳି ଉତ୍ତରପ୍ରଦେଶରେ ୧୮ଟି ମାମଲା ସହ ଦ୍ୱିତୀୟରେ, ୮ଟି ମାମଲା ସହିତ ଦିଲ୍ଲୀ ତୃତୀୟରେ, ସାତୋଟି ମାମଲା ସହ ଆସାମ ଚତୁର୍ଥରେ ରହିଛି। ତେବେ ଏହି ସମସ୍ତ ମାମଲାକୁ ତର୍ଜମା କଲେ ଜଣାପଡ଼େ ଯେ, ଦେଶରେ ଏସିଡ୍ ଆଟାକ୍‌କୁ ନେଇ ଥିବା ନିୟମରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହାକୁ ଆହୁରି କଡ଼ାକଡ଼ି କରାଯିବା ଦରକାର।

ଏସିଡ୍ ଆଟାକ୍ ମାମଲା ବଢ଼ିବାରୁ ଦୀର୍ଘ ୯ବର୍ଷ ପୂର୍ବେ ସୁପ୍ରିମକୋର୍ଟ ଏସିଡ୍ କିଣାବିକାକୁ ନେଇ କିଛିଟା ନିୟମ କରିଥିଲେ। ହେଲେ ବିଭିନ୍ନ ସମୟରେ ଏହି ନିୟମର ପାଳନ ହୋଇ ନଥିବା ଦେଖିବାକୁ ମିଳିଥାଏ । ସୂଚନା ଅନୁସାରେ ଏଥିରୁ ଅନେକ ନିୟମ କେବଳ କାଗଜକଲମରେ ରହିଛି। ତେବେ ନିୟମ ଅନୁସାରେ ୧୮ବର୍ଷରୁ କମ୍ ବ୍ୟକ୍ତିଙ୍କୁ ଏସିଡ୍ କିଣିବା ପାଇଁ ଅନୁମତି ନାହିଁ। ସେହିଭଳି ଦୋକାନୀ ଯେଉଁମାନେ ଏସିଡ୍ ବିକିବେ ସେମାନେ ଗ୍ରାହକଙ୍କର ସମ୍ପୂର୍ଣ୍ଣ ତଥ୍ୟ ରଖିବା ଜରୁରୀ। ଏହି ତଥ୍ୟରେ ଗ୍ରାହକଙ୍କର ଠିକଣା ରହିବା ଉଚିତ। ସେହିଭଳି ଦୋକାନୀଙ୍କ ପାଖରେ କେତେ ପରିମାଣର ଏସିଡ୍ ବିକ୍ରି ପାଇଁ ରହିଛି, ସେ ନେଇ ପ୍ରଶାସନ ପାଖରେ ସୂଚନା ରହିବା ଆବଶ୍ୟକ। ହସ୍ପିଟାଲ, ବିଭିନ୍ନ ଲ୍ୟାବ୍, ଶିକ୍ଷାନୁଷ୍ଠାନ ଆଦିରେ ଯେଉଁଠି ଏସିଡ୍‌ର ବ୍ୟବହାର ହେଉଛି, ତାହାର ଲିଖିତ ତଥ୍ୟ ରଖିବାକୁ ନିୟମ ରହିଛି। ହେଲେ ବିଭିନ୍ନ ସମୟରେ ଏହି ନିୟମ ପାଳନ ହେଉ ନ ଥିବାର ଦେଖିବାକୁ ମିଳୁଛି। ବଜାରରେ ଯିଏ ଚାହୁଁଛି ସିଏ ଏସିଡ୍ କିଣିପାରୁଥିବାବେଳେ ଏହାର କୌଣସି ହିସାବ ଦୋକାନୀଙ୍କ ପାଖରେ ରହୁନାହିଁ। ସେହିଭଳି ଏହି ଗ୍ରାହକଙ୍କର କୌଣସି ତଥ୍ୟ ଦୋକାନୀ ରଖୁ ନ ଥିବା ଜଣାପଡ଼ିଛି। ଯାହାଫଳରେ ଯେତେବେଳେ ବି କୌଣସି ଅପରାଧ ଘଟୁଛି ପୋଲିସ ଅପରାଧୀ ବିଷୟରେ ସନ୍ଧାନ ପାଇବାରେ ହଇରାଣ ହେଉଛି।

ବର୍ତ୍ତମାନ ଯେକୌଣସି ଅପରାଧ ହେଉ ଏହାକୁ ନେଇ ଅନେକ କଡ଼ା ନିୟମ ପ୍ରସ୍ତୁତ କରାଯାଉଛି। ଏହି ନିୟମ ଅପରାଧକୁ ରୋକିବାକୁ ତିଆରି କରାଯାଉଛି। ତେବେ ଏସିଡ୍ ଆଟାକ୍‌କୁ ନେଇ ପୂର୍ବରୁ କୌଣସି ଅଲଗା ନିୟମ ଏଥିପାଇଁ ନ ଥିଲା। ଏହି ମାମଲା ୩୨୬ ଅଧୀନରେ ରେଜିଷ୍ଟ୍ରି ହେଉଥିଲା। ଏହି ଧାରା ଅଧୀନରେ ଅପରାଧୀ ଉପରେ ଗମ୍ଭୀର ଭାବେ ଆହତ କରିବାର ମାମଲା ଲାଗୁଥିଲା। ହେଲେ ପରେ ଏଥିରେ ୩୨୬ ଏ ଓ ବି ଯୋଡ଼ା ଯାଇଥିଲା। ଯେଉଁ ଧାରା ଅଧୀନରେ ଏହାକୁ ଜାମିନ ରହିତ ଅପରାଧ ଭାବେ ଗଣାଯାଇଥିଲା। ଏହି ଅପରାଧ ଜଘନ୍ୟ ହୋଇଥିଲେ ଆଜୀବନ କାରାଦଣ୍ଡର ବିଧାନ ରହିଛି। ସେହିଭଳି ଅପରାଧୀଠାରୁ ଫାଇନ ଆଦାୟ କରି ପୀଡ଼ିତାଙ୍କୁ ପ୍ରଦାନ କରାଯିବାର ବ୍ୟବସ୍ଥା ମଧ୍ୟ ରଖାଯାଇଛି।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**
**ମୋ: ୯୪୩୭୨୨୬୬୪୭**

## ଏଇ ଭାରତରେ

ମହାରାଷ୍ଟ୍ରରେ ତତ୍ତ୍ୱଶୀ କୁମ୍ଭଲେ ଓ ଅଶୋକ ଟାଙ୍ଗେଡ ହ୍ୱିସିଲବ୍ଲୋୟର ଭାବେ ବେଶ୍ ଜଣାଶୁଣା। ମହାରାଷ୍ଟ୍ରର ବିଡ୍ ଜିଲାରେ ସେମାନେ ବାଲ୍ୟ ବିବାହ ରୋକିବା ଅଭିଯାନ ଚଳାଇଛନ୍ତି। ବିଶ୍ୱରେ ସବୁଠୁ ଅଧିକ ବାଲ୍ୟ ବିବାହ ଭାରତରେ ହେଉଥିବାରୁ ଏଭଳି ପ୍ରଥାକୁ ଦୂର କରିବାରେ ଏହି ଦୁହିଁଙ୍କ ପ୍ରୟାସ ପ୍ରଶଂସନୀୟ। ଜିଲାପାଳ, ପୋଲିସ ଅଧୀକ୍ଷକ, ଗାଁ ମୁଖିଆଙ୍କ ସହଯୋଗରେ ଏମାନେ ପ୍ରତିବର୍ଷ ପ୍ରାୟ ୨୫୦ ବାଲ୍ୟ ବିବାହ ରୋକିବାରେ ସକ୍ଷମ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୨୫ରୁ ଅଧିକଙ୍କୁ ପୁନଃ ଥଇଥାନ କରି ନୂଆ ଜୀବନ ଦିଆଯାଇଛି। ଏପରି କି ଯୌନ ନିର୍ଯାତନାର ଶିକାର ହେଉଥିବା ଶିଶୁଙ୍କୁ ମଧ୍ୟ ସେମାନେ ଥଇଥାନ କରାଉଛନ୍ତି। ଏହି ଅଭିଯାନ ସେମାନେ କେବଳ ହ୍ୱାଟ୍ସଆପ୍ ମାଧ୍ୟମରେ ସଞ୍ଚାଳନ କରୁଛନ୍ତି। ୨୦୧୧ରୁ ଏହି କାର୍ଯ୍ୟ ଆରମ୍ଭ କରି ତତ୍ତ୍ୱଶୀ ଓ ଅଶୋକ ୩୦୦୦ରୁ ଊର୍ଦ୍ଧ୍ୱ ବାଲ୍ୟ ବିବାହ ବନ୍ଦ କରିବାରେ ସକ୍ଷମ ହୋଇଛନ୍ତି। କେବଳ ଏତିକି ନୁହେଁ ପାଠରୁ ଦୂରେଇ ରହୁଥିବା ଶିଶୁଙ୍କୁ ସ୍କୁଲରେ ନାମ ଲେଖାଇ ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣୁଛନ୍ତି ଏହି ଦୁଇ ବନ୍ଧୁ।

## ୫୦ ବର୍ଷ ତଳର ଧରିତ୍ରୀ

**୨୭ ଡିସେମ୍ବର ୧୯୭୫**

- ପଞ୍ଚବାର୍ଷିକ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ ଏକ ସଙ୍ଗୀତ ଓ ନାଟକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ରାଜ୍ୟ ସାଂସ୍କୃତିକ ବ୍ୟାପାର ମନ୍ତ୍ରୀ ଗଙ୍ଗାଧର ମହାପାତ୍ର ପ୍ରକାଶ କରିଛନ୍ତି।
- ବିହାରରେ ଭୀଷଣ ଶୀତ ପ୍ରବାହ ଯୋଗୁ ୩୫ ଜଣଙ୍କ ମୃତ୍ୟୁ।
- ସ୍ୱେଚ୍ଛାକୃତ ଆୟ ଘୋଷଣା ଯୋଜନାରେ ୧୫୦ କୋଟି ଟଙ୍କାର ସମ୍ପତ୍ତି ଓ ଆୟ ପ୍ରକାଶ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 9 | | | | 5 | | |
| 5 | | | | 2 | 1 | | | |
| | | | 5 | | | 6 | | 4 |
| | | 8 | 1 | | | | | |
| | | | 8 | 6 | 5 | | | |
| | | | | | 4 | | | 9 |
| | 5 | | 4 | 7 | 6 | | | |
| 3 | | | | | | | | |
| | 1 | | | | 2 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 7 | 1 | 4 | 6 | 5 | 8 | 3 |
| 3 | 6 | 5 | 9 | 8 | 7 | 2 | 4 | 1 |
| 8 | 1 | 4 | 5 | 3 | 2 | 7 | 9 | 6 |
| 6 | 5 | 8 | 2 | 7 | 4 | 1 | 3 | 9 |
| 4 | 9 | 2 | 3 | 6 | 1 | 8 | 5 | 7 |
| 7 | 3 | 1 | 8 | 9 | 5 | 6 | 2 | 4 |
| 5 | 7 | 3 | 6 | 2 | 9 | 4 | 1 | 8 |
| 2 | 8 | 6 | 4 | 1 | 3 | 9 | 7 | 5 |
| 1 | 4 | 9 | 7 | 5 | 8 | 3 | 6 | 2 |

ଗତକାଲିର ଉତ୍ତର

# ଆଧୁନିକ ମଣିଷ ଓ ଗୃହସ୍ଥାଶ୍ରମ



ବୈକୁଣ୍ଠନାଥ ମିଶ୍ର

ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜୀବନରେ ୪ଟି ଆଶ୍ରମର ଅନୁପାଳନ କରିବାକୁ ହୁଏ। ସେଗୁଡିକ ହେଲା ବ୍ରହ୍ମଚର୍ଯ୍ୟାଶ୍ରମ, ଗୃହସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ ଓ ସନ୍ୟାସାଶ୍ରମ। ବ୍ରହ୍ମଚର୍ଯ୍ୟାଶ୍ରମରେ ଗୁରୁକୁଳରେ ଶୈଶବୋତ୍ତର ତାରୁଣ୍ୟକୁ ଅତିବାହିତ କରିବାକୁ ହେଉଥିଲା। ଗୁରୁକୁଳରେ ଶିଷ୍ୟର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଉନ୍ମେଷ ସାଧିତହୋଇ ସେ ଏକ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହେଉଥିଲା ଏବଂ ସକଳ ଯୋଗ୍ୟତାର ଅଧିକାରୀ ହୋଇ ସଂସାର କ୍ଷେତ୍ରରେ ପ୍ରବେଶ କରିବାର ପ୍ରମାଣପତ୍ର ହାସଲ କରୁଥିଲା। ସ୍ଥଳବିଶେଷରେ ଗୁରୁଙ୍କ ଦ୍ୱାରା ମନୋନୀତ କନ୍ୟାକୁ ସେ ବିବାହ କରୁଥିଲା। ଏହିଠାରୁ ଶିଷ୍ୟର ଗୃହସ୍ଥାଶ୍ରମର ପ୍ରବନ୍ଧ ରଚିତ ହେଉଥିଲା। ଗୃହସ୍ଥାଶ୍ରମରେ ସ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ସମ୍ବନ୍ଧରେ ଏକ ଉଦାହରଣ ପ୍ରଣିଧାନଯୋଗ୍ୟ। ଦକ୍ଷିଣ ଭାରତର ଜଣେ ମହାନ୍ ସନ୍ଥ ହେଲେ ତିରୁଭଲ୍ଲୁଭର। ସେ ଜଣେ ଏକନିଷ୍ଠ ଈଶ୍ୱର ଉପାସକ ଓ ଜଣେ ଆଧ୍ୟାତ୍ମିକ କବି। ଜାତିରେ ବୁଣାକାର। ସବୁ କାର୍ଯ୍ୟରେ ତାଙ୍କୁ ପୂର୍ଣ୍ଣ ସାହାଯ୍ୟ ଓ ସହଯୋଗ ପ୍ରଦାନ କରୁଥିଲେ ତାଙ୍କ ସ୍ତ୍ରୀ ବାସୁକୀ। ଏକଦା ଜଣେ ସନ୍ୟାସୀ ସନ୍ଥଙ୍କୁ ଦେଖିବା ପାଇଁ ତାଙ୍କ ଘରେ ପହଞ୍ଚିଲେ। ସନ୍ୟାସୀ ଦେଖିଲେ, ସନ୍ଥଙ୍କ ନିକଟରେ ଜଣେ ନାରୀ ଉପବେଶନ କରିଛନ୍ତି। ସନ୍ୟାସୀ କହିଲେ, ''ସ୍ତ୍ରୀ ହେଉଛି ଈଶ୍ୱର ଉପାସନାର ବାଧକ। ଆପଣ ତାଙ୍କୁ ବହିଷ୍କାର କରନ୍ତୁ। ନଚେତ୍ ଈଶ୍ୱରପ୍ରାପ୍ତିରେ ସଫଳ ହୋଇପାରିବେ ନାହିଁ।'' ସନ୍ୟାସୀ ପଚାରିଲେ, ଜଣେ ଗୃହସ୍ଥର ଜୀବନ ଶ୍ରେଷ୍ଠ ନା ଜଣେ ସନ୍ୟାସୀର ? ତିରୁଭଲ୍ଲୁଭର ଉତ୍ତର ଦେଲେ, ''ମୁଁ ଗୃହସ୍ଥ। ସ୍ତ୍ରୀ ମୋର ସମସ୍ତ କର୍ମରେ ମୋତେ ପୂର୍ଣ୍ଣ ସହଯୋଗ କରନ୍ତି। ସେ ହେଉଛନ୍ତି ମୋର ଭକ୍ତିମାର୍ଗ ଓ କବିତା ରଚନାର ପ୍ରେରଣା। ଗୃହସ୍ଥ କର୍ମ ଓ ଈଶ୍ୱର ଉପାସନାରେ ମୋର କେବେ କିଛି ଅସୁବିଧା ହୁଏନାହିଁ। ଈଶ୍ୱର ମଧ୍ୟ କେବେ ଅସନ୍ତୁଷ୍ଟ ହେବାର ମୁଁ ଅନୁଭବ କରିନାହିଁ।'' ସନ୍ୟାସୀ ମଧ୍ୟ ବାସୁକୀଙ୍କ କର୍ତ୍ତବ୍ୟ ପରାୟଣତା ସ୍ୱଚକ୍ଷୁରେ ଦେଖି କହିଲେ, ''ଧନ୍ୟ ତୁମ ସାଧନା ଓ ଶତଧନ୍ୟ ତୁମ ଗୃହସ୍ଥ ଜୀବନ। ସ୍ତ୍ରୀ ଯଦି ବାସୁକୀଙ୍କ ପରି ହୋଇଥିବ, ତେବେ ଗୃହସ୍ଥାଶ୍ରମ ନିଃସନ୍ଦେହରେ ଶ୍ରେଷ୍ଠ ଧର୍ମ।''

ବିବାହ ବନ୍ଧନରେ ଆବଦ୍ଧହୋଇ ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ହେଲେ ସ୍ୱାମୀସ୍ତ୍ରୀ ଉଭୟଙ୍କୁ ଚାରିତ୍ରିକ ଓ ମାନସିକ ଶୁଦ୍ଧୀକରଣର ଆବଶ୍ୟକତା ଅଛି । ରାମକୃଷ୍ଣ ପରମହଂସ କହିଛନ୍ତି, ''ପକ୍ୱ ପଣସଟିଏ ଭାଙ୍ଗି ଖାଇବାକୁ ହେଲେ ହାତରେ ଓ ଓଠରେ ତେଲ ମାଖିବାକୁ ହୁଏ। ଫଳରେ ପଣସର ଅଠା ଦାଉରୁ ରକ୍ଷା ମିଳିଥାଏ।'' ବିବାହ ବନ୍ଧନରେ ଆବଦ୍ଧ ହେବା ପୂର୍ବରୁ ବ୍ୟକ୍ତି ଉତ୍ତମ ଚରିତ୍ରବାନ୍ ହୋଇ ଜ୍ଞାନ ତପସ୍ୟା ସହ ଈଶ୍ୱରାନୁରାଗୀ ହେବା ପ୍ରୟୋଜନ। ବିବାହୋତ୍ତର ଜୀବନରେ ପ୍ରତ୍ୟେକ ଗୃହସ୍ଥ ପ୍ରତ୍ୟହ ପାଞ୍ଚଟି ଯଜ୍ଞ (ସାକ୍ରିଫାଇସ୍) ଆଚରଣ କରିବାକୁ ହେବ। ସେଗୁଡିକ ହେଲା – ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ନୃଯଜ୍ଞ ଓ ଭୂତଯଜ୍ଞ। ବ୍ରହ୍ମଯଜ୍ଞର ଅର୍ଥ ହେଲା ଜ୍ଞାନ ଓ ବୁଦ୍ଧିର ବିକାଶ। ଆଧ୍ୟାତ୍ମିକ ବିକାଶ ସାଧିତ ହେଲେ ବ୍ରହ୍ମ ସନ୍ତୁଷ୍ଟ ହୁଅନ୍ତି। ପଠନ, ପାଠନଦ୍ୱାରା ଜ୍ଞାନର ବିକାଶ ସମ୍ଭବ। ସକଳ ପ୍ରାଣୀ ମଧ୍ୟରେ ଥିବା ଜୀବାତ୍ମା ସେହି ଏକ ଓ ଅବିଚ୍ଛେଦ୍ୟ ବ୍ରହ୍ମର ଅଂଶ ସ୍ୱରୂପ। ତେଣୁ ନିଜ ପ୍ରତି ଅରୁଚିକର ଆଚରଣକୁ ଅନ୍ୟ ପ୍ରତି ପ୍ରୟୋଗ କରିବା ଅସମୀଚୀନ – ଏହାହିଁ



ବ୍ରହ୍ମଯଜ୍ଞର ମୂଳଭିତ୍ତି। ଦ୍ୱିତୀୟତଃ ଦେବଯଜ୍ଞ। ଦେବଯଜ୍ଞ ମାଧ୍ୟମରେ ଆମ ଅଭ୍ୟନ୍ତରରେ ଥିବା ଦେବଶକ୍ତିକୁ ଆପ୍ୟାୟିତ କରିବାର ଆବଶ୍ୟକତା ଅଛି। ଯେ ଅଖିଳ ବ୍ରହ୍ମାଣ୍ଡର ପତି, ସେ ହିଁ, ମୋ ଜୀବନ ସ୍ୱାମୀ। ନିଷ୍ପାପର ଭାବନା, ଶୁଦ୍ଧ ଚେତନା ଓ ବିଶ୍ୱକର୍ତ୍ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ ଦେବଯଜ୍ଞର ଭିତ୍ତିଭୂମି। ଭକ୍ତିପୂତ ଭାବେ ଈଶ୍ୱରାଧନା, ଯଜନ, ଯାଜନ, ଦାନ, ପ୍ରତିଗ୍ରହଣ, ଅଧ୍ୟୟନ ଓ ଅଧ୍ୟାପନା ମାଧ୍ୟମରେ ଦେବସନ୍ତୁଷ୍ଟି ହିଁ ଦେବଯଜ୍ଞର ବିଶେଷତ୍ୱ।

ତୃତୀୟତଃ ପିତୃଯଜ୍ଞ – ଯାହା ସବୁ ଯଜ୍ଞଠାରୁ ପୃଥକ୍। ଏହାଦ୍ୱାରା ଉଭୟ ଜୀବିତ ଓ ମୃତକଙ୍କୁ ଆପ୍ୟାୟିତ କରାଯାଇ ସେମାନଙ୍କର ଆଶୀର୍ବାଦ ପ୍ରାପ୍ତ କରାଯାଇପାରେ। ଗୃହସ୍ଥ ଦମ୍ପତି ଅକୁଣ୍ଠିତ ଚିତ୍ତରେ ମାତାପିତାଙ୍କୁ ସେବାପ୍ରଦାନ କରିବା ଉଚିତ। ଏଥିପାଇଁ କୌଣସି ସେବିକା ସେବକ ନିଯୁକ୍ତିକୁ ଶାସ୍ତ୍ରତଃ ବାରଣ କରାଯାଇଛି। ସେବାଯଜ୍ଞର ଫଳ କେବଳ ସେବା ନିର୍ବାହୀଙ୍କୁ ହିଁ ପ୍ରାପ୍ତହୁଏ। ପରିବାରର ସ୍ୱର୍ଗବାସୀ ପିତୃପୁରୁଷଙ୍କୁ ଶ୍ରଦ୍ଧାର ସହ ନୈବେଦ୍ୟ ଅର୍ପଣ କରାଯାଏ, ଯାହାର ଅନ୍ୟନାମ ଶ୍ରାଦ୍ଧ। ବାର୍ଷିକ ଶ୍ରାଦ୍ଧ ଓ ପ୍ରତ୍ୟହ ଜଳ ତର୍ପଣ ପିତୃପୁରୁଷଙ୍କ ନିମିତ୍ତ ଗୃହସ୍ଥର ଶ୍ରେଷ୍ଠ ଧର୍ମ।

ଚତୁର୍ଥରେ 'ନୃ'ଯଜ୍ଞ। 'ନୃ' ଶବ୍ଦର ଅର୍ଥ ନର। ସୁତରାଂ ପ୍ରତ୍ୟେକ ଗୃହସ୍ଥର ଅନ୍ୟତମ ଧର୍ମ ହେଲା ମାନବ ସେବା। 'ସର୍ଭିସ୍ ଟୁ ମ୍ୟାନ୍‌କାଇଣ୍ଡ ଇଜ୍ ସର୍ଭିସ୍ ଟୁ ଗଡ୍'। ଅତିଥିସେବା, ବୁଭୁକ୍ଷୁଙ୍କୁ ଅନ୍ନଦାନ, ପୀଡ଼ିତର ସେବା ଶୁଶ୍ରୂଷା ଓ ପଥିଦାନ ଦ୍ୱାରା ଉଭୟ ଦାତା ଓ ଗ୍ରହୀତାଙ୍କର ମଙ୍ଗଳ ହୋଇଥାଏ। ଅତିଥିସେବା ଭାରତୀୟ ସଂସ୍କୃତିର ଏକ ମହାନ୍ ପରମ୍ପରା। 'ଏ ଗେଷ୍ଟ ମେ ବି ଏ ସେଣ୍ଟ ଅର୍ ସିନର – ହି ମଷ୍ଟ ବି ୱେଲ୍‌କମ୍‌ଡ୍ ୱିଦାଉଟ୍ କ୍ୱେଶ୍ଚିନ୍।' ଅର୍ଥାତ୍ ସାଧୁ ଅସାଧୁ ନିର୍ବିଶେଷରେ ସମସ୍ତଙ୍କୁ ଆତିଥ୍ୟ ପ୍ରଦାନ କରାଯାଇ ତାଙ୍କର ସେବା କରାଯାଇପାରେ। କିନ୍ତୁ ଅତିଥିଠାରେ ଦୁର୍ଜନ ଲକ୍ଷଣ ପ୍ରକାଶିତ ହେଲେ ତାକୁ ଗୃହ ପ୍ରବେଶର ଅନୁମତି ନ ଦେଇ ସବିନୟ ବହିଷ୍କାର କରାଯିବାର ଆବଶ୍ୟକତା ଅଛି। ପଞ୍ଚମ ତଥା ଶେଷଯଜ୍ଞ ହେଲା ଭୂତଯଜ୍ଞ। ଭୂତଯଜ୍ଞର ଅର୍ଥ ହେଲା – ସଜୀବମାନଙ୍କର ସେବା। ପଶୁ, ପକ୍ଷୀ, ବୃକ୍ଷ, ଲତା, କୀଟପତଙ୍ଗଙ୍କୁ ଆଦର କରିବା ଗୃହସ୍ଥର ଅନ୍ୟତମ ଧର୍ମ। 'ମଦାତ୍ମା ସର୍ବ ଭୂତାତ୍ମା'–ଅର୍ଥାତ୍ ମୋର ଆତ୍ମା ଓ ସର୍ବ ପ୍ରାଣୀଙ୍କ ମଧ୍ୟରେ ଥିବା ଆତ୍ମା ଏକ ଓ ଅଭିନ୍ନ। ଶ୍ୱାନାଦି ଇତର ପ୍ରାଣୀଙ୍କ ଦୁଃଖ କଷ୍ଟ ନିଜ ଦୁଃଖ କଷ୍ଟ ପରି ଅନୁଭବ କରିବା ଉଚିତ। 'ଜୀବେଦୟା' ସମସ୍ତ ଧର୍ମଶାସ୍ତ୍ରରେ ମହତ୍‌ବାଣୀ। ସନ୍ଥକବି ଭୀମ ଭୋଇଙ୍କ ଭାଷାରେ, 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସବୁ। ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ।' ପ୍ରାଣୀ ସେବା ସହ ବୃକ୍ଷରୋପଣ ଓ ବୃକ୍ଷର ଯତ୍ନ ମଧ୍ୟ ଭୂତଯଜ୍ଞର ଅନ୍ତର୍ଭୁକ୍ତ। ମାତା ସୀତାଙ୍କୁ ଲକ୍ଷ୍ମଣ ତମସା ନଦୀ ତୀରସ୍ଥ ବାଲ୍ମୀକି ଆଶ୍ରମ ସନ୍ନିକଟ କାନନରେ ଛାଡ଼ି ଆସିବା ପରେ ସୀତା ମୂର୍ଚ୍ଛିତ ହୋଇ ଭୂପତିତ ହେଲେ। ବାଲ୍ମୀକି ତାଙ୍କୁ ଉଦ୍ଧାରକରି ଆଶ୍ରମରେ ସ୍ଥାନ ଦେଲେ। ସୀତା ଅନ୍ତଃସତ୍ତ୍ୱା ଥିବା ଜାଣି ବାଲ୍ମୀକି ତାଙ୍କୁ ଆଶ୍ରମରେ ପାଳିତ ପଶୁ ଓ ପୁଷ୍ପବାଟିକାର ଯତ୍ନନେବାକୁ ପରାମର୍ଶ ଦେଲେ। ଏହାଦ୍ୱାରା ସୀତା ଭାବୀ ସନ୍ତାନଙ୍କର ଉପଯୁକ୍ତ ଯତ୍ନ ନେଇପାରିବେ। ଭକ୍ତକବିଙ୍କ ଭାଷାରେ –'ନିରେଖିବା ଆଗରୁ ତନୟ ମୁଖ– ଲଭିବୁ ତନୟର ପାଳନ ସୁଖ।'

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ: ୯୯୩୭୪୫୦୫୪୦**

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିରକୁ କ୍ଷତି ପହଞ୍ଚା ନ ଯାଉ

ମହାଶୟ,

ପୁରୀ ସମୁଦ୍ର ବେଳାଭୂମିରେ ଡିସେମ୍ବର ୪ ତାରିଖରେ ପାଳିତ ହୋଇଯାଇଥିବା ନୌସେନା ଦିବସରେ ଭାରତୀୟ ନୌସେନା ପକ୍ଷରୁ ବିଭିନ୍ନ ଯୁଦ୍ଧ କଳା କୌଶଳ ପ୍ରଦର୍ଶନ କରାଯାଇଥିଲା। ଯୁଦ୍ଧ ଜାହାଜର ପ୍ରଚଣ୍ଡ ଶବ୍ଦରେ ପୁରୀ ସହର ଥରି ଉଠି ଭୂମିକମ୍ପର ଭ୍ରମ ସୃଷ୍ଟି କରୁଥିଲା। ଏଇ କମ୍ପନ ଦ୍ୱାରା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଠଶ୍ରୀମନ୍ଦିରର କୌଣସି କ୍ଷତି ହୋଇନାହିଁ ତ ! ଶ୍ରୀମନ୍ଦିର ପ୍ରତି ବିପଦ ଓ କ୍ଷତି ପହଞ୍ଚାଇବା ପରି, ଜଳ ସ୍ଥଳ ଓ ଆକାଶମାର୍ଗରୁ କମ୍ପନ ସୃଷ୍ଟି କରୁଥିବା କୌଣସି କାର୍ଯ୍ୟକ୍ରମ ଭବିଷ୍ୟତରେ ଆୟୋଜନ କରା ନ ଯିବା ଉପରେ ଓଡ଼ିଶା ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାରେ ଆବଶ୍ୟକତା ରହିଛି । ଶ୍ରୀମନ୍ଦିରକୁ ସୁରକ୍ଷିତ ରଖିବା ପାଇଁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସନ୍ନିକଟ ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ ଆତସବାଜି ଫୁଟାଇବା ଏବଂ କୌଣସି ପ୍ରକାର ମରାମତି କିମ୍ବା ଉଚ୍ଛେଦ ପ୍ରକ୍ରିୟା ବେଳେ ଉଚ୍ଚ ଶବ୍ଦ ସହ ଭୀଷଣ କମ୍ପନ ସୃଷ୍ଟି କରୁଥିବା ମେଶିନ ବା ଯାନ୍ତ୍ରିକ ଉପକରଣ ବ୍ୟବହାର କରିବାରେ ଆଇନତଃ ନିଷେଧାଦେଶ ଜାରି କରାଯାଇଥିବା ବେଳେ, ଯୁଦ୍ଧ ବିମାନ ଦେଉଳ ପାଖ ଦେଇ ଉଡ଼ିବା ସବୁ ଆଇନ୍‌କାନୁନକୁ ଉଲ୍ଲଂଘନ କରୁଛି।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ପବନ ଆଣେ ତା' ଭାଷା
ବିରହ କାତର ଆଶା
ସିନ୍ଧୁ ଊର୍ମି ସେହି କଥା
କୂଳେ ଯାଏ ଗାଇ
ସେ କି ଅଧୀରା ମୋ ପାଇଁ ?
–(ବ୍ୟବଧାନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ନାବାଳିକାଙ୍କୁ ବଳାତ୍କାର
# ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲ

ଅନୁଗୋଳ,୨୬।୧୨(ମାନସ ବିଶ୍ୱାଳ)- ଅନୁଗୋଳ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍ସୋ କୋର୍ଟର ବିଚାରପତି ସୌମ୍ୟା ଶୁଭଦର୍ଶିନୀ ଏକ ନାବାଳିକା ବଳାତ୍କାର ମାମଲାର ବିଚାରକରି ଗୁରୁବାର ଅଭିଯୁକ୍ତ କିଶୋରନଗର ଥାନା ଅଞ୍ଚଳର ମନୋଜ କୁମାର ପ୍ରଧାନ (୨୪)ଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ, କିଶୋରନଗର ଥାନା ଅଞ୍ଚଳର ଅଭିଯୁକ୍ତ ମନୋଜ ୨୦୨୧ ମସିହା ଏପ୍ରିଲ ୨୪ରେ ଘରେ ଏକାକି ଥିବା ଜଣେ ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଘଟଣା ବିଷୟରେ ନାବାଳିକା ପରିବାର ଲୋକଙ୍କ ଆଗରେ ପ୍ରକାଶ କରିବା ପରେ ନାବାଳିକାଙ୍କ ବାପା ଏ ନେଇ କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିବା ସହି ଅଭିଯୁକ୍ତ ମନୋଜଙ୍କୁ ଗିରଫ କରିଥିଲା। ୧୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କାରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଡିଶନାଲ ପିପି ସରୋଜ ପଟନାୟକ ମାମଲା ପରିଚାଳନା କରିଥିଲେ।

# ଗଛରୁ ୨ ଝୁଲନ୍ତା ମୃତଦେହ ଉଦ୍ଧାର

## ପରକୀୟା ପ୍ରୀତିରୁ ଆତ୍ମହତ୍ୟା ସନ୍ଦେହ

ବ୍ରହ୍ମପୁର/ଦିଗପହଣ୍ଡି,୨୬।୧୨ (ସୁବାସ ଚନ୍ଦ୍ର ପାଢ଼ୀ/ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଶେରଗଡ ବ୍ଲକ ଓ ସଦର ଥାନା ଅନ୍ତର୍ଗତ ଅଲାରିଗଡ଼ ପାହାଡ଼ ଉପରୁ ପୋଲିସ ଗୁରୁବାର ଜଣେ ମହିଳା ଓ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକମାନେ ହେଲେ ପାଟପୁର ଥାନା ଅଞ୍ଚଳର ରାଜେନ୍ଦ୍ର ସାହୁ (୩୨) ଓ ସୁମିତ୍ରା ସାହୁ (୩୦)। ପରକୀୟା ପ୍ରୀତିରୁ ଉଭୟେ ଆତ୍ମହତ୍ୟା କରିଥାଇପାରନ୍ତି ପୋଲିସ ସନ୍ଦେହ କରୁଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ କରାଯାଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨ ମୃତଦେହକୁ ପୃଥକ ଭାବେ ପଞ୍ଚନାମା କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ମେଡିକାଲକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ସେମାନଙ୍କ ମୃତ୍ୟୁ କେବେ ଓ କିପରି ହୋଇଥିଲା ତାହା ସ୍ପଷ୍ଟ ହେବ।

ଘଟଣାରୁ ପ୍ରକାଶ ଯେ, ସୁମିତ୍ରା ଓ ରାଜେନ୍ଦ୍ର ଉଭୟେ ବିବାହିତ। ଉଭୟଙ୍କ ସନ୍ତାନସନ୍ତତି ଥିଲେ ମଧ୍ୟ କିଛିବର୍ଷ ହେଲା ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ରହିଥିଲା। ଗତ ୧୯ ତାରିଖରେ ପ୍ରେମୀଯୁଗଳ କେଉଁଆଡ଼େ ଫେରାର ହୋଇଯାଇଥିଲେ। ଉଭୟ ପରିବାର ସେମାନଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସୁମିତ୍ରାଙ୍କ ନିଖୋଜ ନେଇ ଗତ ୨୧ତାରିଖରେ ତାଙ୍କ ସ୍ୱାମୀ ପାଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୫/୨୪ରେ ନିଖୋଜ ନେଇ ଥାନାରେ ଷ୍ଟେଶନ ଡାଏରୀ କରିଥିଲା। ସେହିପରି ୨୨ ତାରିଖରେ ରାଜେନ୍ଦ୍ରଙ୍କ ବାପା ପୁଅ ନିଖୋଜ ନେଇ ଉକ୍ତ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ.୫୬/୨୪ରେ ଷ୍ଟେଶନ ଡାଏରୀ କରି ପୋଲିସ ତଦନ୍ତ କରୁଥିଲା। ଗତ ୨୩ ତାରିଖରେ ରାଜେନ୍ଦ୍ରଙ୍କ ଗାଡ଼ିକୁ ପରିବାର ଲୋକେ ଅଲାରିଗଡ଼ ନିକଟରୁ ପାଇଥିଲେ। ଗୁରୁବାର ଉକ୍ତ ଗ୍ରାମର ଜଣେ ଗାଈ ଚରାଳି ନିକଟସ୍ଥ ପାହାଡ଼କୁ ଯିବା ବେଳେ ଦୁର୍ଗନ୍ଧ ହେଉଥିବା ଓ କିଛିବାଟ ଯିବା ପରେ ଗଛରେ ୨ଜଣ ଝୁଲୁଥିବା ଦେଖି ଗ୍ରାମ ଲୋକଙ୍କୁ କହିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ସୁମିତ୍ରା ଓ ରାଜେନ୍ଦ୍ରଙ୍କୁ ଖୋଜାଖୋଜି କରୁଥିବା ସେମାଙ୍କ ଘର ଲୋକେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୌରାଙ୍ଗ ସାହୁ ତାଙ୍କ ପୁତୁରା ରାଜେନ୍ଦ୍ରଙ୍କ ଓ ଶିବରାମ ସାହୁ ତାଙ୍କ ଭାଉଜ ସୁମିତ୍ରାଙ୍କ ମୃତଦେହ ଚିହ୍ନଟ କରିଥିବା ପୋଲିସ କହିଛି। ପୋଲିସ ପ୍ରେମୀଯୁଗଳ ବ୍ୟବହାର କରିଥିବା ରଶି, ଗୋଟିଏ ମୋବାଇଲ ଫୋନ୍ ଓ ହେଡଫୋନ ଜବତ କରିଥିବା ତଦନ୍ତକାରୀ ଅଧିକାରୀ ଏସଆଇ ରାଜକିଶୋର ଦାଶ ସୂଚନା ଦେଇଛନ୍ତି। ଏନେଇ ପୃଥକ ୨ ଅପମୃତ୍ୟୁ ମାମଲା (ନଂ. ୩୪, ୩୫/୨୪) ରୁଜୁ ହୋଇଛି।

# ଭିଜିଲାନ୍ସ ଜାଲରେ ଏଆର୍ଆଇ

କୋରାପୁଟ/ ବୋରିଗୁମ୍ମା,୨୬।୧୨(ଅମିତାଭ ବେହେରା/ବିଜୟ ନାରାୟଣ ସାହୁ)



କୋରାପୁଟ ଜିଲା ବୋରିଗୁମ୍ମା ତହସିଲ କୁମୁଲି ସର୍କଲର ଏଆର୍ଆଇ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏଆରଆଇ ତଥା ଇନ୍‌ଚାର୍ଜ ଆର୍ଆଇ(ରାଜସ୍ୱ ନିରୀକ୍ଷକ)ସୁରେନ୍ଦ୍ର କୁମାର ତନ୍ତିଙ୍କ ଘର ସମେତ ୮ ସ୍ଥାନରେ ଜୟପୁର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଛି। ଏହି ଚଢ଼ାଉରେ ୩ ଜଣ ଡିଏସ୍‌ପି, ୭ ଜଣ ଇନିସପେକ୍ଟର, ୫ ଜଣ ଏଏସ୍ଆଇ ସାମିଲ ହୋଇଥିଲେ। ବୋରିଗୁମ୍ମାସ୍ଥିତ ୨ଟି ଦୁଇ ମହଲା କୋଠା, ସମ୍ପର୍କୀୟଙ୍କ ଘର, ତାଙ୍କ ଝିଅ ରହୁଥିବା ଭଡା ଘର, ରଣସପୁରସ୍ଥିତ ପୈତୃକ ଘର, ବୋରିଗୁମ୍ମା ମାର୍କେଟ କମ୍ପ୍ଲେସ ଓ କୁମୁଲି ଅଫିସ ଆଦି ୮ ସ୍ଥାନରେ ଏକକାଳୀନ ଚଢାଉ ଚାଲିଛି। ଚଢ଼ାଉରେ ୮ ପ୍ଲଟ, ୧ ଲକ୍ଷ ୫୫ ହଜାର ଟଙ୍କା, ୨ ହଜାର ବର୍ଗଫୁଟ ବିଶିଷ୍ଟ ୨ଟି ଦୁଇ ମହଲା କୋଠା, ୧୫୦ ଗ୍ରାମ ସୁନା, ୩ ଚାରିଚକିଆ ଗାଡ଼ି ସମେତ ବହୁ ସାମଗ୍ରୀ ତାଙ୍କଠାରୁ ଠାବ ହୋଇଥିବା ଜଣାପଡିଛି।

# ନଦୀପଠାରେ ଅର୍ଦ୍ଧଦଗ୍ଧ ମୃତଦେହ

ବାରିପଦା,୨୬।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ସଦର ଥାନା ଅଧୀନ ଗୁମୁ ଗ୍ରାମ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀପଠାରୁ ପୋଲିସ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପିଆର୍‌ଏମ୍ ମେଡିକାଲକୁ ପଠାଇଛି।

ସୂଚନାଯୋଗ୍ୟ, ଗୁରୁବାର ସକାଳୁ ନଦୀ ବାଲିରେ ପୋତା ହୋଇଥିବା ଜଣେ ବ୍ୟକ୍ତିଙ୍କ ଗୋଟିଏ ହାତ ବାହାରକୁ ବାହାରି ରହିଥିବା ଦେଖି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ଏସ୍‌ଡିପିଓ ସୁଜିତ କୁମାର ପ୍ରଧାନଙ୍କ ସମେତ ବାରିପଦା ଟାଉନ ଓ ସଦର ଥାନା ପୋଲିସ ପହଞ୍ଚି ବାଲି ଭିତରୁ ମୃତଦେହକୁ କାଢ଼ିଥିଲେ। ତେବେ ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସାଧାରଣରେ ସନ୍ଦେହ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଏସ୍‌ଡିପିଓ ପ୍ରଧାନ କହିଛନ୍ତି।

## ଧର୍ମ ପରିବର୍ତ୍ତନ କରିବାକୁ ଉଦ୍ୟମ
# ୩ ଜଣଙ୍କୁ ଗଛରେ ବାନ୍ଧିଲେ ଗ୍ରାମବାସୀ



ବନ୍ଧା ହୋଇଥିବା ଦୁଇ ମହିଳା

**ନୀଳଗିରି, ୨୬।୧୨(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କେପିଲାଖରାଜ ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ ଆଦିବାସୀଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ ଉଦ୍ୟମ କରାଯାଉଥିବା ସନ୍ଦେହରେ ଗ୍ରାମବାସୀ ଏବଂ ଦେବସେନା କର୍ମୀ ୨ମହିଳାଙ୍କ ସମେତ ୩ଜଣଙ୍କୁ ଗଛରେ ବାନ୍ଧି ମାଡ଼ ମାରିଛନ୍ତି। ଏହାପରେ ନୀଳଗିରି ପୋଲିସକୁ ହସ୍ତାନ୍ତର କରିଛନ୍ତି।

ଗୁରୁବାର ଅପରାହ୍ନ ସମୟରେ ରେମୁଣା ଥାନା ମୁଖୁରା ପଞ୍ଚାୟତର ୩ଜଣ ମହିଳାପୁରୁଷ ଗୋବର୍ଦ୍ଧନପୁର ଗ୍ରାମର ୩ ଆଦିବାସୀ ପରିବାରଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ପ୍ରବର୍ତ୍ତାଉଥିଲେ। ଖବରପାଇ ଗ୍ରାମବାସୀ ଓ ନୀଳଗିରି ଦେବସେନାର ସଭାପତି ବାଦଲ କୁମାର ପଣ୍ଡା ଅନ୍ୟ କେତେଜଣ ସଦସ୍ୟଙ୍କୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ମାଂସ, ଭାତ ଖାଇବାର ବ୍ୟବସ୍ଥା କରାଯାଇଥିବାବେଳେ ଫୁଲମାଳରେ ସଜ୍ଜିତ ଏକ କେକ୍‌ରେ ମେରୀ ଖ୍ରୀଷ୍ଟମାସ ଲେଖାଯାଇଥିବା ଦେଖିବାକୁ ପାଇଥିଲେ। ଏଥିରୁ ସେମାନଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଯାଉଥିବା ସନ୍ଦେହ କରି ଗ୍ରାମବାସୀ ୩ଜଣଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ। ପରେ ପୋଲିସ ପହଞ୍ଚି ୩ଜଣଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରାଉଚୁରା କରୁଛି।

# ୮ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୬।୧୨(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଜିଲାର କୁଖ୍ୟାତ ମାଓବାଦୀ ଗୁରୁବାର ପୋଲିସରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ୬ନମ୍ବର ପ୍ଲାଟୁନ ସଦସ୍ୟ ସୁଧ୍ରୁ କାଶ୍ୟପ । ଛତିଶଗଡ଼ରେ ମାଓବାଦୀ ବିଲୋପ ଅଭିଯାନ ଲୋନ ଭାରାଟୁ ମାଧ୍ୟମରେ ସଙ୍ଗଠନ ଛାଡି ଅନେକ ପୋଲିସ ନିକଟରେ ଆତ୍ମସମର୍ପଣ କରୁଛନ୍ତି। ସୁଧ୍ରୁଙ୍କ ନାମରେ ୮ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ସେ ବିଭିନ୍ନ ବଡ଼ ବଡ଼ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ଦୀର୍ଘ ବର୍ଷଧରି ସଙ୍ଗଠନରେ ରହିବା ପରେ ମାଓବାଦୀମାନେ ନିଜ ନୀତିଆଦର୍ଶରୁ ଓହରି ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର ଓ ବିକାଶ ବିରୋଧୀ କାର୍ଯ୍ୟ କରୁଥିବାରୁ ସେ ଆତ୍ମସମର୍ପଣକରି ସାଧାରଣ ଜୀବନଯାପାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ସେ ବସ୍ତର ଡିଆଇଜି କମଲଲୋଚାନ କଶ୍ୟପ, ସିଆର୍‌ପିଏଫ୍ ଡେପୁଟି ଇନ୍ସପେକ୍ଟର ଜେନେରାଲ ରାକେଶ କୁମାର, ପୋଲିସ ଅଧୀକ୍ଷକ ଗୌରବ ରାୟଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କୁ ସରକାରୀ ନିୟମ ଅନୁଯାୟୀ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବଳାତ୍କାରୀଙ୍କୁ ୨୦ବର୍ଷ ଜେଲଦଣ୍ଡ

ଫୁଲବାଣୀ,୨୬।୧୨(ରାକେଶ କୁମାର ରାଉତ): ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ରାଜେଶ ଦାଶ ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୪୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୧୧ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କନ୍ଧମାଳ ଜିଲା କୋଟଗଡ଼ ଥାନା ଅଞ୍ଚଳର ମହାସେକ ମୁଠାମାଝୀ(୨୫)। ଅନ୍ୟପକ୍ଷରେ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ବିଚାରପତି ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁଯାୟୀ, ନାବାଳିକା ଜଣକ ତାଙ୍କ ଭଉଣୀ ଘରେ ଥିବା ବେଳେ ଅଭିଯୁକ୍ତ ମହାସେକ ତାଙ୍କୁ ଅପହରଣ କରି ନେଇଥିଲେ। ପରେ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ଘରଲୋକେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ୨୦୧୮ ମେ ୮ ତାରିଖରେ କୋଟଗଡ଼ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୨୫/୧୮ରେ ଏକ ମାମଲା ରୁଜୁ କରିଥିଲା। ମହାସେକ ନାବାଳିକାଙ୍କୁ ଆଣି କୋଟଗଡ ଥାନା ପାଖରେ ଛାଡି ଦେଇ ଚାଲି ଯାଇଥିଲେ। ପରେ ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଚାରପତି ୧୨ ଜଣ ସାକ୍ଷୀଙ୍କ ବୟାନ ତଥା ଡାକ୍ତରୀ ରିପୋର୍ଟକୁ ଆଧାର କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପିଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ ।

### ଖଣି, ପୋଲିସ ବିଭାଗର ମିଳିତ ଚଢ଼ାଉ
# ଖଣିଜ ପରିବହନରେ ଅନିୟମିତତା, ୧୧ ଟ୍ରକ୍ ଅଟକ

ଯୋଡ଼ା/ବଡ଼ବିଲ,୨୬।୧୨ (ମାନସ ମହାନ୍ତି/ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ରୋଇଡ଼ଠାରେ ଥିବା ଓଏମ୍‌ଡିସି ଖଣିରେ ପୋଲିସ ଓ ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ଖଣିଜ ପରିବହନରେ ଅନିୟମିତତା ଅଭିଯୋଗରେ ପ୍ରାୟ ୧୧ଟି ଟ୍ରକକୁ ଅଟକ ରଖି ବିଭାଗୀୟ ଯାଞ୍ଚ ଆରମ୍ଭ ହୋଇଛି।

ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଓଏମ୍‌ଡିସି ଖଣିରେ ଉତ୍ତୋଳନ କାର୍ଯ୍ୟବନ୍ଦ ରହିଛି। କେବଳ ଗଚ୍ଛିତ ଲୁହାପଥର ହିଁ ଖଣିରୁ ପରିବହନ କରାଯାଉଛି। ଲୁହାପଥରକୁ ପରିବହନ ସମୟରେ ଚଞ୍ଚକତା କରାଯାଇ ସଦ୍ୟ ଖଣିଜ ଉତ୍ତୋଳନ କରି ପରିବହନ ହେଉଥିବା ଅଭିଯୋଗ ହେଉଥିଲା। ପୋଲିସ ଓ ଖଣି ବିଭାଗ ଖବର ପାଇ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ବଡ଼ବିଲ ଆଇଆଇସି, ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟର ବରିଷ୍ଠ ଖଣି ନିରୀକ୍ଷକ ଦେବେନ୍ଦ୍ରନାଥ ଦଳେଇ, ପଦ୍ମନାଭ ମହାନ୍ତିଙ୍କ ସମେତ ଷ୍ଟେଟ୍ ଲେଭଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏବଂ ପୋଲିସ ଫୋର୍ସ ଉପସ୍ଥିତ ରହି ୧୧ ଖଣିଜ ବୋଝେଇ ଟ୍ରକ୍‌କୁ ଜବତ କରିଛି। ବିଭାଗ ପକ୍ଷରୁ ଅନୁମୋଦିତ ଷ୍ଟାକ୍‌ରୁ ଲୁହାପଥର ପରିବହନ ହେଉଥିଲା ନା ପୁରୁଣା ଷ୍ଟକ୍‌ରୁ ହେଉଥିଲା, ଅବା ଉତ୍ତୋଳନ କରାଯାଇ ପରିବହନ କରାଯାଉଥିଲା, ଏହାକୁ ନେଇ ଯାଞ୍ଚ ହେଉଥିବା ଖଣି ନିରୀକ୍ଷକ ଦଳେଇ କହିଛନ୍ତି। ତେଣେ ଓଏମ୍‌ଡିସି ଖଣିର ମ୍ୟାନେଜର ସମର ଚକ୍ରବର୍ତ୍ତୀ କହିଛନ୍ତି, ଆଉଟ୍ ଅଫ ଷ୍ଟେଶନ ଥିବାରୁ ଏ ସମ୍ପର୍କରେ ଖଣିକୁ ଗଲେ ହିଁ ଉତ୍ତର ଦେଇପାରିବେ। ଏ ନେଇ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ଦିନେଶ ଅଗ୍ରୱାଲ କହିଛନ୍ତି, ପରିବହନରେ ଅନିୟମିତତା ଅଭିଯୋଗ ଆସିବା ପରେ ବିଭାଗ ପକ୍ଷରୁ ଯାଞ୍ଚ ଆରମ୍ଭ କରାଯାଇଛି। ଷ୍ଟକ୍ ଏବଂ ଷ୍ଟାକ୍‌ର ଦୈର୍ଘ୍ୟ, ପ୍ରସ୍ଥ ଓ ଉଚ୍ଚତାର ମାପଚୁପ କରାଯାଉଛି। ଏତଦ୍ ବ୍ୟତୀତ ବନ୍ଦ ଥିବା ଖଣିରୁ ବେଆଇନ ଭାବେ ସଦ୍ୟ ଉତ୍ତୋଳନ କରାଯାଇଛି କି ନାହିଁ, ଏହାର ମଧ୍ୟ ଯାଞ୍ଚ କରାଯାଉଛି। କେଉଁ କମ୍ପାନୀ ବା ଟ୍ରେଡ୍‌ର ଏହି ଖଣିରୁ ଖଣିଜ ନେଇଛନ୍ତି, ଅନୁମୋଦିତ ଖଣିଜର ସାଇଜ ଏବଂ ଗ୍ରେଡ୍‌ର ମଧ୍ୟ ଯାଞ୍ଚ ହେବ ବୋଲି କହିଥିଲେ।


## ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ pnb punjab national bank — Together for the better — ଡିମାଣ୍ଡ ନୋଟିସ୍

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ, ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪, ଇମେଲ୍: cs8310@pnb.co.in

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ୍ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨, ଏବଂ ଧାରା ୧୩(୨) ଓ ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ଧାରା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ଦର୍ଶିତ ରାଶି ସହିତ ସୁଧ ଓ ଚୁକ୍ତି ଅନୁଯାୟୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। କଥିତ ଡ଼ିମାଣ୍ଡ ନୋଟିସ୍‌କୁ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ପାଖକୁ ଏ./ଡ଼ି. ସହିତ ରେଜେଷ୍ଟ୍ରି ଡ଼ାକ ଯୋଗେ ପଠାଯାଇଥିଲା କିନ୍ତୁ ତାହା ପ୍ରଦାନ କରାଯାଇନପାରି ନିମ୍ନସ୍ୱାକ୍ଷରକାରୀଙ୍କ ପାଖକୁ ଫେରସ୍ତ ଆସିଅଛି। ତେଣୁ ପୁନଶ୍ଚ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ କୁହାଯାଉଛିଯେ ସେମାନେ ଏହି ନୋଟିସ୍ ପ୍ରକାଶନର ୬୦ଦିନ ମଧ୍ୟରେ ସେମାନଙ୍କର ବକେୟା ଦେୟ ସହ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବ୍ୟାଙ୍କକୁ ପଇଠ କରନ୍ତୁ। ଯଦି ସେମାନେ ଉକ୍ତ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କ କଥିତ ଆଇନର ବ୍ୟବସ୍ଥା ଅନୁସାରେ ଅନ୍ୟ କୌଣସି ଅଧିକାରକୁ ପ୍ରତିହତ ନକରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ। ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଛିକି କଥିତ ଆକ୍ଟର ଧାରା ୧୩ ଉପଧାରା ୧୩ ଅନୁସାରେ ବ୍ୟାଙ୍କର ଲିଖିତ ଅନୁମତି ବିନା ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ, ଯଦି କରନ୍ତି ତେବେ ନିମ୍ନଲିଖିତ ରାଶି ପାଇଁ ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ସମ୍ବଲପୁର ଶାଖା (୦୪୦୧୨୦) ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍ ତାରିଖ / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| ଋଣଗ୍ରହୀତାମାନେ: ୧) ୪ ସତ୍ୟନାରାୟଣ ମହାପାତ୍ର, ପିତା: ଶ୍ରୀ ସ୍ୱପ୍ନେଶ୍ୱର ମହାପାତ୍ର, ୨) ଶ୍ରୀମତୀ ପଦ୍ମିନୀ ମହାପାତ୍ର, ସ୍ୱାମୀ: ଶ୍ରୀ ସତ୍ୟ ନାରାୟଣ ମହାପାତ୍ର, ୩) ଶ୍ରୀ ସତ୍ୟନାରାୟଣ ମହାପାତ୍ରଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନେ, ସମସ୍ତଙ୍କ ଠିକଣା- ସା: ମାତୃବିହାର, ପୋ: ଦାନିପାଲି, ଜିଲ୍ଲା: ସମ୍ବଲପୁର, ପିନ୍-୭୬୮୦୦୪ | ୦୭.୧୨.୨୦୨୪ / ମିଆଦୀ ଋଣ ଗୃହ- ଟ.୭,୩୦,୦୦୦/- | ୩୦.୧୧.୨୦୨୪ ସୁଦ୍ଧା ଟ.୧,୫୯,୭୫୭.୯୬ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ସତ୍ୟନାରାୟଣ ମହାପାତ୍ର, ପିତା: ଶ୍ରୀ ସ୍ୱପ୍ନେଶ୍ୱର ମହାପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୩୩/୧୬୩୯, ପ୍ଲଟ୍ ନଂ.: ୯୫୫/୫୬୩୦, ମୌଜା: ସମ୍ବଲପୁର, ତହସିଲ/ଜିଲ୍ଲା: ସମ୍ବଲପୁର, କ୍ଷେତ୍ର: ଏକର୦.୦୪୦ ଡିସିମିଲି |

ସ୍ଥାନ: ସମ୍ବଲପୁର, ତାରିଖ: ୨୬.୧୨.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ



## OFFICE OF THE EXECUTIVE ENGINEER
Road Construction Department, Road Division, Daltonganj.

**e-Procurement Tender Notice ,(2nd Call)**

e-Tender Ref No-3/ RCD/Daltonganj/2024-25/ 1165 Dated: 24.12.2024

| | | |
| --- | --- | --- |
| 1. | Name of Work | Strengthening / IRQP work of Hussainabad-Pathraghat Road (Total Length- 29.10 KM) under R.C.D., Road Division, Daltonganj for the year 2024-25 |
| 2. | Estimated Cost | Rs. 15,69,15,304.00 (Rupees Fifteen Crore Sixty Nine Lacs Fifteen Thousand Three Hundred Four Rupees) Only. |
| 3. | Bid Security (Amount) | Rs. 15,69,500.00 (Rupees Fifteen Lacs Sixty Nine Thousand Five Hundred) Only. |
| 4. | Time of Completion | 08 Months |
| 5. | Date of Publication of Tender on Website | 03.01.2025, 10:30 AM |
| 6. | Last Date/Time of Online Bid Submission | 17.01.2025, 12:00 Noon |
| 7. | Date and Time of Bid opening | 20.01.2025, 12:30 PM |
| 8. | Bid (Tender Fee & EMD) Submission Address | Cost of bidding document (for a non refundable fee) & Bid security as indicated shall be payable online through http://jharkhandtenders.gov.in |
| 9. | Name & address of officer Inviting tender | Executive Engineer, R.C.D., Road Division, Daltonganj.06562-225019 |
| 10. | E-mail Id | eercdmedini-jhr@nic.in |
| 11. | Helpline number of e Procurement cell | 0651-2401010 |

**Note : Estimated amount may vary.**
For further details can be seen on website http://jharkhandtenders.gov.in.

**Executive Engineer**
Road Construction Department
Road Division, Daltonganj.

PR 342861 Road(24-25)#D



## कार्यपालक अभियंता का कार्यालय
लघु सिंचाई प्रमण्डल, गढ़वा

**कार्यालय आदेश**

पत्रांक — 924 गढ़वा / दिनांक — 24.12.2024

दैनिक समाचार पत्रों में प्रकाशित Advertisement P.R. No- 341641 Received on 10.12.2024 (WRD/MID/GARHWA/ B.D./S.L.I.-04/2024-25) हरता सोलर उदवह सिंचाई योजना का निर्माण कार्य ग्राम— हरता, पंचायत— फकीराडीह, प्रखण्ड— भण्डरिया को अपरिहार्य कारणवश अगले आदेश तक रद्द किया जाता है।

PR 342910 Minor Irrigation (24-25)_D

कार्यपालक अभियंता,
लघु सिंचाई प्रमण्डल, गढ़वा



## ई० प्रोक्यूरमेंट सेल,
कार्यपालक अभियंता का कार्यालय,
भवन निर्माण विभाग, भवन प्रमण्डल संख्या—02, राँची

**अल्पकालिन ई—प्रोक्योरमेन्ट नोटिस**

ई—टेन्डर रेफरेन्स नं0—17/2024-25/EE/BCD/DIV-2,RANCHI. दिनांक—24.12.2024

| | | |
| --- | --- | --- |
| 1. | कार्य का नाम | Proposed Construction of Toilet Blocks ( Male & Female) Adjoining the Advocate Halls within the premises of the New High Court of Jharkhand at Dhurwa, Ranchi. |
| 2. | प्राक्कलित राशि (रू0) | राशि रू0 1,20,17,200.00/— ( एक करोड़ बीस लाख सतरह हजार दो सौ ) रूपये मात्र। |
| 3. | कार्य पूर्ण की अवधि | 4 (चार) माह |
| 4. | वेबसाईट पर निविदा प्रकाशन की तिथि | 31.12.2024 को 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 07.01.2025 को 11:00 बजे तक |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता का कार्यालय, भवन निर्माण विभाग, भवन प्रमण्डल संख्या—02, राँची। |
| 7. | निविदा खोलने की तिथि/समय एवं स्थान | 08.01.2025 को 11:30 बजे नोडल पदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची |
| 7. | प्रोक्योरमेन्ट पदाधिकारी का सम्पर्क संख्या | 6203309676 |
| 8. | ई—प्रोक्योरमेन्ट सेल का हेल्पलाईन संख्या | 7992430721 |

9. परिमाण विपत्र की राशि घट—बढ़ सकती है तदनुसार अग्रधन की राशि देय होगी।
10. सूचना प्रौद्योगिकी एवं ई—गवर्नेस विभाग, झारखण्ड, सरकार के आदेश ज्ञापांक 120 दिनांक 03.10.2023 के द्वारा निर्गत SOP (मानक संचालन प्रकिया) एवं भवन निर्माण विभाग, झारखण्ड, सरकार के पत्रांक 2229 दिनांक 06.10.2023 के आलोक में निविदा शुल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
11. निविदा शुल्क एवं अग्रधन की राशि का ई—भुगतान जिस खाता से किया जायेगा, SOP के तहत अग्रधन की राशि उसी खाते में वापस होगी। अगर खाता को बंद कर दिया जाता है तो उसकी संपूर्ण जवाबदेही निविदादाता की होगी।
- अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

Note:- UCAN Registration is mandatory for the Bidders.

PR 342919 Building(24-25)#D

कार्यपालक अभियंता, भवन निर्माण विभाग, भवन प्रमण्डल संख्या—02, राँची



## यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

କୋର୍ଟପେଟା ଶାଖା
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ,ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୫, ଯୋଗାଯୋଗ: ୭୮୯୪୬୨୫୫୧୧

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ/ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାର/ବନ୍ଧକଦାତାମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୯.୦୧.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ଘଟିକା ଠାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା/ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
| --- | --- | --- | --- | --- |
| ୧. | ଋଣଗ୍ରହୀତା: ଶ୍ରୀ ପବିତ୍ର ମୋହନ ପାଣିଗ୍ରାହୀ, ପିତା: କେ. ବି. ପାଣିଗ୍ରାହୀ, ଗ୍ରାମ: ତେଣ୍ଟୁଆପଡ଼ା, ପୋ: ଡ଼ାବରାସିଙ୍ଗି, ନୂଆପଡ଼ା, ତେଣ୍ଟୁଆପଡ଼ା, ଗଞ୍ଜାମ, ଓଡ଼ିଶା-୭୬୧୦୧୧ / ଋଣଗ୍ରହୀତା ତଥା ବନ୍ଧକଦାତା: ଶ୍ରୀ କୁଞ୍ଜ ବିହାରୀ ପାଣିଗ୍ରାହୀ, ପିତା: ଶବର ପାଣିଗ୍ରାହୀ, ଗ୍ରାମ: ତେଣ୍ଟୁଆପଡ଼ା, ଜେ.ପି: ଜକର, ଥାନା: କେ. ନୂଆଗାଁ, ତେଣ୍ଟୁଆପଡ଼ା, ଗଞ୍ଜାମ, ଓଡ଼ିଶା-୭୬୧୦୧୧ / ବକେୟା ଦେୟ: ୨୬.୦୭.୨୦୨୩ ସୁଦ୍ଧା ଟ.୧୩,୫୦,୬୮୫/- + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | ଶ୍ରୀ କୁଞ୍ଜ ବିହାରୀ ପାଣିଗ୍ରାହୀଙ୍କ ନାମରେ ଥିବା ସମ୍ପତ୍ତି ଯାହାର ଖାତା ନଂ.: ୨୩୦, ପ୍ଲଟ୍ ନଂ.: ୧୪୭୮, ପରିମିତ କ୍ଷେତ୍ର: ଏକର୦.୦୧୫ଡିସିମିଲି ଏବଂ ଖାତା ନଂ.: ୨୧୧/୧୪୮, ପ୍ଲଟ୍ ନଂ.: ୧୪୮୦, ପରିମିତ କ୍ଷେତ୍ର: ଏକର୦.୦୧୫ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୦୩୦ଡିସିମିଲି, ମୌଜା: ତେଣ୍ଟୁଆପଡ଼ା, ତହସିଲ: ଦିଗପହଣ୍ଡି, ଜକର ଆର.ଆଇ., ଏସ୍‌ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପ୍ଲଟ୍ ନଂ. ୧୪୮୦ର ଚତୁଃପାର୍ଶ୍ୱରେ- ପୂର୍ବ: ଉମାଚନ୍ଦ୍ର ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ନିତ୍ୟାନନ୍ଦ ସାହୁଙ୍କ ଗୃହ, ଉତ୍ତର: ନିଜସ୍ୱ, ଦକ୍ଷିଣ: ରାସ୍ତା, ପ୍ଲଟ୍ ନଂ. ୧୪୭୮ର ଚତୁଃପାର୍ଶ୍ୱରେ- ପୂର୍ବ: ଉମା ଚରଣ ପାଣିଗ୍ରାହୀଙ୍କ ଜି.ବି., ପଶ୍ଚିମ: ନିତ୍ୟାନନ୍ଦ ସାହୁଙ୍କ ଗୃହ, ଉତ୍ତର: ନିରଞ୍ଜନ ସାହୁଙ୍କ ଜମି, ଦକ୍ଷିଣ: ନିଜସ୍ୱ | ଟ.୨୭,୨୫,୦୦୦/- / ଟ.୨,୭୨,୫୦୦/- / ଟ.୨୮,୦୦୦/- | ଆକାଉଣ୍ଟ ନଂ.: ୦୦୮୫୧୧୯୮୦୦୫୦୦୦୦ IFSC Code: UBIN0800856 |

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ: ତା.୨୯.୦୧.୨୦୨୫ରିଖ ଇ-ନିଲାମ ଆରମ୍ଭ କିମ୍ବା ପୂର୍ବରୁ

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଏବଂ ସମୟ: ତା.୨୭.୦୧.୨୦୨୫ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ, ଏନକମ୍ବ୍ରାନସେସ୍ ବିବରଣୀ ଯଦି କିଛି ଥାଏ: ନାହିଁ

ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://baanknet.com, www.unionbankofindia.co.in ଦେଖନ୍ତୁ। ପରବର୍ତ୍ତୀ କୌଣସି ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୯୮୩୦୩୨୫୬୨୧

ଏହି ବିକ୍ରୟ ନୋଟିସଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ଋଣଗ୍ରହୀତା ଏବଂ ଜାମିନ୍‌ଦାରଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୬.୧୨.୨୦୨୪ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



# ଭାରତୀୟ ରିଜର୍ଭ ବ୍ୟାଙ୍କ
ସମ୍ପଦା ବିଭାଗ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ
ଭୁବନେଶ୍ୱର – 751001

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର **ନିଜର ଅଧିକାରୀ କ୍ୱାର୍ଟର୍ସ ନୟାପଲ୍ଲୀ, ଭୁବନେଶ୍ୱର, ଓଡିଶାର ବିଭିନ୍ନ ବ୍ଲକରେ uPVC ସିଷ୍ଟମ୍ ୱିଣ୍ଡୋର ଡିଜାଇନ୍, ଯୋଗାଣ, ଗଠନ, ଏବଂ ସ୍ଥାପନା କାର୍ଯ୍ୟ** ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଜାନୁଆରୀ ୧୭, ୨୦୨୫ ଅପରାହ୍ନ ୦୨:୦୦ଟା** ଅଟେ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**

## ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି

ଶେରଗଡ଼,(ସୂର୍ଯ୍ୟ ନାରାୟଣ ଦାଶ) :ଶେରଗଡ଼ ବ୍ଲକ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷାରେ ୩ହଜାର ହେକ୍ଟର ଜମିରେ ଧାନ ଫସଲ ଗଜା ହୋଇ ନଷ୍ଟ ହୋଇଛି। ଜମିର ଧାନ କଳେଇ ପାଣିରେ ବୁଡି ରହି ସେଥିରୁ ଗଜା ବାହାରି ପଡଛି। ଫଳରେ ଚାଷୀର ବର୍ଷଯାକର ପରିଶ୍ରମ ବୃଥା ହୋଇଛି। ଏଯାବତ ନଷ୍ଟ ହୋଇଥିବା ଧାନର ଆକଳନ ପାଇଁ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇନାହିଁ। ତୁରନ୍ତ ଏହି କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ରାସ୍ତା ଅବରୋଧ କରୁଛି ପଥର

ଚକାପାଦ,୨୬।୧୨(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଲାଇନପଡା ଠାରୁ ପସରାକୁ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବାତ୍ୟା ଦାନା ସମୟରେ ଗୋଟିଏ ବଡ଼ ପଥର ରାସ୍ତାକୁ ଅଧା ମାଡ଼ି ବସିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ଗୁଡ଼ିକ କଟା ନହେବାରୁ ଉଭୟ ପଟୁ ଆସୁଥିବା ଗାଡ଼ି ଗୁଡ଼ିକ ଘାଟି ପାଖରେ ଅଟକି ରହି ହଇରାଣ ହେଉଛନ୍ତି। ଗାଡ଼ି ଗୁଡ଼ିକ ଯିବା ଆସିବା କରିବା ଦ୍ୱାରା ଗୋଟିଏ ପାର୍ଶ୍ୱ ଖାଲ ହୋଇଗଲାଣି। ଏହି ଖବର ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ଫଳ ଶୂନ। ଯଥାଶୀଘ୍ର ଏହି ରାସ୍ତା ମରାମତି ନ କରଗଲେ କେତେବେଳେ କିଛି ଅଘଟଣ ଘଟିବ କହିହେବ ନାହିଁ।

### ଗଛ ପଡ଼ି ଭାଙ୍ଗିଲା ଘର, ବର୍ତ୍ତିଲେ ପରିବାର

ମୋହନା,୨୬।୧୨( ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନ୍ତର୍ଗତ ରାଇପଙ୍କା ପଞ୍ଚାୟତ ନିକଟସ୍ଥ ମାନ୍ଧୁବାଜୁ ଗ୍ରାମରେ ଲଗାଣ ବର୍ଷାରେ ଆମ୍ବ ଗଛପଡ଼ି ଘର ଭାଙ୍ଗି ଯାଇଛି। ଫଳରେ ପରିବାର ଲୋକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନାଯୋଗ୍ୟ ବୁଧବାର ବିଳମ୍ବିତ ରାତିରେ ଆମ୍ବ ଗଛପଡ଼ି ଯାଇଥିଲା ଯଶବନ୍ତ ମାଝୀଙ୍କ ଘର ପାର୍ଶ୍ୱରେ। ଯାହାକୁ ନେଇ ରାତି ସାରା ଭୟଭୀତ ଅବସ୍ଥାରେ ରହିଥିଲେ ପରିବାର ଲୋକେ। ଗୁରୁବାର ସକାଳେ ଯଶବନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଆମ୍ବଗଛକୁ କଟର ମେସିନ ସାହାର୍ଯ୍ୟରେ କାଟିଥିଲେ। ଗଛ ପଡ଼ି ଯିବାରୁ ଗୋଟିଏ ବଖରା ଘର ଭାଙ୍ଗି ଯାଇଛି। ଏନେଇ ସରକାରଙ୍କୁ ପକ୍କା ଘର ସହ କିଛି ଆର୍ଥିକ ସାହାର୍ଯ୍ୟ କରିବାପାଇଁ ଯଶବନ୍ତ ନିବେଦନ କରିଛନ୍ତି।

### ଶ୍ରୀ ଅନ୍ନ ଅଭିଯାନ ଉଦ୍‌ଘାଟିତ

କାଶୀନଗର,୨୬।୧୨ (ଟି.କ୍ରୀଷ୍ଣା ରଓ)

ସ୍ଥାନୀୟ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଗୁରୁବାର ଦିନ ବ୍ଲକସ୍ତରୀୟ ଶ୍ରୀ ଅନ୍ନ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟାଳୟର ସେକ୍ସନ ଅଫିସର ଏହାକୁ ଉଦ୍‌ଘାଟନ କରିବା ବେଳେ କୃଷି, ଆଇସିଡିଏସ୍, ଶ୍ରୀ ଅନ୍ନ ଅଭିଯାନ ଅଧିକାରୀ ଓ ମାଣ୍ଡିଆ ଚାଷୀ ଉପସ୍ଥିତ ଥିଲେ। ସେମାନଙ୍କ କହିବା ଅନୁଯାୟୀ ଚଳିତ ମାସ ୩୦ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଖାରଡ଼ା, କେ.ସୀତାପୁର, ପାର୍ଡ଼ିଡ଼ା, ସିଦ୍ଧାମଡ଼ଙ୍ଗ, ଶିଆଳି, ଅଲଡ଼ା ଆଦି ଆଠଟି ପଞ୍ଚାୟତରେ ହୋର୍ଡ଼ିଂ, ବ୍ୟାନର, ପ୍ରଚାରପତ୍ର ଓ ଓଡ଼ିଆ, ତେଲୁଗୁ, ସଉରା ଭାଷାରେ ସଚେତନତା ରଥରୁ ମାଇକିଙ୍ଗ କରି ମାଣ୍ଡିଆ ଚାଷୀମାନଙ୍କୁ ସଚେତନ କରାଯିବ। ୨୯ ତାରିଖ ରବିବାର ପଡୁଥିବାରୁ କେବଳ ସେହି ଦିନ ପ୍ରଚାର ବନ୍ଦ ରହିବ। ଜମିପଟ୍ଟା, ଆଧାର କାର୍ଡ, କୃଷକ ରେଜିଷ୍ଟ୍ରେସନ ନମ୍ବର ଓ ବ୍ୟାଙ୍କ ପାସବୁକର ଫଟୋକପି ସହ ଆସି ମାଣ୍ଡିଆ ଚାଷୀମାନେ ନାମ ପଞ୍ଜିକରଣ କରି ପାରିବେ। ବ୍ଲକସ୍ତରୀୟ ବଂଶଧାରା ଫେଡେରେଶନ ସହାୟତାରେ ଓ କାର୍ଯ୍ୟାଳୟରେ ଏହି କାର୍ଯ୍ୟ ହେବାକୁ ଥିବା ବେଳେ ପଞ୍ଜିକରଣ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଲେ ଚାଷୀମାନେ କୃଷି ବିଭାଗ ଓ ଶ୍ରୀ ଅନ୍ନ ଅଭିଯାନ କର୍ମଚାରୀଙ୍କ ପରାମର୍ଶ ନେଇ ପାରିବେ ବୋଲି ସମ୍ପୃକ୍ତ ଅଧିକାରୀମାନେ କହିଛନ୍ତ।

### ଭାଜପା ସରକାର ଆସିବା ପରେ ଦରଦାମ ବଢ଼ିଛି

ଭଞ୍ଜନଗର,୨୬।୧୨(ବାବୁଲା ପ୍ରଧାନ): ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁ ସ୍ମୃତି ଭବନରେ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ଭାଜପା ସରକାର ଆସିବା ପରେ ରାଜ୍ୟରେ ବିଭିନ୍ନ ଜିନିଷର ଦରଦାମ ବଢ଼ିଚାଲିଛି। ନୂଆ ଯୋଜନା କିଛିନାହିଁ। ରଙ୍ଗ ଦେବାରେ ସରକାର ବ୍ୟସ୍ତ ବୋଲି ସେ ଅଭିଯୋଗ କରିଥିଲେ। ସଭାରେ ବରିଷ୍ଠ ନେତା ଦିବାକର ନାୟକ, ରଙ୍କନିଧି ପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ଟୁଟୁ ପ୍ରଧାନ, ଜଗନ୍ନାଥପ୍ରସାଦ ବ୍ଲକ ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଜିତେନ୍ଦ୍ର କେଶରୀ ଆରୁଖ, ଶ୍ରୀକାନ୍ତ ଦଳବେହେରା, ଲେମ୍ବେଇ ସମିତିସଭ୍ୟ ଦେବଦତ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ ।

# ଅତିରିକ୍ତ ଜିଲାପାଳଙ୍କ ଟେବୁଲ ଉପରେ ଧାନ ଢାଳି ପ୍ରତିବାଦ କଲେ ଚାଷୀ

- ପ୍ରଶାସନ କ୍ଷୟକ୍ଷତି ଆକଳନରେ ବିଳମ୍ବ କରୁଛି: ଚାଷୀ
- ବର୍ଷା ଲାଗି ରହିଥିବାରୁ କ୍ଷୟକ୍ଷତି ଆକଳନ ହୋଇପାରିନି: ଅତିରିକ୍ତ ଜିଲାପାଳ



ପାରଳାଖେମୁଣ୍ଡି,୨୬।୧୨(ଗିରିଧାରୀ ପରିଛା): ଅଦିନିଆ ବର୍ଷାରେ ଧାନ ଫସଲ ନଷ୍ଟ ହେବା ପରେ ପ୍ରତିଦିନ ଚାଷୀ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ଗୁରୁବାର ମଧ ଗଜପତି ଜିଲାର ବିଭିନ୍ନ ବ୍ଲକର ଚାଷୀ ଅତିରିକ୍ତ ଜିଲାପାଳଙ୍କ ଦପ୍ତରରେ ପଶି ଟେବୁଲ ଉପରେ ନଷ୍ଟ ହୋଇଥିବା ଧାନ ଢାଳି ଦୀର୍ଘ ସମୟ ଧରି ହୋହଲ୍ଲା କରିଥିଲେ। ଗୋଟିଏ ପକ୍ଷରେ ଚାଷୀଙ୍କୁ ଅଦିନିଆ ବର୍ଷା ଦାଉ ସାଧୁଥିବା ବେଳେ ଅପରପକ୍ଷରେ ଯୋଗାଣ ଅଧିକାରୀଙ୍କ ପାଇଁ ଅତିରିକ୍ତ ଜିଲାପାଳ ଚାଷୀଙ୍କ ରୋଷର ଶିକାର ହୋଇ ହଟହଟା ହେବାକୁ ପଡ଼ିଛି ବୋଲି କୁହାଯାଉଛି।
ଅଦିନିଆ ବର୍ଷା ଯୋଗୁ ଏଯାଏ ଚାଷୀଙ୍କୁ କ୍ଷତିପୂରଣ ମିଳିନି। ବର୍ଷା ହେତୁ ଆଉ ଜିଲାରେ ଏଫ୍‌ଏକ୍ୟୁ ମାନର ଧାନ ନାହିଁ। ଏପରି ସ୍ଥଳେ ଚାଷୀଙ୍କ ନିକଟରେ ରହି ଯାଇଥିବା ଧାନ ବିକ୍ରି ନେଇ ପ୍ରଶାସନ କୋହଳ ନ କଲେ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ ନାହିଁ। ୭ଦିନ ଧରି ଦୁଇ ଦୁଇଟି ଲଘୁଚାପ ବର୍ଷାରେ ଗଜପତି ଜିଲାରେ ଧାନ ଫସଲଠାରୁ ଆରମ୍ଭ କରି କପା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଛି। ତେବେ ଏଯାଏ କୌଣସି ସରକାରୀ ଅଧିକାରୀ ଚାଷୀଙ୍କ ସ୍ଥିତି କିମ୍ବା ଆସନ୍ତା ୩୦ ତାରିଖରୁ ମଣ୍ଡିରେ ସଂଗ୍ରହ ହେବାକୁ ଥିବା ଧାନ ସମ୍ପର୍କରେ କୌଣସି ପଦକ୍ଷେପ ନେଇନାହାନ୍ତି। କେହି ଏଯାଏ ସ୍ଥିତି ଅନୁଧ୍ୟାନ କରିନାହାନ୍ତି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ବୋଲି ଚାଷୀ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସତ୍ୟ ନାରାୟଣ ସ୍ୱାଇଁ, ଉମାକାନ୍ତ ସ୍ୱାଇଁ, ସୁବାସିନୀ ବରାଡ କହିଛନ୍ତି। ଏହାର ପ୍ରତିବାଦ ସ୍ୱରୂପ ସେମାନେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଟେବୁଲ ଉପରେ ଧାନ ଢାଳି ନିଜ କ୍ଷୋଭ ପ୍ରକାଶ କରିଛନ୍ତି।
ଏନେଇ ଅତିରିକ୍ତ ଜିଲାପାଳ ମିଞ୍ଜଙ୍କୁ ପଚାରିବାରୁ ସେ କହିଲେ, ଯେହେତୁ ବର୍ଷା ଲାଗି ରହିଥିଲା ତେଣୁ କ୍ଷୟକ୍ଷତି ଆକଳନ କରାଯାଇପାରିନାହିଁ। ପାଗରେ ସୁଧାର ଆସିଲେ କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ କରାଯିବ। ଅନ୍ୟପକ୍ଷରେ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଏହାକୁ ଗୁରୁତର ସହ ନେଇ ଯୋଗାଣ ମନ୍ତ୍ରୀ ନିର୍ଦ୍ଧାରିତ ଧାନର ମାନକୁ ବାଦ ଦେଇ ଧାନ କ୍ରୟ ପ୍ରକ୍ରିୟା ଜାରି ରହିବ ବୋଲି କହିଛନ୍ତି। ତେବେ ଧାନ କ୍ରୟ ଦାୟିତ୍ୱରେ ଥିବା ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରୁ ସେ କହିଲେ, ଆମ ପାଖରେ ସେଭଳି କିଛି ସୂଚନା ନାହିଁ। ଜିଲାରେ ଆଉ ଏଫ୍‌ଏକ୍ୟୁ ମାନର ଧାନ ନାହିଁ। ଚାଷୀ ବହୁ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଏସବୁକୁ ଗୁରୁତ୍ୱ ଦେଇ ଏକ ଜରୁରୀ ବୈଠକ ଡକାଯାଇଛି। ବୈଠକରେ ଆଲୋଚନା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ବେହେରା କହିଛନ୍ତି।

## ସିପିଆଇଏମ୍ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର



ସିପିଆଇଏମ୍ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଛତ୍ରପୁର, ୨୬।୧୨(ଦିଲ୍ଲିପ ସାମଲ)– ଅଦିନିଆ ବର୍ଷାରେ ଗଞ୍ଜାମ ଜିଲାରେ ବ୍ୟାପକ ଭାବେ ଧାନ ଓ ପନିପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି। ଋଣ ଆଣି ଚାଷ କରିଥିବା ଚାଷୀମାନେ କିପରି ଋଣ ଶୁଝିବେ ସେନେଇ ଚିନ୍ତାରେ ଅଛନ୍ତି। ଏଭଳି ସ୍ଥିତିରେ ପ୍ରଶାସନ ଶୀଘ୍ର ଫସଲ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତି ପୂରଣ ଦେବାକୁ ଗୁରୁବାର ସିପିଆଇଏମ୍ ଗଞ୍ଜାମ ଜିଲା କମିଟି ଦାବି କରିଛି। କମିଟି ପକ୍ଷରୁ କର୍ମକର୍ତ୍ତାମାନେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଧାଂଶୁ ଭୋଇଙ୍କୁ ଭେଟି ଏକ ସ୍ମାରକପତ୍ର ଦେଇଛନ୍ତି। ଜିଲାର ସବୁ ଚାଷୀ ଓ ଭଗଚାଷୀଙ୍କୁ କ୍ଷତି ପୂରଣ ଦେବା, ଚାଷୀଙ୍କ ଋଣ ଛାଡ଼ କରିବା, ଚାଷୀ ଓ ଭାଗଚାଷୀଙ୍କ ସବୁଧାନ କ୍ରୟ କରିବା ଲାଗି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସିପିଆଇଏମ୍ ଗଞ୍ଜାମ ଜିଲା କମିଟି ସମ୍ପାଦକ ଯୁଧିଷ୍ଠିର ବେହେରା, କୈଳାସ ଷଡ଼ଙ୍ଗୀ, ରାମଚନ୍ଦ୍ର ନାୟକ, ପି. ହରିକୃଷ୍ଣ ରେଡ୍ଡୀ, ଦିଲୀପ ଛୋଟରାୟ, ଶିବ ପ୍ରସାଦ ମହାପାତ୍ର, ଡି. ପଦ୍ମ ଚରଣ ପ୍ରଧାନ, ଖଲି ସ୍ୱାଇଁଙ୍କ ସମେତ ବହୁ ଚାଷୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଛତ୍ରପୁର ବ୍ଲକ ବରଙ୍ଗ ଗ୍ରାମର ଆତ୍ମହତ୍ୟା କରିଥିବା ଚାଷୀ ବନମାଳୀ ପେଣ୍ଟେଇଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ମା'



ନିଶା ପ୍ରଧାନ।

ଦିଗପହଣ୍ଡି,୨୬।୧୨(ଅଶେଷ ନାଥ ମିଶ୍ର): ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ଏସ. ଗୋପାଳପୁର ଗ୍ରାମରେ ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ବିକ୍ରମ ବରାଡ଼ଙ୍କ ସ୍ତ୍ରୀ ନିଶା ପ୍ରଧାନ। ଝିଅକୁ ହତ୍ୟା କରାଯାଇଥିବା ନିଶାଙ୍କ ମା' କୁମାରୀ ପ୍ରଧାନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଟିମ ଆଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।
ବିକ୍ରମ ତାଙ୍କ ମାମୁଘର ଗାଁ ଭୁଶୁଣ୍ଡାକୁ ବୁଲି ଯାଉଥିବା ବେଳେ ନିଶାଙ୍କ ସହ ସାକ୍ଷାତ ହୋଇଥିଲା। ଉଭୟେ ପରସ୍ପରକୁ ଭଲପାଇ ବସିଥିଲେ। ପ୍ରାୟ ୧୧ ମାସ ତଳେ ପ୍ରେମୀଯୁଗଳ ଫେରାର ହୋଇଯାଇ କିଛିଦିନ ପରେ ଗ୍ରାମକୁ ଫେରିଥିଲେ। ଉଭୟ ପକ୍ଷଙ୍କ ପରିବାର ଲୋକଙ୍କ ସହମତି ପରେ କୁଳପ୍ରଥା ଅନୁଯାୟୀ ସେମାନଙ୍କ ବିବାହ ହୋଇଥିଲା। ଶ୍ୱଶୁର ଘର ଲୋକଙ୍କ ଦାବି ପ୍ରକାରେ ସମସ୍ତ ଯୌତୁକ ସାମଗ୍ରୀ ଦିଆଯାଇଥିଲା। ଏହା ସତ୍ତ୍ୱେ ବି ଅଧିକ ଯୌତୁକ ପାଇଁ ନିଶାଙ୍କୁ ଶାରିରୀକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ତେଣୁ ନିଶାଙ୍କୁ ବାପଘର ଲୋକେ ନେଇ ଆସିଥିଲେ। ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଗତ ଦୀପାବଳି ସମୟରେ ଘଟଣାର ସମାଧାନ କରି ନିଶାଙ୍କୁ ନେଇଥିଲେ। ବିକ୍ରମ ଗାଁରେ କିଛିଦିନ ରହିବା ପରେ କର୍ମକ୍ଷେତ୍ର ମୁମ୍ବାଇ ଚାଲିଯାଇଥିଲେ। ସ୍ୱାମୀ ଚାଲିଗଲା ପରେ ଶ୍ୱଶୁର ଘର ଲୋକେ ନିର୍ଯାତନା ଦେଉଥିବା ନେଇ ନିଶା ତାଙ୍କ ମା'ଙ୍କୁ ଏକାଧିକ ଥର ମୋବାଇଲ ଫୋନରେ ଜଣାଇଥିଲେ। ବୁଧବାର ରାତିରେ ନିଶା ମାନସିକ ଭାରସାମ୍ୟ ହରାଇ ବିଷ ଖାଇଥିବା ନେଇ ବାପଘର ଲୋକଙ୍କୁ ଶ୍ୱଶୁର ଘର ଲୋକେ ଜଣାଇଥିଲେ। ଗୁରୁତର ଅବସ୍ଥାରେ ନିଶାଙ୍କୁ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ନିଶାଙ୍କ ମୁଣ୍ଡ,ହାତ ଓ ଗୋଡ଼ରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ମା', ବାପା ଓ ଭଉଣୀ ପୋଲିସ ନିକଟରେ ବୟାନ ଦେଇଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି। ଏ ନେଇ ନଂ. ୫୮୫/୨୪ ରେ ମାମଲା ରୁଜୁ ହୋଇଛି।

## ଚାଷ କ୍ଷତି ବୁଲି ଦେଖିଲେ ଆରଆଇ

ଖଜୁରୀପଡ଼ା ୨୬।୧୨( ବିଦୁର ବେହେରା)

ଖଜୁରୀପଡ଼ା ତହସିଲ ଅଞ୍ଚଳରେ ଅଦିନିଆ ଲଘୁଚାପଜନିତ ବର୍ଷା ଚାଷୀଙ୍କୁ ଚିନ୍ତାରେ ପକାଇଛି। ବିଲରେ ଧାନ ପଡିରହି ନଷ୍ଟ ହେବା ଖବର ପ୍ରକାଶ ପରେ ଗୁରୁବାର ବଲସକୁମ୍ପା ରାଜସ୍ୱ ନିରୀକ୍ଷକ (ଆରଆଇ) ସବିତା ନାୟକ ଚାଷୀଙ୍କ ନିକଟରେ ପହଞ୍ଚି ସେମାନଙ୍କ ଧାନ ବିଲ ବୁଲି ଦେଖିଛନ୍ତି । କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ଦେବେ ବୋଲି କହିଛନ୍ତି। ଏବେ ଧାନ ଅମଳ ସମୟରେ ଲଗାଣ ବର୍ଷା ଯୋଗୁ ଧାନସବୁ ବିଲରେ ପଡ଼ି ରହିଛି। ବିଲରେ ପାଣି ଜମି ସେସବୁ ନଷ୍ଟ ହେଉଛି । କିପରି କରିଥିବା ଧାର କରଜ ଶୁଝିବେ ଏବଂ ପରିବାର ଚଳାଇବେ ସେନେଇ ଚାଷୀ ଚିନ୍ତାରେ ପଡିଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଚାଷୀ ଚାଷୀ ପ୍ରମୋଦ ସାହୁ, ବସୁଦେବ ମାଝୀ, ଶଶୀଭୂଷଣ ବେହେରା, ମୁରଲୀଧର ବେହେରା, ବିଶନାଥ ଭୁକ୍ତା, ପ୍ରଫୁଲ୍ଲ ବେହେରା ପ୍ରଶାସନକୁ ନିବେଦନ କରିଛନ୍ତି।

## କୃଷ୍ଣଚନ୍ଦ୍ର ନିଖୋଜ, ପୋଲିସର ତନାଘନା

ପାରଳାଖେମୁଣ୍ଡି,୨୬।୧୨(ଗିରିଧାରୀ ପରିଛା)– ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି କାମ୍ପସାହି ବାସିନ୍ଦା କୃଷ୍ଣଚନ୍ଦ୍ର ପଣ୍ଡା ବୁଧବାରଠାରୁ ନିଖୋଜ ଅଛନ୍ତି। ଏନେଇ ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିବା ପରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ତନାଘନା ଆରମ୍ଭ କରିଛି। ନିଖୋଜ ବ୍ୟକ୍ତି କୃଷ୍ଣଚନ୍ଦ୍ର ଜଙ୍ଗମ ସାହି ଆସିଥିବା ସୂଚନା ପାଇ ପୋଲିସ ସାହିର ବିଭିନ୍ନ ସିସି ଟିଭି ଯାଞ୍ଚ କରି ତାଙ୍କ ଅନୁସନ୍ଧାନ ଜାରି ରଖିଛି। ତେବେ ନିଖୋଜ କୃଷ୍ଣଚନ୍ଦ୍ର ଯଦି ଜଙ୍ଗମ ସାହିକୁ ଆସିଥିଲେ ତେବେ ଘରକୁ କାହିଁକି ଆସିଲେନି ସେନେଇ ଆଲୋଚନା ହେଉଛି। ତେବେ ଖବର ଲେଖା ହେବା ସୁଦ୍ଧା କୃଷ୍ଣଚନ୍ଦ୍ରଙ୍କ ନିଖୋଜ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ।

## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

### ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟ



ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆସିକା,୨୬।୧୨(ସୁରେନ୍ଦ୍ର ନାଥ ସାହୁ): ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ରୂପେ ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ସରୋଜ କୁମାର ଜେନା ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ଜେନା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଠାରୁ ଏହି ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ପକ୍ଷରୁ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

## ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟିର ନୂତନ କର୍ମକର୍ତ୍ତା



ମନୋନୀତ ହୋଇଥିବା ନୂତନ କର୍ମକର୍ତ୍ତା।

ଫୁଲବାଣୀ, ୨୬।୧୨(ରାକେଶ କୁମାର ରାଉତ) କନ୍ଧମାଳ ଜିଲା ଶ୍ରମିକ ସଙ୍ଗଠନ ସମନ୍ୱୟ କମିଟିର ବାର୍ଷିକ ବୈଠକ ସ୍ଥାନୀୟ ବନାନୀ କଳା ସଂଗମ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପୁରୁଣା କମିଟି ଭଙ୍ଗାଯାଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଶ୍ରମିକ ନେତା ଘନ ଶବର, ଉପ ସଭାପତି ଅଜୟ ସେଠୀ ଓ ଶିବଶଙ୍କର ସାମନ୍ତରାୟ, କାର୍ଯ୍ୟକାରୀ ସଭାପତି ଉମେଶ ଭୋଇ, ସାଧାରଣ ସମ୍ପାଦକ କାହ୍ନୁ ଚରଣ ଦିଗାଲ, ସହ ସମ୍ପାଦକ ସୁଜିତ ରଣା, କୋଷାଧ୍ୟକ୍ଷ ରୂପେ ଦୂତିକୃଷ୍ଣ ମଲ୍ଲିକ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ସାଙ୍ଗଠନିକ ସମ୍ପାଦିକା ସୁନିତା ସାହୁ ଧନ୍ୟବାଦ ଦେଇଥିଲେ ।

# ଅନାଥ ଭଉଣୀଭାଇଙ୍କୁ ସରକାରୀ ସହାୟତା ଦାବି

ଚିକିଟି,୨୬।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ଗୋବିନ୍ଦନଗର ଗ୍ରାମର ହରିଜନ ସାହିରେ ଗତ ୨୦୨୧ରେ କୋଭିଡରେ ଆକ୍ରାନ୍ତ ହୋଇ ନରସିଂହ ଦାସଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ଶୈଳବାଳା ଦାସଙ୍କ ୧୪।୫।୨୦୨୪ରେ ମୃତ୍ୟୁ ହୋଇଥିଲା। ଉଭୟ ମାଆବାପାଙ୍କ ମୃତ୍ୟୁ ପରେ ତାଙ୍କର ଥିବା ୩ ବର୍ଷର ଝିଅ ଓ ୮ ବର୍ଷର ପୁଅ ଅନାଥ ହୋଇଯାଇଛନ୍ତି। ଏହି ଭଉଣୀ ଭାଇ ବର୍ତ୍ତମାନ ବେସାହାରା ହୋଇ ବଡ କଷ୍ଟରେ ଚଳୁଛନ୍ତି। ମାଆଙ୍କ ମୃତ୍ୟୁ ପରେ ୮ ବର୍ଷର ପୁଅ ଅଜାଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ବେଳେ ୩ ବର୍ଷର ଝିଅ ଜେଜେ ବାପାଙ୍କ ପାଖରେ ଅଛନ୍ତି। ଉଭୟ ଭଉଣୀଭାଇଙ୍କ ଭରଣ ପୋଷଣ କରିବା ଅଜା ଓ ଜେଜେ ବାପାଙ୍କ ପକ୍ଷରେ ସମ୍ଭବ ହେଉନାହିଁ। ଅର୍ଥାଭାବ ଯୋଗୁ ସେମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଉଭୟ ଭଉଣୀ ଭାଇଙ୍କୁ ସରକାରୀ ସହାୟତା ଯୋଗାଇବାକୁ ଗୋବିନ୍ଦନଗର ସରପଞ୍ଚ କୃଷ୍ଣ ସାହୁ ଦାବି କରିଛନ୍ତି। ଏନେଇ ସରପଞ୍ଚ ସାହୁ ଏହି ଅନାଥ ଭଉଣୀ ଭାଇଙ୍କ ସମ୍ପର୍କରେ ଅନେକ ଥର ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ତୁରନ୍ତ ଏହି ଦୁଇ ଭଉଣୀଭାଇଙ୍କ ଭବିଷ୍ୟତ ପ୍ରତି ଗୁରୁତ୍ୱ ଦେଇ ପ୍ରଶାସନ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ବେଲଗୁଣ୍ଠା,୨୬।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଗାଙ୍ଗପୁରଠାରେ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିବା ସହିତ ଏକ ସଭାରେ ଉଦବୋଧନ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅପରାହ୍ନ ପ୍ରାୟ ୨ଟାରେ ଗାଙ୍ଗପୁର ଗାଁ ମୁହଁରେ ପହଞ୍ଚିବା ପରେ ସେଠାରୁ ସୋରଡା ବିଧାୟକ ନୀଳମଣି ବିଷୋୟୀଙ୍କ ନେତୃତ୍ୱରେ ପଟୁଆରରେ ତାଙ୍କୁ ପାଛୋଟି ନିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ପ୍ରଥମେ ଗାଙ୍ଗପୁର ଶରତ ଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା, ଓଏଭି ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆଇଆଇଏଲ୍ ହାଇଦ୍ରାବାଦ୍ ଏବଂ ଓଡ଼ିଶା ସରକାରଙ୍କ ପଞ୍ଚ ସଖା ସେତୁର ମିଳିତ ସହଯୋଗରେ ନିର୍ମିତ ଶ୍ରେଣୀ କୋଠରୀକୁ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନିତ ଅତିଥି ରୂପେ ଆସିକା ଏମପି ଅନିତା ଶୁଭଦର୍ଶିନୀ ଏବଂ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସମେତ ସମସ୍ତ ଅତିଥି ଏମବିଏସ୍ କୋଲା ୟୁନିଟ୍‌ରେ ପହଞ୍ଚି ଯୁବ ଉଦ୍ୟୋଗପତି ତଥା ଏମବିଏସ୍ କୋଲା ୟୁନିଟ୍ ମୁଖ୍ୟ ପରିଚାଳକ ବସନ୍ତ କୁମାର ବିଷୋୟୀଙ୍କ ଉଦ୍ୟମରେ ପ୍ରତିଷ୍ଠିତ ମସଲା ଫ୍ୟାକ୍ଟ୍ରିକୁ ଉଦଘାଟନ କରିଥିଲେ। ଏହାପରେ ପୋଲସରା ଅଭିମୁଖେ ଯାତ୍ରା କରିଥିବା ବେଳେ ବିଧାୟକ ନୀଳମଣି ବିଷୋୟୀ ଏବଂ ଏମପି ଅନିତା ଶୁଭ ଦର୍ଶିନୀ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ଏକ ନବନିର୍ମିତ ଶ୍ରେଣୀ କୋଠରୀକୁ ଉଦଘାଟନ କରିଥିଲେ।

# ଭାଜପାରେ ମିଶିଲେ ୨ ବ୍ଲକ ଅଧ୍ୟକ୍ଷା,ଅଧ୍ୟକ୍ଷ



ବୁଗୁଡ଼ା ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

ଭଞ୍ଜନଗର/ବୁଗୁଡ଼ା,୨୬।୧୨(ବାବୁଲା ପ୍ରଧାନ/କାଳୀ ଚରଣଦାଶ): ବିଜେଡିର ପ୍ରତିଷ୍ଠା ଦିବସରେ ଗଞ୍ଜାମ ଜିଲାରେ ଦଳକୁ ଶକ୍ତ ଝଟକା ଲାଗିଛି । ଗୁରୁବାର ଜିଲାର ଭଞ୍ଜନଗର ବ୍ଲକ ଅଧ୍ୟକ୍ଷଙ୍କ ସମେତ ୩ ସମିତି ସଭ୍ୟାସଭ୍ୟ ଓ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ବହୁ ସରପଞ୍ଚ, ସମିତିସଭ୍ୟ ବିଜେଡି ଛାଡି ଭାଜପାରେ ମିଶିଛନ୍ତି।
ଭଞ୍ଜନଗରରେ ଭାଜପାର ମିଶ୍ରଣ ପର୍ବ ସ୍ଥାନୀୟ ବନ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଥିଲା। ମିଶ୍ରଣ ପର୍ବରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ନେତାଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ନୂତନ ନେତାମାନେ ଦଳରେ ଯୋଗ ଦେବା ପରେ ଭଞ୍ଜନଗର ବ୍ଲକରେ ଦଳ ଆହୁରି ଅଧିକ ଶକ୍ତିଶାଳୀ ହୋଇଛି। ଲୋକଙ୍କ ଉନ୍ନତୀ ପାଇଁ ଡବଲ ଇଞ୍ଜିନ ସରକାର ପକ୍ଷରୁ ଆହୁରି ଅନେକ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, କୁଲାଡ ସମିତିସଭ୍ୟ ପି. ରେଣୁକା ପାତ୍ର, ବାରୁଡ଼ା ସମିତିସଭ୍ୟା ବନିତା ସେଠୀ ବଡ଼କୋଦଣ୍ଡା ସମିତିସଭ୍ୟ ଜେ. ମନୋଜ ପୃଷ୍ଟି ଏବଂ ସେମାନଙ୍କ ସମର୍ଥକ ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ମିଶ୍ରଣ ପର୍ବରେ ଭାଜପା ନେତା ରମେଶ ପାତ୍ର, ନୀଳ ମାଧବ ପାତ୍ର, ଧୋବା ଗୌଡ, ଶିବ ଶଙ୍କର ପ୍ରଧାନ, ରବିନ୍ଦ୍ର ଗୌଡ, ସନ୍ତୋଷ ତିଆଡି, ସୁବାଷ ବରାଡ ପ୍ରମୁଖ ଉପସ୍ଥିତ ଥିଲେ।
ସେହିପରି ବୁଗୁଡ଼ା ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଘୁମୁସର ଭାଜପା ସଭାପତି ବିଜୟ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ, ଆସୀକେ ଏମ୍ପି ଅନିତା ଶୁଭ ଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ ପାଢ଼ୀ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ,ଜୟନ୍ତୀ ପଡ଼ିଆରୀ, ଘୁମୁସର ଭାଜପା ଉପ ସଭାପତି ପ୍ରଭାକର ପଣ୍ଡା, ଘୁମୁସର ଜିଲା ଯୁବ ଭାଜପା ସଭାପତି ଦୀପକ ପ୍ରଧାନ, ବୁଗୁଡ଼ା ନଗର ସଭାପତି କେଦାର ନାଥ ମହାରଣା, ଘୁମୁସର ଜିଲ୍ଲା ଯୁବ ବିଜେପି ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର ,ଆରତୀ ଦେବୀ ପ୍ରମୁଖ ମଞ୍ଚାସୀନ ଥିଲେ । କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଠନରେ ଗଞ୍ଜାମର ଅବଦାନକୁ ପ୍ରଶଂସା କରିଥିଲେ । ଏହି ଅବସରରେ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶନୀ ଆଚାରୀ, ଉପାଧ୍ୟକ୍ଷ ମାନସ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି କେ.ନୀଳ ମାଧବ ଆଚାରୀ,ଆସିକା ଚିନି ଶିଳ୍ପ ନିର୍ଦ୍ଦେଶକ ବସନ୍ତ କୁମାର ଦଳେଇ, ବିଜେଡିର ବ୍ଲକ ସଭାପତି ମଦନ ଗୋପାଳ ଦୋରା, ଗୋଳାବନ୍ଧ, ଖୋଳଖାଲି, ଗୋଲିଆ ସରପଞ୍ଚଙ୍କ ସମେତ କେତେଜଣ ସମିତିସଭ୍ୟାସଭ୍ୟ ଓ ନେତାମାନେ ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିଲେ।

## ନିର୍ମାଣାଧୀନ ଘରୁ ଚୋରି

ଗୋପାଳପୁର,୨୬ା୧୨
(ନବୀନ ରାଜ ଆଚାରୀ)

ରାମଚନ୍ଦ୍ରପୁର ମୁଖ୍ୟ ରାସ୍ତାର ଏକ ନିର୍ମାଣାଧୀନ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଗୁରୁବାର ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ରାମଚନ୍ଦ୍ରପୁର ମୁଖ୍ୟ ରାସ୍ତା ଏକ ସିମେଣ୍ଟ ଇଟା କାରଖାନା ସମ୍ମୁଖରେ ପୁରୀ ଜିଲା ମିଥୁନ କୁମାର ବିଶ୍ୱାଳଙ୍କ ଭଉଣୀଙ୍କ ଘର ନିର୍ମାଣ କାମ ଚାଲିଛି। ଘର କାମ ପାଇଁ ରହିଥିବା ୧୫ ବସ୍ତା ସିମେଣ୍ଟ, ଲୁହା ଛଡ଼ ଏବଂ ମିସ୍ତ୍ରୀଙ୍କ ମୂଲ୍ୟବାନ ସାମଗ୍ରୀକୁ କିଛି ଦୁର୍ବୃତ୍ତମାନେ ରାତ୍ରରେ ଚୋରି କରି ନେଇଥିଲେ। ଏନେଇ ମିଥୁନ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

# ପିକ୍‌ନିକ୍ ଯାତ୍ରା ଅସୁରକ୍ଷିତ, ଯାଞ୍ଚ ହେଉନି

ବ୍ରହ୍ମପୁର,୨୬ା୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବର୍ଷ ଶେଷ ହେବାକୁ ଯାଉଥିବାବେଳେ ସବୁଆଡ଼େ ଭୋଜିଭାତର ଆସର ଆରମ୍ଭ ହେଲାଣି। ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବସରେ ପୋଷାକ ମାରି ମଉଜ କରିବାକୁ ବାହାରୁଛନ୍ତି। ଏଥିରୁ ବାଦ ପଡ଼ିନାହାନ୍ତି ଶିକ୍ଷାନୁଷ୍ଠାନ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଯାଉଛନ୍ତି। ଗୋଟିଏ ବସରେ ଧାର୍ଯ୍ୟ ସଂଖ୍ୟାଠାରୁ ଅଧିକ ଛାତ୍ରଛାତ୍ରୀଙ୍କ ସହ ଗ୍ୟାସ ସିଲିଣ୍ଡର ପରି ଦହନଶୀଳ ସାମଗ୍ରୀ ନେଉଛନ୍ତି। ବସର ଫିଟ୍‌ନେସ ଓ ଓଭରଲୋଡ଼ିଂ ଯାଞ୍ଚ କରିବାକୁ କେହି ନାହାନ୍ତି। ଫଳରେ ପର୍ଯ୍ୟଟନ ରାସ୍ତାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ନଭେମ୍ବରରୁ ପିକନିକ ଋତୁ ଆରମ୍ଭ ହୋଇଥିଲେ ବି ଚଳିତ ମାସ ତୃତୀୟ ସପ୍ତାହରେ ପରେ ବ୍ୟାପକ ହୋଇଛି। ଶନିବାର ଓ ରବିବାର ପର୍ଯ୍ୟଟନ ସ୍ଥଳୀରେ ଭିଡ଼ ଲାଗୁଛି। ନୂଆବର୍ଷକୁ ଆଉ ମାତ୍ର ଦିନ କେଇଟା ଥିବାରୁ ଆଗକୁ ଭୋଜି ଭାତର ଆସର ବଢ଼ିବା ସମ୍ଭାବନା ରହିଛି। ପର୍ଯ୍ୟଟନ ସ୍ଥଳୀରେ ଯାଞ୍ଚ କରିବାକୁ ମଧ୍ୟ କେହି ନାହାନ୍ତି। ଅନୁରୂପ ଭାବେ ଦହନଶୀଳ ସାମଗ୍ରୀ ବସରେ ପରିବହନ କରିବାକୁ ବାରଣ କରାଯାଉଥିଲେ ମଧ୍ୟ ରୋଷେଇ କରିବାକୁ ସେହି ବସରେ ଗ୍ୟାସ ସିଲିଣ୍ଡର ନେଉଛନ୍ତି। ଫଳରେ ପାଦେ ପାଦେ ବିପଦ ଜଗି ରହିଛି। ଅଥଚ ଏଥିକୁ ଏଡ଼ାଇବା ପାଇଁ କେହି ତତ୍ପର ନାହାନ୍ତି ପ୍ରତିଷେଧ ମୂଳକ ପଦକ୍ଷେପ ସ୍ୱରୂପ ପ୍ରତିବର୍ଷ ପରି ଚଳିତ ଥର କୌଣସି ମାର୍ଗଦର୍ଶିକା ଜାରି ହୋଇ ନ ଥିବା ଜଣାପଡ଼ିଛି। ରାସ୍ତାରେ ପୋଲିସ ଯାଞ୍ଚ କରୁ ନ ଥିବା ବେଳେ ସମ୍ପୃକ୍ତ ବିଭାଗଗୁଡ଼ିକ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିପଦ ମୁକାବିଲା ପୂର୍ବରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ସରକାର ମାର୍ଗଦର୍ଶିକା ଆଣିବାକୁ ଅଭିଭାବକ ଓ ଶିକ୍ଷାବିତମାନେ ଦାବି କରିଛନ୍ତି। ଶିକ୍ଷାନୁଷ୍ଠାନ ବାଦେ ଅନ୍ୟାନ୍ୟ ପାର୍ଟି ପକ୍ଷରୁ ପିକ୍‌ନିକ୍ କରିବାକୁ ଯାଉଥିବାବେଳେ ସେଠାରେ ମାଦକଦ୍ରବ୍ୟର ବ୍ୟବହାର ଯୋଗୁ ଅଶାନ୍ତି ଦେଖାଦେଉଛି। ତେଣୁ ପିକ୍‌ନିକ୍ ସ୍ଥଳରେ ପୋଲିସ କର୍ମଚାରୀ ମୁତୟନ, ପିକନିକ ଗାଡ଼ି ପାଇଁ ସ୍ୱତନ୍ତ୍ର ଅନୁମତି, ପିକନିକ ଗାଡ଼ିରେ ଦହନଶୀଳ ସାମଗ୍ରୀ ପରିବହନକୁ ବାରଣ, ଓଭରଲୋଡ଼ିଂ ଯାଞ୍ଚ, ମଦ୍ୟପ ଡ୍ରାଇଭର ଧରା ପଡ଼ିଲେ ଗିରଫ ସହ ଲାଇସେନ୍ସ ରଦ୍ଦ କରିବାକୁ ପଦକ୍ଷେପ ନିଆଗଲେ ବିପଦକୁ କିଛି ମାତ୍ରାରେ ରୋକାଯାଇ ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ସିପିଆଇ ପ୍ରତିଷ୍ଠାର ଶତବାର୍ଷିକୀ ସମାରୋହ



ବ୍ରହ୍ମପୁର,୨୬ା୧୨(ନରସିଂହ ସାହୁ) ସିପିଆଇର ୧୦୦ତମ ପ୍ରତିଷ୍ଠା ଦିବସ ଗୁରୁବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ଗଞ୍ଜାମ ଜିଲା କାର୍ଯ୍ୟାଳୟରେ ଆୟୋଜିତ ସମାବେଶରେ ବ୍ରିଟିଶ ବିରୋଧରେ ଚାଲିଥିବା ସ୍ୱାଧୀନତା ସଂଗ୍ରାମ ବେଳେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କରାଯାଇଥିବା ମନେ ପକାଇ ଦିଆଯାଇଥିଲା। ପ୍ରାରମ୍ଭରେ ବରିଷ୍ଠ ନେତା ପ୍ରଶାନ୍ତ ପାଇଯୋଷୀ ଲାଲ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ଜିଲା ସମ୍ପାଦକ ପ୍ରକାଶ ପାତ୍ର, ରାଜ୍ୟ ନେତା ରମେଶ ପାଢ଼ୀ, ପ୍ରଦୀପ ଦେଓ ପ୍ରମୁଖ ଉଦବୋଧନ ଦେଇ ପାର୍ଟିର ୧୦୦ ବର୍ଷର ସଂଗ୍ରାମ ଇତିହାସ ବଖାଣିଥିଲେ। ନେତାମାନେ ଭାଷଣ ପ୍ରସଙ୍ଗରେ ଧର୍ମ ଓ ଜାତି ଭିତ୍ତିରେ ସାମ୍ପ୍ରତିକ ସରକାର ଜନସାଧାରଣଙ୍କୁ ବିଭାଜିତ କରୁଥିବା କଟାକ୍ଷ କରାଯାଇଥିଲା। ଭାରତର ଗଣତନ୍ତ୍ର ଓ ସମ୍ବିଧାନ ବଦଳାଇବା ପାଇଁ ଯେଉଁ ଷଡ଼ଯନ୍ତ୍ର ଚାଲିଛି ଏହା ବିରୋଧରେ କର୍ମୀମାନେ ତୀବ୍ର ସ୍ୱର ଉତ୍ତୋଳନ କରିବାକୁ ସଚେତନ କରାଯାଇଥିଲା।

## କମିଶନ ଲୋଭ, ଯୁବତୀଙ୍କଠାରୁ ୪୭ ହଜାର ନେଇଗଲେ

ବ୍ରହ୍ମପୁର,୨୬ା୧୨ (ସୁବାସ ଚନ୍ଦ୍ର ପାଢ଼ୀ)

ଅନଲାଇନରେ ଟଙ୍କା ଇନଭେଷ୍ଟ କରି ଭଲ କମିଶନ ଲୋଭ ମହଙ୍ଗା ପଡ଼ିଛି। ସାଇବର ଠକମାନେ ଜଣେ ଯୁବତୀଙ୍କଠାରୁ ୪୭ ହଜାର ଟଙ୍କା ଠକି ନେଇଯାଇଛନ୍ତି। ଏନେଇ ମହିଳା ଜଣଙ୍କ ଗୋସାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୭୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ବ୍ରହ୍ମପୁର ନେତାଜୀନଗରର ସମ୍ପୃକ୍ତ ଯୁବତୀଙ୍କ ନିକଟକୁ କିଛି ଦିନ ତଳେ ଟେଲିଗ୍ରାମ ଚ୍ୟାନେଲରେ ପାର୍ଟ ଟାଇମ ଚାକିରି କରି ରୋଜଗାର ପାଇଁ ଏକ ମେସେଜ ଆସିଥିଲା। ଯୁବତୀ ଜଣଙ୍କ ସେହି ଚ୍ୟାନେଲରେ ଯୋଡ଼ି ହେବା ପରେ ଜଣେ ୟୁଜର ତାଙ୍କୁ ଏକାଧିକ ଅନଲାଇନ କାମ ସମ୍ପୂର୍ଣ୍ଣ କଲେ ଭଲ କମିଶନ ମିଳିବ ବୋଲି କହିଥିଲେ। ସେହିକ୍ରମରେ ଅନଲାଇନ ଟାସ୍କ ସମ୍ପୂର୍ଣ୍ଣ କରିବାରୁ ଯୁବତୀଙ୍କ ଆକାଉଣ୍ଟକୁ କିଛି ଟଙ୍କା କମିଶନ ଆକାରରେ ଆସିଥିଲା। ପରେ ଟଙ୍କା ଇନଭେଷ୍ଟ କରି ବହୁ କମିଶନ ପାଇବେ ବୋଲି କହିଥିଲେ। ଯୁବତୀ ଜଣଙ୍କ ପ୍ରଥମେ ୧୭ ହଜାର, ପର ଦିନ ପୁଣି ୩୦ ହଜାର ଟଙ୍କା ଇନଭେଷ୍ଟ କରିଥିଲେ। ଟେଲିଗ୍ରାମ ୟୁଜର ଜଣଙ୍କ କହିବା ପ୍ରକାରେ ଯୁବତୀ ଜଣଙ୍କ ଉପରୋକ୍ତ ସମସ୍ତ ଟଙ୍କା ବିଜୟ ଟାୟାର୍ସ ନାମକ ଏକ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ପରେ ଯୁବତୀଙ୍କ ଅନଲାଇନ ଇନଭେଷ୍ଟମେଣ୍ଟ ଆକାଉଣ୍ଟରେ ମୂଳ ଟଙ୍କା ସହ କମିଶନ ବଢ଼ିବାରେ ଲାଗିଥିଲା। ହେଲେ ଯୁବତୀ ଜଣଙ୍କ ସେଥିରୁ କିଛି ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରିନଥିଲେ। ବରଂ ଟେଲିଗ୍ରାମ ୟୁଜର ଜଣଙ୍କ ତାଙ୍କୁ ଅଧିକ ଟଙ୍କା ଇନଭେଷ୍ଟ କରିବାକୁ କହିଥିଲେ। କିନ୍ତୁ ଯୁବତୀ ଜଣଙ୍କ କମିଶନକୁ ବାଦ ଦେଇ ନିଜ ମୂଳଟଙ୍କା ଫେରାଇବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା। ଏହାରି ଭିତରେ ତାଙ୍କୁ ଅଧିକ ଟଙ୍କା ଇନଭେଷ୍ଟ କରିବାକୁ ବାଧ କରାଯାଉଥିଲା। ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବା ପରେ ପୋଲିସରେ ଅଭିଯୋଗ କରିଥିଲେ।

## ଧରାପଡ଼ିଲେ ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି କରୁଥିବା ଦମ୍ପତି

ଖଲ୍ଲିକୋଟ,୨୬ା୧୨
(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳରେ ଗତ କିଛି ଦିନ ଧରି ବିଭିନ୍ନ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ କରି ଭୟ ସୃଷ୍ଟି କରିଥିବା ସ୍ତ୍ରୀ ସ୍ୱାମୀଙ୍କୁ ଗୁରୁବାର ଖଲ୍ଲିକୋଟ ପୋଲିସ ଗିରଫ କରିଛି। ସେମାନେ ହେଲେ ରମ୍ଭା ଥାନା ଅନ୍ତର୍ଗତ ସାନଘାଟି ଓଡ଼ିଆରପି କଲୋନୀର କୃଷ୍ଣଚନ୍ଦ୍ର ବେହେରା(୨୮) ଓ ତାଙ୍କ ସ୍ତ୍ରୀ ଦିପ୍ତିମୟୀ (୨୬)। ପଥରା ବୁଢ଼ୀ ଠାକୁରାଣୀ ମନ୍ଦିର ହୁଣ୍ଡି ବକ୍ସକୁ ଟେକି ନେଉଥିବା ଦୃଶ୍ୟ ସିସିଟିଭି ଫୁଟେଜରେ ଦେଖିବାକୁ ମିଳିଥିଲା। ଜଣେ ପୁରୁଷ ଏକ ନାଲି ରଙ୍ଗର ସ୍କୁଟି ଚଳାଉଥିବା ବେଳେ ଜଣେ ମହିଳା ନାଲି ରଙ୍ଗର ଜ୍ୟାକେଟ ପିନ୍ଧି ହୁଣ୍ଡି ବାକ୍ସ ଧରି ସ୍କୁଟିରେ ବସିଥିବା ଦେଖା ଯାଇଥିଲା। ଏହାକୁ ଆଧାର କରି ପୋଲିସ ତଦନ୍ତ ଚଳାଇଥିଲା। ଏ ନେଇ ନଂ. ୧୦୩୧/୨୪ରେ ମାମଲା ରୁଜୁ ହୋଇଥିଲା। ଗୁରୁବାରେ କେଶପୁର ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ ନାଲି ରଙ୍ଗର ସ୍କୁଟିକୁ ଦେଖି ସନ୍ଦେହରେ ଅଟକାଇଥିଲା। ସ୍କୁଟି ଚେକିଂ ବେଳେ ଡ଼ିକି ଭିତରେ ଖୁଚୁରା ପଇସା ଭର୍ତ୍ତି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଉଭୟଙ୍କୁ ଥାନାକୁ ନେଇ ପଚରାଉଚରା କରିବାରୁ ସେମାନେ ସବୁ ମାନିଥିବା ଥାନା ଅଧିକାରୀ ରମେଶ ପ୍ରଧାନ ଓ ଛତ୍ରପୁର ଏସଡିପିଓ ଗୌରହରି ସାହୁ କହିଛନ୍ତି। କୃଷ୍ଣଚନ୍ଦ୍ର ଓ ଦିପ୍ତିମୟୀ ଦିନରେ ଶ୍ରମିକ ଭାବେ କାମ କରନ୍ତି ଓ ରାତିରେ ବିଭିନ୍ନ ମନ୍ଦିରଗୁଡ଼ିକୁ ଟାର୍ଗେଟ କରି ଚୋରି କରନ୍ତି। ଏହି ଦମ୍ପତି ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥରା ବୁଢ଼ୀ ଠାକୁରାଣୀ ମନ୍ଦିର ବାଣିଆ ଗ୍ରାମର ବାବା ବାଣେଶ୍ୱର ମନ୍ଦିର, କେଶପୁର ଗୁପ୍ତେଶ୍ୱର ମନ୍ଦିର, ପାଲୁର ଅଳେଶ୍ୱର ମନ୍ଦିର ଓ ନିମଶୋଳା ଉଦୟନାଥ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ କରିଥିବା ସ୍ୱୀକାର କରିଥିବା ଏସଡିପିଓ ସାହୁ କହିଛନ୍ତି। ସେମାନଙ୍କ ନିକଟରୁ ଚୋରି ସମୟରେ ଦିପ୍ତିମୟୀ ପିନ୍ଧିଥିବା ନାଲି ରଙ୍ଗର ଜ୍ୟାକେଟ ସହ ଚୋରିରେ ବ୍ୟବହୃତ ନାଲି ରଙ୍ଗର ଟିଭିଏସ୍ ଜୁପିଟର ସ୍କୁଟି ନଂ.( ଓଡି ୦୭ ଏଭି ୯୨୬୯) ୩ଟି ମୋବାଇଲ ଫୋନ, ଗୋଟିଏ ଲୁହା ରଡ଼, ଗୋଟିଏ ସ୍କ୍ରୁ ଡାଇଭର ଜବତ ହୋଇଛି। ହୁଣ୍ଡି ଭାଙ୍ଗି ଚୋରି କରିଥିବା କିଛି ଟଙ୍କା ସେମାନେ ଖର୍ଚ୍ଚ କରିଦେଇଥିବା ବେଳେ ୧୫ ହଜାର ୩୪୨ ଟଙ୍କାର କଏନ ଓ ୧୪ ହଜାର ୫୩୧ ଏପରି ମୋଟ ୨୯ ହଜାର ୮୭୩ ଟଙ୍କା, ୨୨୦ ମିଲିଗ୍ରାମର ଗୋଟିଏ ସୁନା ଛୁଞ୍ଚି, ଦୁଇଟି ରୁପା ଲକେଟ ଜବତ କରାଯାଇଛି। ପଥରା ବୁଢ଼ୀ ଠାକୁରାଣୀ ମନ୍ଦିରରୁ ଟେକି ନେଇଥିବା ହୁଣ୍ଡି ବାକ୍ସକୁ ଏକ ପୋଖରୀରୁ ଉଦ୍ଧାର କରାଯାଇଥିବା ଏସଡିପିଓ କହିଛନ୍ତି।

## କେ.ସି. ହାଇସ୍କୁଲକୁ ସରକାରୀ ମାନ୍ୟତା ପାଇଁ ସ୍ମାରକପତ୍ର

ବ୍ରହ୍ମପୁର,୨୬ା୧୨(ସ୍ୱାଧୀନ ଶେଖର ପାଢ଼ୀ)

ଐତିହ୍ୟ ସମ୍ପନ୍ନ କେ.ସି.ହାଇସ୍କୁଲ, କେ.ସି.ବାଳିକା ହାଇସ୍କୁଲ ଓ କେ.ସି.ଟାଉନ ହାଇସ୍କୁଲକୁ ସରକାରୀ ମାନ୍ୟତା ସମ୍ପର୍କରେ ଓଡ଼ିଆ ଭାଷା ଆନ୍ଦୋଳନ ତଥା ସଂସ୍କାରବାଦୀର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ପୁରାତନ ଛାତ୍ର ରବିନାରାୟଣ ସାବତ, କୃଷ୍ଣ ଚନ୍ଦ୍ର ସାହୁ, ଭାଷା ଆନ୍ଦୋଳନ ସମ୍ପାଦକ ହରେକୃଷ୍ଣ ପଣ୍ଡା, ହେମନ୍ତ ନାୟକ ପ୍ରମୁଖ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। କେ.ସି.ହାଇସ୍କୁଲ ୧୬୮ ବର୍ଷ ପୂର୍ବେ ଜିଲ୍ଲା ବୋର୍ଡ ହାଇସ୍କୁଲ ଭାବେ ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ସମ୍ମୁଖରୁ ୧୯୫୯ରେ ଗୋସାଣୀନୂଆଗାଁକୁ ସ୍ଥାନାନ୍ତରିତ ହୋଇଥିଲା। ୧୯୭୪ରେ ପୂର୍ଣ୍ଣ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ପାଲଟି ଥିଲା। କେ ସି ହାଇସ୍କୁଲ, କେ ସି ବାଳିକା ହାଇସ୍କୁଲ ଓ କେ ସି ଟାଉନ ହାଇସ୍କୁଲର ଦୁର୍ଭାଗ୍ୟ ୧୯୯୪ରୁ ଆରମ୍ଭ ହେଲା। ସେତେବେଳେ ଓଡିଶା ସରକାର ସବୁ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ସରକାରୀ ଘୋଷଣା କଲେ। ୧୯୮୨ ପୂର୍ବର ପ୍ରାୟ ସବୁ ସ୍କୁଲ ସରକାରୀ ହେଲା। କିନ୍ତୁ ସେତେବେଳେ କେ ସି ମ୍ୟାନେଜମେଣ୍ଟ ଟ୍ରଷ୍ଟର ସଭାପତି ପୂର୍ବତନ ଖଲ୍ଲିକୋଟ/ କବିସୂର୍ଯ୍ୟନଗର ବିଧାୟିକା ଭି ସୁଜ୍ଞାନ କୁମାରୀ ଦେଓ ଏହି ତିନୋଟି ବିଦ୍ୟାଳୟ ସରକାରଙ୍କୁ ହସ୍ତାନ୍ତର କଲେ ନାହିଁ। ଫଳରେ ବିଦ୍ୟାଳୟ ବିଭିନ୍ନ ଅନୁଦାନରୁ ବଞ୍ଚିତ ହେଲା।

## ଚାଷୀଙ୍କ ସମସ୍ୟା, ଦୁର୍ଦ୍ଦଶାକୁ ସରକାର ଗୁରୁତ୍ୱର ସହ ନିଅନ୍ତୁ

ବ୍ରହ୍ମପୁର,୨୬ା୧୨(ସ୍ମୃତି ରଞ୍ଜନ ମହାଲିକ)

ଲଘୁଚାପ ବର୍ଷା ପ୍ରଭାବରେ ରାଜ୍ୟରେ ବିଶେଷ କରି ଗଞ୍ଜାମ ଜିଲାର ଚାଷ ଓ ଚାଷୀ କୁଳ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଚାଷୀ କିଭଳି ଫସଲ କ୍ଷୟକ୍ଷତି ଜନିତ ଭାରାକ୍ରାନ୍ତରୁ ମୁକୁଳି ଆଗାମୀ କୃଷି କାର୍ଯ୍ୟ ନିମନ୍ତେ ନିଜକୁ ପ୍ରସ୍ତୁତ କରିପାରିବ ସେ ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନ ଦାବି କରିଛି। ଏ ନେଇ ଫେଡେରସନର ଆବାହକ ସଂଜୀବ କୁମାର ପଟ୍ଟନାୟକ ମୁଖ୍ୟମନ୍ତ୍ରୀ, ରାଜସ ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଚିଠିରେ ଉଲ୍ଲେଖ ରହିଛି ଯେ, ଅଦିନିଆ ଲଘୁଚାପ ବର୍ଷା ଫସଲ ଉଜାଡିଦେବା ସହ ଚାଷ ଓ ଚାଷୀଙ୍କୁ ଅସ୍ତବ୍ୟସ୍ତ କରିଦେଇଛି। ଫଳରେ ଚାଷୀଙ୍କୁ ଅଭାବ ଅନଟନ ଓ ଋଣ ଶୁଝିବାର ଚିନ୍ତା ଘାରିଛି। ଏଭଳି ସ୍ଥିତିରେ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେଇ ପ୍ରଶାସନକୁ ସକ୍ରିୟ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସାହସ ଓ ଆତ୍ମ ବିଶ୍ୱାସ ଦିଅନ୍ତୁ। ଚାଷୀଙ୍କୁ ଅଧିକ ନିରୁତ୍ସାହିତ କରନ୍ତୁ ନାହିଁ। ମୁଖ୍ୟମନ୍ତ୍ରୀ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଚାଷ ଓ ଚାଷୀଙ୍କ ସମସ୍ୟାକୁ ଅପାତଃକାଳୀନ ସ୍ଥିତି ରୂପେ ମନେ କରି ଚାଷୀର ସମସ୍ତ ଋଣ ଛାଡ ସହ ବକେୟା ଋଣ ଆଦାୟକୁ ସ୍ଥଗିତ ରଖିବାକୁ ଚିଠିରେ ଦାବି ହୋଇଛି। ତତସହିତ ରବି ଚାଷ ନିମନ୍ତେ ତୁରନ୍ତ ଚାଷୀଙ୍କୁ ଚାଷ କିଟ୍ ଯୋଗାଇ ଦେବା ସହ ତତ୍କାଳ ଋଣ ପ୍ରଦାନ ନିମନ୍ତେ ବ୍ୟାଙ୍କ ଓ ପ୍ରାଥମିକ ସମବାୟ ସମିତିଗୁଡ଼ିକୁ ନିର୍ଦ୍ଦେଶ ଦିଅନ୍ତୁ। ଏଥିସହ ଫସଲ ବୀମା ରାଶି ଚାଷୀଙ୍କୁ ତୁରନ୍ତ ପ୍ରଦାନ, ଅତ୍ୟଧିକ କ୍ଷତିଗ୍ରସ୍ତ ପଞ୍ଚାୟତ, ବ୍ଲକ ଓ ଜିଲାକୁ ସମୀକ୍ଷା କରାଯାଇ ଆବଶ୍ୟକତା ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ଫେଡେରେସନ ପକ୍ଷରୁ ଦାବି ହୋଇଛି।

## ଶ୍ରୀହରିନଗର ମହିଳା ସଂଗଠନର ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୨୬ା୧୨(ସ୍ମୃତିରଞ୍ଜନମହାଲିକ)

ଆଙ୍କୁଲି ଶ୍ରୀହରିନଗର ମହିଳା ସଂଗଠନର ୨ୟ ବାର୍ଷିକ ଉତ୍ସବ ଶ୍ରୀହରି କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଂଯୋଜିକା ଅନିମା ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶୀ ଭୂଷଣ ରଥ ମହିଳା କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ସଂଗୀତା ବାବୁ ମୁଖ୍ୟ ଅତିଥି, ସମ୍ମାନନୀୟ ଅତିଥି ରୂପେ ଉତ୍କଳ ବାଳାଶ୍ରମର ପୂର୍ବତନ ସୁପରିନଟେଣ୍ଡେଣ୍ଟ ଲଳିତା ପଟ୍ଟନାୟକ ଯୋଗ ଦେଇଥିଲେ। ସମାଜ ସେବାକୁ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଅତିଥି କହିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ତୋଷିନୀ ଜେନା ଓ ପୂର୍ଣ୍ଣିମା ରଥଙ୍କ ସମେତ ସଂଘର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଶଶିଭୂଷଣ ରଥ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୨୬ା୧୨(ସ୍ମୃତି ରଂଜନ ମହାଲିକ)

ଶଶିଭୂଷଣ ରଥଙ୍କ ୧୪୧ ତମ ଜୟନ୍ତୀ ପାଳନ ନେଇ ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ଶଶି ଭୂଷଣ ରଥ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ସଭାଗୃହରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ତ୍ରିନାଥ ମହାରଣା ଅଧ୍ୟକ୍ଷତାରେ କରିଥିଲେ। ବୈଠକରେ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଶାନ୍ତନୁ କୁମାର ସୁନା, ଓଡ଼ିଆ ଭାଷା ଆନ୍ଦୋଳନର ସମ୍ପାଦକ ହରେକୃଷ୍ଣ ପଣ୍ଡା, ହିମାଂଶୁ କୁମାର ପଟ୍ଟନାୟକ, ପ୍ରମୋଦ କୁମାର ସାହୁ, ପଙ୍କଜ କୁମାର ନାୟକ ଓ ମହାବିଦ୍ୟାଳୟର ଛାତ୍ରୀ ଉପସ୍ଥିତ ଥିଲେ। ସମ୍ପାଦକ ଶଶିଭୂଷଣଙ୍କ ଓଡ଼ିଆ ଭାଷା ଓ ଓଡିଶା ପ୍ରତି ଅବଦାନ ଆଲୋଚନା କରି ଜୟନ୍ତୀ ସୁରୁଖୁରୁରେ ପାଳନ ପାଇଁ ସହଯୋଗ କାମନା କରିଥିଲେ। ଆସନ୍ତା ଜାନୁଆରୀ ୧ ତାରିଖ ମହାବିଦ୍ୟାଳୟରେ ଶଶିଭୂଷଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଉତ୍ସର୍ଗୀକୃତ ଜୀବନୀ ଆଲୋଚନା, ଶୋଭାଯାତ୍ରା ଓ ପୁରୁଣା ବସ ଷ୍ଟାଣ୍ଡ ନିକଟରେ ଥିବା ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।


ୟୁକୋ ବ୍ୟାଙ୍କ UCO BANK
(ଭାରତ ସରକାରଙ୍କ ଉପକ୍ରମ) (A Govt. of India Undertaking)
ସମ୍ମାନ ଆପଣଙ୍କ ବିଶ୍ୱାସର Honours Your Trust
ରିକଭରୀ (ଅସୁଲି) ବିଭାଗ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା,
ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ**

ୟୁକୋ ବ୍ୟାଙ୍କ, ରିୟଲ୍ ଇଷ୍ଟେଟ୍ ଏଜେଣ୍ଟ/ସମ୍ପତ୍ତି ବ୍ରୋକରମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଯୋଗ୍ୟ ବ୍ୟକ୍ତିବିଶେଷ/ସଂସ୍ଥା/ଏଜେନ୍ସି/ଏଲ୍‌ଏଲ୍‌ପି/ କମ୍ପାନୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ୟୁକୋ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ ଠାରେ ଦରଖାସ୍ତ ତା.୩୧.୧୨.୨୦୨୪ ରିଖ ଅପରାହ୍ଣ ୫.୦୦ ଘଟିକା ସୁଦ୍ଧା ଦାଖଲ କରିପାରିବେ। ଯୋଗ୍ୟତା ଓ ଅନ୍ୟାନ୍ୟ ବିବରଣୀ ନିମନ୍ତେ ଆମର ନିକଟତମ ଶାଖା/କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା zobbsr.rec@ucobank.co.inକୁ ମେଲ୍ କରନ୍ତୁ।
ଆଞ୍ଚଳିକ ପ୍ରବନ୍ଧକ
ତାରିଖ: ୨୬.୧୨.୨୦୨୪ ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର



**ZILLA PARISHAD, BALANGIR**
No. 388/ORMAS Date: 24.12.2024
Ph. No. : 06652 (235916)
**SHORT TENDER CALL NOTICE**
No.CAD-1995 : Zilla Parishad, Balangir on behalf of PR & DW Deptt., Govt. of Odisha invite proposal with certain terms & conditions from reputed & registered Tent Houses / agencies / event management having GSTIN no. may apply for the Tentage & Allied and other works for the ORMAS Pallishree Mela to be organized at Koshal Kalamandal Ground, Balangir from 20.01.2025 to 24.01.2025 during Lok Mahotsav, Balangir. The tender papers alongwith details documents, terms & conditions, criteria, format etc. for Tentage & allied and other works will be available for purchase from 26th December 2024 to 4th January 2025 during Official day of Office hour in the Accounts Section of ORMAS, Balangir on payment of Rs.6,000.00 (Rupees six thousand) only or can be downloaded from District portal https://balangir.odisha.gov.in. In case the tender paper is downloaded from the Govt. website, the applicant shall furnish a Demand Draft for an amount of Rs.6,000.00 (Rupees six thousand) only in favour of Joint CEO, ORMAS, Balangir towards the cost of tender paper. The sealed tenders will be received latest up to 4.00 PM on 04.01.2025 at Office of Zilla Parishad, Balangir in the tender box. The tenders will be opened in the Office of Zilla Parishad, Balangir on 04.01.2025 at 5.00 PM in the presence of the tenderers or their authorized representatives. The undersigned reserves the right to accept or reject any or all the tenders without assigning any reason thereof.
Sd./- CDO-cum-EO,
OIPR-19248/11/0003/2425 Zilla Parishad, Balangir



**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCTEECOR BBS202406, ତା.20.12.2024ରିଖ
**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍, ସମ୍ବଲପୁର ଏବଂ ୱାଲ୍ଟିୟର ମଣ୍ଡଳରେ ବହିଃସ୍ରୋତ କରିଆରେ ଯାତାୟତ ସ୍ଥିତି ଅଧୀନରେ ଆବଶ୍ୟକ ଭିତ୍ତିକ ଅବଧାରଣା ପଦ୍ଧତି ଦ୍ୱାରା ରେଲ୍ ଏବଂ ୱେଲ୍ଡସ୍ (ରେଲସ ନିମନ୍ତେ 9 ଚ୍ୟାନେଲ ସହିତ ସୁସଜ୍ଜିତ B-ସ୍କାନ ଡିଜିଟାଲ ଅଲ୍ଟ୍ରାସୋନିକ୍ ଫ୍ଲ ଡିଟେକ୍ଟର ଏବଂ ୱେଲ୍ଡସ୍ ନିମନ୍ତେ A ସ୍କାନ ଡିଜିଟାଲ ଅଲ୍ଟ୍ରାସୋନିକ୍ ଫ୍ଲ ଡିଟେକ୍ଟର)ର ଅଲ୍ଟ୍ରାସୋନିକ୍ ପରୀକ୍ଷଣ ତଥା ତାହାକୁ ଠିକାଦାରଙ୍କ ନିଜସ୍ୱ B- ସ୍କାନ୍ 9 ଚ୍ୟାନେଲ ଏବଂ A- ସ୍କାନ୍ ମେସିନ୍ ତଥା ଅପରେଟରଙ୍କ ଦ୍ୱାରା ସଦ୍ୟତମ ସଂଶୋଧନ ସ୍ଲିପ୍ ପଢ଼ିବା ସହିତ ରେଲ୍ ଏବଂ ୱେଲ୍ଡ (ସଂଶୋଧିତ-2022)ର ଅଲ୍ଟ୍ରାସୋନିକ୍ ପରୀକ୍ଷଣ ନିମନ୍ତେ ମାନୁଆଲ ଏବଂ ବହିଃସ୍ରୋତରେ ରେଲ୍ ଏବଂ ୱେଲ୍ଡଗୁଡ଼ିକର USFD ପରୀକ୍ଷଣର ସଦ୍ୟତମ ସଂଶୋଧନ ସ୍ଲିପ୍ ଏବଂ ବ୍ୟାପକ ନିର୍ଦ୍ଦେଶାବଳୀ ପଢ଼ିବା ସହିତ ରେଲ୍ ଏବଂ ୱେଲ୍ଡ (ସଂଶୋଧିତ-2020)ର ଅଲ୍ଟ୍ରାସୋନିକ୍ ପରୀକ୍ଷଣ ନିମନ୍ତେ ଭାରତୀୟ ରେଳବାଇ ମାନକ ବିନିର୍ଦ୍ଦେଶ (Standard Specification) ଅନୁଯାୟୀ ସେଗୁଡ଼ିକର ବିବରଣୀ (Reporting) ପ୍ରଦାନ କରିବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 7,74,26,163.78, EMD(ଟଙ୍କାରେ): 5,37,100/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.01.2025 ରିଖ 1600 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନାଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ଉପ ମୁଖ୍ୟ ଯନ୍ତ୍ରୀ/ଟ୍ରାକ୍/ ଭୁବନେଶ୍ୱର
PR-833/P/24-25


## ଏମ୍‌କେସିଜି କିରାଣିଙ୍କୁ ଗୋଡ଼ାଇ ହାଣିଲେ

ବ୍ରହ୍ମପୁର,୨୬ା୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲର ବରିଷ୍ଠ କିରାଣି କୈଳାସ ସାହୁଙ୍କୁ ଗୁରୁବାର ରାତିରେ କେତେ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଖୋଡାସିଂ ଏଲ୍‌ଆଇସି କାର୍ଯ୍ୟାଳୟ ନିକଟ ରାସ୍ତାରେ ଏହି ଘଟଣା ଘଟିଛି। ଗୁରୁତର କୈଳାସଙ୍କୁ ଚିକିତ୍ସା ପାଇଁ ଏମ୍‌କେସିଜିର କାଜୁଆଲିଟିରେ ଭର୍ତ୍ତି କରାଯାଇ ପରେ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଡାହାଣ ଗୋଡ ଓ ବାମ କହୁଣିରେ ଏକାଧିକ ଖଣ୍ଡା ଚୋଟ ବାଜିଛି। ବୈଦ୍ୟନାଥପୁର ଥାନା ପୋଲିସ ଏମ୍‌କେସିଜି ଓ ପରେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବ୍ୟକ୍ତିଗତ ଶତ୍ରୁତାକୁ କେନ୍ଦ୍ରକରି ଏପରି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ଏମକେସିଜି ମେଡିକାଲର ରେକର୍ଡ ବିଭାଗରେ କାର୍ଯ୍ୟ କରୁଥିବା କୈଳାସ ନିଜ ଡ୍ୟୁଟି ସାରି ବାଇକ୍ ଯୋଗେ ଏଲ୍‌ଆଇସି କାର୍ଯ୍ୟାଳୟ ନିକଟରେ ସେ ରହୁଥିବା ଘରକୁ ଫେରୁଥିଲେ। ସେ ଏଲ୍‌ଆଇସି କାର୍ଯ୍ୟାଳୟ ରାସ୍ତା ଦେଇ ଯାଉଥିବା ବେଳେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇ ଅତର୍କିତ ଆକ୍ରମଣ କରିଥିଲେ। କୈଳାସ ତଳେ ପଡିଯିବା ପରେ ଦୁର୍ବୃତ୍ତମାନେ ଖଣ୍ଡା ଓ ଧାରୁଆ ଅସ୍ତ୍ରରେ ତାଙ୍କ ଗୋଡ ଓ ହାତକୁ ହାଣି ଦେଇ ଫେରାର ହୋଇଯାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କୁ କେଉଁ କାରଣରୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଛନ୍ତି ତାହା ଜଣାପଡିନାହିଁ। ପୋଲିସ ଆକ୍ରମଣ ସ୍ଥଳର ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଜାରି ରଖିଛି।

## ବିଜେଡିର ପ୍ରତିଷ୍ଠା ଦିବସ ପାଳିତ



ବ୍ରହ୍ମପୁର,୨୬ା୧୨(ନରସିଂହ ସାହୁ)–ବିଜେଡିର ପ୍ରତିଷ୍ଠା ଦିବସ ଗଞ୍ଜାମ ଜିଲା ସଂଗଠନ ପକ୍ଷରୁ ଗୁରୁବାର ବ୍ରହ୍ମପୁରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ନେତା ଓ କର୍ମୀମାନେ ସହରର ଦେଶୀ ବେହେରା ବଜାର, ଆସିକା ରୋଡସ୍ଥ ତାଲୁକା ଛକ ଓ କର୍ପୋରେସନ ରୋଡର ବିଜୁ ପଟ୍ଟନାୟକ ପାର୍କ ପରିସରରେ ସ୍ଥାପିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହସ୍ପିଟାଲରେ ରୋଗୀଙ୍କୁ ଫଳ ଓ ଅନ୍ୟ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ଜୁବୁଲି ଟାଉନ ହଲରେ ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ହୋଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ଼ିଙ୍କ ସମେତ ଭୃଗୁ ବକ୍ସିପାତ୍ର, ମହିଳା ବିଜେଡି ଜୋନ ସଭାନେତ୍ରୀ ମମତା ବିଶୋଇ, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ମହାନଗର ମହିଳା ସଂଗଠନ ସଭାନେତ୍ରୀ ସୋନାଲି ଗନ୍ତାୟତଙ୍କ ସମେତ ଅନ୍ୟମାନେ ଏବଂ ଅର୍ବାନ ବ୍ୟାଙ୍କ ସଭାପତି ଆର. ମୂରଲି ମୋହନ ପ୍ରମୁଖ ମଞ୍ଚାସୀନ ଥିଲେ। ଅଢ଼େଇ ମାସର ବିବାଦ ପରେ ଦଳର ପ୍ରତିଷ୍ଠା ଦିବସରେ ବିଏମସିର ବିଜେଡି କର୍ପୋରେଟରମାନେ ସମସ୍ତ କାର୍ଯ୍ୟକ୍ରମରେ ଏକାଠି ହୋଇଥିଲେ। ଚନ୍ଦ୍ରଶେଖର ଓ ବିକ୍ରମଙ୍କ ସମେତ ଅନ୍ୟମାନେ ବିଜେଡିର ଦୀର୍ଘ ୨୭ ବର୍ଷର ଆଞ୍ଚଳିକ ରାଜନୈତିକ ଦଳ ଜାତୀୟ ସ୍ତରରେ କିଭଳି ସୁନାମ ଆଣିଛି ସେନେଇ ତର୍ଜମା କରିଥିଲେ। ଏହାର ସଭାପତି ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱରେ ୨୪ ବର୍ଷ ଧରି ଶାସନ କରି ରାଜ୍ୟବାସୀଙ୍କ ସମୂହ ସ୍ୱାର୍ଥରେ କାର୍ଯ୍ୟ କରିଛି ସେ ସମ୍ପର୍କରେ ବଖାଣିଥିଲେ। ନବୀନଙ୍କ ନେତୃତ୍ୱରେ ପୁଣି ଆଗାମୀ ଦିନରେ ଶାସନକୁ ଫେରିବାର ଗଭୀର ଆଶା ପ୍ରକଟ କରାଯାଇଥିଲା।


**GOVERNMENT OF ODISHA** No.O-989
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E.Mail - rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-SERKL-28 of 2024-25**
1. Name of the work : Road Work 2. Total No. of works : 01 (One) No. 3. Estimated cost : Rs. 55.93 Lakhs
4. Class of contractor : "B" Class 5. Period of completion : 03 (Three) Calendar Months
6. Type of Tender : Double Cover 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division-II, Sundargarh | Online-SERKL-28 of 2024-25 | 26.12.2024 from 10.00 A.M. | 03.01.2025 upto 5.00 P.M. |

Further details can be seen from the website www.tendersorissa.gov.in.
Sd./- Additional Chief Engineer
OIPR-25193/11/0045/2425 RW Division-II, Sundargarh



**GOVERNMENT OF ODISHA** No.O-936
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
**INVITATION FOR BIDS**
**NATIONAL COMPETITIVE BIDDING**
**Bid Identification No. : RWDSE_MKG_II_ONLINE_12/2024-25**
The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.
1. Name of the Work : Road works 2. No. of Works : 01 No. 3. Estimated Cost : Rs. 67.23 lakhs 4. Tender Paper Cost : Rs. 10,000/- 5. Class of Contractor :

| Estimated cost up to Rs. 20.00 lakhs | Estimated cost up to Rs. 40.00 lakhs | Estimated cost more than Rs. 20.00 lakhs & within Rs. 300.00 lakhs |
|---|---|---|
| 'D' | 'C' | 'B' |

6. Period of Completion : 01 (One) calendar months
7. Critical dates :

| Procurement Officer | Bid Identification No. | Availability of Tender Online for Bidding | | Last Date & Time of Seeking tender Clarification | Date of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_12 of 2024-25 | 27.12.2024 at 11.00 A.M. | 07.01.2025 up to 05.30 P.M. | 06.01.2025 up to 3.00 P.M. | 08.01.2025 at 11.00 A.M. | To be intimated Separately |

* Further details can be seen in the bidding documents, which is available in the e-procurement portal https://www.tendersorissa.gov.in.
* Subsequent corrigendum if required shall be appeared in the website.
* Authority reserves the right to reject any or all tenders without assigning any reason thereof.
Sd./- Superintending Engineer
OIPR-25079/11/0014/2425 Rural Works Division-II, Malkangiri

# ପ୍ରକୃତିର ପ୍ରକୋପ

ଜଳବାୟୁ ପରିବର୍ତ୍ତନ ଜନିତ ବିପର୍ଯ୍ୟୟକୁ ଗତ ପ୍ରାୟ ଦୁଇ ଦଶନ୍ଧି ହେଲା ସମଗ୍ର ବିଶ୍ୱବାସୀ ଭୋଗି ଆସୁଛନ୍ତି। ୨୦୨୪ ବର୍ଷରେ ମଧ ପ୍ରକୃତିର ପ୍ରକୋପକୁ ସାରା ଦୁନିଆରେ ଦେଖିବାକୁ ମିଳିଛି। ବିଶେଷକରି ବାତ୍ୟା-ବନ୍ୟା-ଭୂସ୍ଖଳନ ବ୍ୟାପକ ଧନଜୀବନ କ୍ଷତି ଘଟାଇଛି। କେରଳ ୱାୟନାଡ୍‌ରେ ଭୂସ୍ଖଳନ ହେଉ କି ଦକ୍ଷିଣ-ପୂର୍ବ ଏସୀୟ ୮ ଦେଶରେ ବାତ୍ୟା 'ୟାଗି'ର କୋପ, ସବୁଠି ଦେଖାଯାଇଛି ଦୁର୍ଦ୍ଦଶା ଓ ଧ୍ୱଂସର ଚିତ୍ର । କେବଳ ଜୀବନ ଯାଇନି, ବିସ୍ଥାପନ ଓ ବିପୁଳ ଆର୍ଥିକ କ୍ଷତି ବଡ଼ ସମସ୍ୟା ଭାବେ ଉଭା ହୋଇଛି।



## ୱାୟନାଡ୍‌ରେ ଭୂସ୍ଖଳନ: ୪୨୦ ମୃତ

କେରଳର ୱାୟନାଡ୍ ଜିଲାରେ ପ୍ରବଳ ବର୍ଷା ଯୋଗୁ ଜୁଲାଇ ୨୯ ତାରିଖ ରାତି ୨ଟା ୧୭ ଏବଂ ୩୦ ତାରିଖ ଭୋର ୪ଟା ୩୦ ମିନିଟ୍‌ରେ ଭୟାବହ ଭୂସ୍ଖଳନ ଘଟିଥିଲା । ମାଟିଅତଡ଼ା ଧସିବା ପରେ କାଦୁଆ ପାଣି ମାଡ଼ିଆସିବାରୁ ମୁଣ୍ଡାକାଇ ସହର ସମ୍ପୂର୍ଣ୍ଣ ଭାସିଯାଇଥିବାବେଳେ ଚୂରାଲମାଳା, ଆତ୍ତାମାଲ, ପଞ୍ଚିରିମାଟମ, ଭେଲାରିମାଲା ଏବଂ ନୂଲପୁଝା ଗ୍ରାମ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା । ଭୂସ୍ଖଳନ ଯୋଗୁ କେତେକ ଜଳଉତ୍ସର ଗତିପଥ ପରିବର୍ତ୍ତନ ହୋଇ ଜନବସତିକୁ ମାଡ଼ିଆସିଥିଲା । ୧୫୫୦ରୁ ଊର୍ଦ୍ଧ୍ୱ ଆବାସିକ ଘର ଓ ଅନ୍ୟ କୋଠା ଭାସିଯିବା ସହ ଶତାଧିକ ଲୋକ ମାଟି ଅତଡ଼ା ତଳେ ପୋଡ଼ି ହୋଇଯାଇଥିଲେ । ଫଳରେ ୨୪୦ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୯୭ଜଣ ଆହତ ହୋଇଥିଲେ । ଅନେକ ଲୋକ ଜଳସ୍ରୋତରେ ଭାସିଯାଇଥିଲେ । ସେଥିମଧ୍ୟରୁ ୨୦୦ ମୃତଦେହ ଓ ଅଙ୍ଗପ୍ରତ୍ୟଙ୍ଗ ଚାଲିୟାର ନଦୀରୁ ମିଳିଥିଲା । ଅଦ୍ୟାବଧି ୧୧୮ ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳିନାହିଁ। ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସଚ୍ୟୁତ ହୋଇଥିବାବେଳେ ପ୍ରାଥମିକ ଆକଳନ ଅନୁଯାୟୀ ୧୨୦୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ତେବେ ମୃତକଙ୍କ ମଧ୍ୟରେ ଥିଲେ ଓଡ଼ିଆ ଡାକ୍ତର ବିଷ୍ଣୁ ପ୍ରସାଦ ଚିନାରା। ବିଷ୍ଣୁପ୍ରସାଦଙ୍କ ବନ୍ଧୁ ଡାକ୍ତର ସ୍ୱାଧୀନ ପଣ୍ଡା ନିଖୋଜ ଅଛନ୍ତି। ଭାରତୀୟ ସାଟେଲାଇଟ୍‌ର ହାଇରିଜୋଲ୍ୟୁଶନ ଫଟୋରୁ ୱାୟନାଡ୍ ଭୂସ୍ଖଳନର ବ୍ୟାପକ ଧ୍ୱଂସଲୀଳା ସାମନାକୁ ଆସିଥିଲା । ପ୍ରାୟ ୮୬,୦୦୦ ବର୍ଗମିଟର ଜମି ଧସିଯାଇଥିବାବେଳେ ଇରୁବାଇଫୁଝା ନଦୀର ଉଭୟ ପାର୍ଶ୍ୱରେ ୮ କିଲୋମିଟର ପର୍ଯ୍ୟନ୍ତ ମାଟି, ପଥର ଓ ଭଗ୍ନାବଶେଷ ମାଡ଼ିଯାଇଥିବା ଭୂସ୍ଖଳନର ପୂର୍ବ ଓ ପରବର୍ତ୍ତୀ ସାଟେଲାଇଟ୍ ଇମେଜ୍‌ରୁ ଜଣାପଡ଼ିଥିଲା ।

## ବାତ୍ୟା 'ୟାଗି' ୮୪୪ ମୃତ

ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଦକ୍ଷିଣ-ପୂର୍ବ ଏସିଆ ଏବଂ ଦକ୍ଷିଣ ଚାଇନାରେ ଦେଖିବାକୁ ମିଳିଥିଲା ବାତ୍ୟା 'ୟାଗି'ର ପ୍ରକୋପ । ସେପ୍ଟେମ୍ବର ୨ରେ ଏହା ଫିଲିପାଇନ୍ସର କାସିଗୁରାନରେ ସ୍ଥଳଭାଗ ଛୁଇଁଥିବା ବାତ୍ୟା ୟାଗି ସେହିମାସ ୯ ତାରିଖ ଯାଏ ଭିଏତ୍‌ନାମ, ହଂକଂ, ମକାଓ, ଦକ୍ଷିଣ ଚାଇନା, ଲାଓସ୍, ଥାଇଲାଣ୍ଡ, ମ୍ୟାନ୍‌ମାରର ଅନେକ ଅଞ୍ଚଳରେ ବ୍ୟାପକ କ୍ଷତିକ୍ଷତି ଘଟାଇଥିଲା । ପ୍ରବଳ ବର୍ଷା ଓ ପବନ ଯୋଗୁ ଏହି ସବୁ ଦେଶରେ ମୋଟ ୮୪୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨,୨୭୯ଜଣ ଆହତ ହୋଇଥିଲେ। ଅଦ୍ୟାବଧି ୧୨୯ଜଣ ନିଖୋଜ ରହିଛନ୍ତି। ମ୍ୟାନ୍‌ମାରରେ ବର୍ଷା, ବନ୍ୟା ଓ ଭୂସ୍ଖଳନ ଘଟି ୪୩୩ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ଭିଏତ୍‌ନାମରେ ୩୨୫, ଥାଇଲାଣ୍ଡରେ ୫୨, ଫିଲିପାଇନ୍ସରେ ୨୧ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଝଡ଼ ଅନେକ ଗଛ, ବିଦ୍ୟୁତ୍ ଖୁଣ୍ଟ, ଘର ନଷ୍ଟ କରିଥିବାବେଳେ ୧୬.୬ ବିଲିୟନ ଡଲାରର କ୍ଷତି ଘଟିଛି।

## 'ଦାନା'ର ପ୍ରକୋପ

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା 'ଦାନା' ଅକ୍ଟୋବର ୨୪ ତାରିଖ ରାତି ପ୍ରାୟ ୧୨ଟାରେ କେନ୍ଦ୍ରାପଡ଼ା ଜିଲାର ଭିତରକନିକାରେ ସ୍ଥଳଭାଗ ଛୁଇଁଥିଲା । ତେବେ ଭିତରକନିକାର ହେନ୍ତାଳବଣ ଯୋଗୁ ବାତ୍ୟା ବିଶେଷ କ୍ଷତି ଘଟାଇପାରି ନ ଥିଲା । କିନ୍ତୁ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ ଓ କେନ୍ଦୁଝର ଜିଲାରେ ଲଗାଣ ବର୍ଷା ହୋଇଥିଲା । ଏଥିଯୋଗୁ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଥିଲା । ବାଲେଶ୍ୱର ଜିଲା ନୀଳଗିରିରେ ଏକ ଅସ୍ଥାୟୀ ପୋଲ ଭାଙ୍ଗିଯିବାରୁ ୧୦ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଥିଲା । ପଶ୍ଚିମବଙ୍ଗରେ ବର୍ଷା ପ୍ରକୋପ ଦେଖିବାକୁ ମିଳିଥିଲା ।

ୟାଗି ପ୍ରଭାବରେ ଫିଲିପାଇନ୍ସରେ ବନ୍ୟା



## ଫିଲିପାଇନ୍ସ ବାତ୍ୟାରେ ୧୬୨ ମୃତ

ଉତ୍ତର-ପଶ୍ଚିମ ଫିଲିପାଇନ୍ସରେ ବାତ୍ୟା 'ଟ୍ରାମି' ଅକ୍ଟୋବର ୧୯ ତାରିଖରେ ତାଣ୍ଡବ ରଚିଥିଲା । ବତ୍ୟାଜନିତ ପ୍ରବଳ ବର୍ଷା ଯୋଗୁ ବନ୍ୟା ଆସିବା ସହ ଭୂସ୍ଖଳନ ହୋଇ ୧୬୨ ଜଣଙ୍କ ମୃତ୍ୟୁ ଘଟିଥିଲା । ଚଳିତ ବର୍ଷ ଫିଲିପାଇନ୍ସରେ ଏହା ଥିଲା ୧୧ତମ ଏବଂ ସବୁଠୁ ଘାତକ ବାତ୍ୟା । ମାନିଲାର ଦକ୍ଷିଣ ଭାଗରେ ଥିବା ବାଟାଙ୍ଗସ୍ ପ୍ରଦେଶରେ ଟ୍ରାମି ପ୍ରଭାବରେ ଭୂସ୍ଖଳନ ଘଟିବାରୁ ୪୯ ଜଣଙ୍କ ଜୀବନ ଯାଇଥିଲା । ବାଟାଙ୍ଗସ୍‌ରେ ଅନ୍ୟ ୨୨ ଜଣ ନିଖୋଜ ଅଛନ୍ତି।

## ବାତ୍ୟା ରେମାଲରେ ୨୧ ମୃତ

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ରେମାଲ ମେ ୨୬ ତାରିଖ ରାତିରେ କୋଲ୍‌କାତା ନିକଟରେ ସ୍ଥଳଭାଗ ଛୁଇଁଥିଲା । ବାତ୍ୟା ପଶ୍ଚିମବଙ୍ଗ ଏବଂ ବାଂଲାଦେଶରେ ତାଣ୍ଡବ ରଚିଥିଲା । କାନ୍ଥ ଓ ଗଛଡାଳ ପଡ଼ି ପଶ୍ଚିମବଙ୍ଗରେ ୨ ଏବଂ ବାଂଲାଦେଶରେ ୭ ଜଣଙ୍କ ମୃତ୍ୟୁ ଘଟିଥିଲା । ପଶ୍ଚିମବଙ୍ଗରେ ୧୫ ହଜାରରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ବହୁ ଲୋକ ପ୍ରଭାବିତ ହୋଇଥିଲେ । ସେହିପରି ବାତ୍ୟା ପ୍ରଭାବରେ ୨୬ ତାରିଖ ଦିନବେଳା ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ କଟକ ଜିଲାରେ ତୁହାକୁ ତୁହା ବର୍ଷା ହୋଇଥିଲା । ହେଲେ ବର୍ଷାର ପ୍ରକୋପ ଓଡ଼ିଶାଠାରୁ ବହୁ ଅଧିକ ତେଲଙ୍ଗାନାରେ ଦେଖିବାକୁ ମିଳିଥିଲା । ତେଲଙ୍ଗାନାର ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଏବଂ ବଜ୍ରପାତ ଘଟି ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା । ସେଥିମଧ୍ୟରୁ କେବଳ ନଗରକୁର୍‌ନୁଲରେ ୭ ଜଣଙ୍କ ଜୀବନ ଯାଇଥିଲା ।

## ଦିଲ୍ଲୀରେ ୮୮ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ଏୟାରପୋର୍ଟ ଛାତ ଭୁଶୁଡ଼ି ଜଣେ ମୃତ, ୬ ଆହତ**

ଦିଲ୍ଲୀରେ ଜୁନ୍ ୨୭ରୁ ୨୮ ତାରିଖ ୨୪ ଘଣ୍ଟାରେ ହୋଇଥିବା ବର୍ଷା ୮୮ ବର୍ଷର ରେକର୍ଡ ଭାଙ୍ଗିଥିଲା । ଗୋଟିଏ ଦିନରେ ୨୨୮.୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା । ସେଥିମଧ୍ୟରୁ ୩ ଘଣ୍ଟା ମଧ୍ୟରେ ୧୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଥିଲା । ଫଳରେ ଜାତୀୟ ରାଜଧାନୀର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଥିଲା । ପ୍ରବଳ ବର୍ଷା ଯୋଗୁ ଦିଲ୍ଲୀ ବିମାନବନ୍ଦରର ଟର୍ମିନାଲ-୧ରେ ଥିବା ଏକ ଶେଡ୍‌ର ଛାତ ଭୁଶୁଡ଼ି ଜଣେ କ୍ୟାବ୍ ଡ୍ରାଇଭର ପ୍ରାଣ ହରାଇଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଥିଲେ । ଏହା ପୂର୍ବରୁ ୧୯୩୬ ଜୁନ୍‌ରେ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ସର୍ବାଧିକ ୨୩୫.୫ ମିଲିମିଟର ବର୍ଷା ହୋଇଥିଲାବେଳେ ୮୮ ବର୍ଷ ମଧ୍ୟରେ ଏଭଳି ବର୍ଷା ଦେଖାଯାଇ ନ ଥିଲା ।

## କୋଚିଂ ସେଣ୍ଟରରେ ବର୍ଷାପାଣି: ୩ ମୃତ

ପଶ୍ଚିମ ଦିଲ୍ଲୀର ରାଜେନ୍ଦ୍ରନଗରରେ ଥିବା ଲୋକପ୍ରିୟ କୋଚିଂ ସେଣ୍ଟର 'ରାଉସ୍ ଆଇଏଏସ୍ ଷ୍ଟଡି ସର୍କଲ'ର ଭୂତଳ ମହଲାରେ ଜୁଲାଇ ୨୭ ତାରିଖ ସନ୍ଧ୍ୟାରେ ପ୍ରବଳ ବର୍ଷାଜନିତ ନର୍ଦ୍ଦମା ପାଣି ହଠାତ୍ ପଶିଯିବାରୁ ୨ ଛାତ୍ରୀ ଓ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା । ଉକ୍ତ କୋଚିଂ ସେଣ୍ଟରରେ ୩୦ ଜଣ ପିଲା ରହୁଥିଲେ । ପ୍ରବଳ ବର୍ଷା ଯୋଗୁ କୋଚିଂ ସେଣ୍ଟରର ଭୂତଳ ଘର ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା । ୨ଜଣ ଛାତ୍ରୀ ଓ ଜଣେ ଛାତ୍ର ଭୂତଳ ଘରୁ ବାହାରି ନ ପାରି ପ୍ରାଣ ହରାଇଥିଲେ ।



## ମୁମ୍ବାଇରେ ଧୂଳିଝଡ଼: ୧୮ ମୃତ

ମୁମ୍ବାଇରେ ମେ' ୧୩ ତାରିଖ ଅପରାହ୍ନରେ ଭୟାବହ ଧୂଳିଝଡ଼ରେ ଦେଖିବାକୁ ମିଳିଥିଲା । ଧୂଳିଝଡ଼ରେ ଘାଟକୋପର ଅଞ୍ଚଳରେ ଏକ ପେଟ୍ରୋଲ ପମ୍ପ୍ ନିକଟରେ ଲାଗିଥିବା ୧୦୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ବିଲ୍‌ବୋର୍ଡ ଭୁଶୁଡ଼ି ପଡ଼ିବାରୁ ୧୭ ଜଣଙ୍କ ମୃତ୍ୟୁ ଘଟିବା ସହ ୭୫ ଜଣ ଆହତ ହୋଇଥିଲେ । ବିଲ୍‌ବୋର୍ଡଟି ପେଟ୍ରୋଲ ପମ୍ପର ମଧ୍ୟଭାଗରେ ଖସିପଡ଼ିବାରୁ ବହୁ ଲୋକ ଏହା ତଳେ ଚାପିହୋଇ ଯାଇଥିଲେ । ବିଲ୍‌ବୋର୍ଡର ଧାତବ ଫ୍ରେମ୍ ସେଠାରେ ଥିବା କେତେକ କାର୍‌ର ଛାତକୁ କ୍ଷତିଗ୍ରସ୍ତ କରିଥିଲା । ସେହିପରି ବାନ୍ଦ୍ରାରେ ଗଛଡାଳ ପଡ଼ି ଜଣେ ପ୍ରାଣ ହରାଇଥିଲେ ।



## ୟୁଏଇ ଜଳପ୍ରଳୟ

ମରୁଭୂମି ପାଇଁ ପରିଚିତ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଏପ୍ରିଲ ୧୬ରେ ଘଟିଥିଲା ଜଳପ୍ରଳୟ। ଆଶ୍ଚର୍ଯ୍ୟଜନକ ଭାବେ ୟୁଏଇର ଅଲ୍ ଆଇନ୍ ସହରରେ ୨୪ ଘଣ୍ଟା ମଧ୍ୟରେ ୨୫୪ ମିଲିମିଟର ବର୍ଷା ହୋଇଥିଲା । ଦେଶର ଇତିହାସରେ ଏହା ଥିଲା ସର୍ବାଧିକ ବୃଷ୍ଟିପାତ । ଏହି ଲଗାଣ ବର୍ଷା ଯୋଗୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଘରଦ୍ୱାର ଓ ବ୍ୟବସାୟିକ ପ୍ରତିଷ୍ଠାନର ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଅନୁରୂପ ଭାବେ ପଡ଼ୋଶୀ ଦେଶ ଓମାନରେ ମଧ୍ୟ ଲଗାତର ୩ ଦିନ ଧରି ବର୍ଷା ଜାରି ରହିଥିଲା । ବର୍ଷାବିପ୍ୱାତ ଯୋଗୁ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ୧୯ଜଣଙ୍କ ମୃତ୍ୟୁ ଘଟିଥିଲା । ଆରବ ଉପସାଗରୀୟ ଦେଶଗୁଡ଼ିକରେ ଏଭଳି ବର୍ଷା ବିରଳ ବୋଲି ପାଣିପାଗ ବିଜ୍ଞାନୀମାନେ ମତ ଦେଇଥିଲେ ।




## ବ୍ରାଜିଲ ବନ୍ୟା ୧୮୧ ଜୀବନହାନି

ମେ' ପ୍ରଥମ ସପ୍ତାହରେ ବ୍ରାଜିଲର ରିଓ ଗ୍ରାଣ୍ଡେ ଡୋ ସୁଲ୍ ରାଜ୍ୟରେ ପ୍ରବଳ ବର୍ଷାଜନିତ ବନ୍ୟା ଯୋଗୁ ୧୮୧ ଜଣଙ୍କ ମୃତ୍ୟୁ ଘଟିଥିଲା । ସପ୍ତାହେ ଧରି ବର୍ଷା ଲାଗିରହିବା ଯୋଗୁ ବ୍ରାଜିଲର ଦକ୍ଷିଣ ଭାଗରେ ଥିବା ଏହି ରାଜ୍ୟର ବହୁ ସହର ବନ୍ୟାପାଣି ଘେରରେ ରହିଥିଲା । ଏଥିରେ ୫,୮୦,୦୦୦ ଲୋକ ବିସ୍ଥାପିତ ହେବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି।

## ଆଫଗାନିସ୍ତାନରେ ବନ୍ୟା: ୩୦୦ ମୃତ

ଉତ୍ତର ଆଫଗାନିସ୍ତାନରେ ପ୍ରବଳ ବର୍ଷା ଯୋଗୁ ଅଚାନକ ବନ୍ୟା ମାଡ଼ିଆସି ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ବହୁ ହଜାର ଘର ଭାଙ୍ଗିଯାଇଥିଲା । ମେ ୧୦ ତାରିଖରୁ ପ୍ରବଳ ବର୍ଷା ଲାଗିରହିଥିଲା । ଏଥିଯୋଗୁ ବନ୍ୟା ସୃଷ୍ଟି ହୋଇ ବାଗଲାନ୍ ପ୍ରଦେଶକୁ କ୍ଷତିଗ୍ରସ୍ତ କରିଥିଲା । ସେହିପରି ସମଙ୍ଗନ ପ୍ରଦେଶର ଫିରୋଜ ନଖଚିର ଜିଲାରେ ପ୍ରବଳ ବର୍ଷା ଯୋଗୁ ଅନେକ ଅଞ୍ଚଳ ବନ୍ୟାପାଣି ଘେରରେ ରହିଥିଲା । ବନ୍ୟାରେ ବଦଖସ୍ତାନ, ବାଗଲାନ, ଘୋର ଏବଂ ହେରାତ ପ୍ରଦେଶ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା ।

## ସ୍ପେନ୍ ବନ୍ୟା: ୨୩୧ ମୃତ

ପ୍ରବଳ ବର୍ଷା ଯୋଗୁ ସ୍ପେନ୍‌ରେ ଅକ୍ଟୋବର ୨୯ରୁ ନଭେମ୍ବର ୧୬ ଯାଏ ପ୍ରଳୟଙ୍କରୀ ବନ୍ୟା ଦେଖିବାକୁ ମିଳିଥିଲା । ଏଥିରେ ୨୩୧ଜଣଙ୍କର ମୃତ୍ୟୁ ଘଟିଥିଲା । ସ୍ପେନ୍‌ରେ ବହୁ ଦଶନ୍ଧି ମଧ୍ୟରେ ଏହା ସବୁଠୁ ଘାତକ ବନ୍ୟା ବୋଲି କୁହାଯାଉଛି । ପ୍ରବଳ ବର୍ଷା ଯୋଗୁ କାଦୁଅ, ପାଣି ମାଡ଼ିଆସି କେତେକ ସହର ଜଳାର୍ଣ୍ଣବ ହୋଇଯାଇଥିଲା । ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା ଭାଲେନ୍‌ସିଆ ଅଞ୍ଚଳ । କାଷ୍ଟିଲା ଲା ମାଞ୍ଚା ଏବଂ ଅଣ୍ଡଲୁସିଆ ଅଞ୍ଚଳ ମଧ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି।

## ଭୂକମ୍ପରେ ଥରିଥିଲା ତାଇୱାନ୍

ଏପ୍ରିଲ ୩ ତାରିଖରେ ଶକ୍ତିଶାଳୀ ଭୂକମ୍ପରେ ଥରିଥିଲା ତାଇୱାନ । ହୁଲିଏନ ସହରଠାରୁ ୧୮ କିଲୋମିଟର ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୭.୪ । ବିଭିନ୍ନ ସ୍ଥାନରେ ବଡ଼ ବଡ଼ କୋଠା ଭୁଶୁଡ଼ି ପଡ଼ିଥିଲା । ଏଥିରେ ୧୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧,୧୪୫ ଲୋକ ଆହତ ହୋଇଥିଲେ । ତାଇୱାନ ଏକ ଭୂକମ୍ପ ପ୍ରବଣ ଅଞ୍ଚଳ ହୋଇଥିବାବେଳେ ନିୟମିତ ବ୍ୟବଧାନରେ ସେହି ଦେଶର ବାସିନ୍ଦା ଏହାର ପ୍ରକୋପକୁ ସାମ୍ନା କରି ଆସୁଛନ୍ତି । ୧୯୯୯ରେ ତାଇୱାନରେ ହୋଇଥିବା ୭.୨ ତୀବ୍ରତାର ଭୂକମ୍ପରେ ୨,୪୧୫ଜଣଙ୍କ ମୃତ୍ୟୁ ଘଟିଥିଲା ।



## କୁଏଟ୍ ବିଲ୍ଡିଂରେ ନିଆଁ



ଜୁନ୍ ୧୨ ତାରିଖରେ କୁଏଟ୍‌ର ମନଗଫ୍ ସହରସ୍ଥିତ ଏକ ୬ ମହଲା ବିଶିଷ୍ଟ ବିଲ୍ଡିଂରେ ଭୟାବହ ଅଗ୍ନିକାଣ୍ଡ ଘଟି ୪୬ ଭାରତୀୟ ଶ୍ରମିକଙ୍କ ସମେତ ୫୦ଜଣଙ୍କ ମୃତ୍ୟୁ ଘଟିଥିଲା । ଏଥିରେ କଟକ ଏବଂ ଗଞ୍ଜାମ ଜିଲାର ୨ ଜଣ ରହିଥିଲେ । ମନଗଫ୍ ସହରର ଏକ କମ୍ପାନୀରେ କାମ କରୁଥିବା ପ୍ରାୟ ୧୬୦ଜଣ ଉକ୍ତ ବିଲ୍ଡିଂରେ ରହୁଥିଲେ । ଉକ୍ତ କୋଠାର ରୋଷେଇ ଘରେ ନିଆଁ ଲାଗିଯାଇଥିଲା । ଲୋକେ ଜୀବନ ବଞ୍ଚାଇବା ପାଇଁ କୋଠାର ପଞ୍ଚମ ମହଲାରୁ ତଳକୁ ଡେଇଁବାରେ ଲାଗିଥିଲେ । ସେମାନଙ୍କ ମଧ୍ୟରୁ କେତେଜଣଙ୍କ ମୃତ୍ୟୁ ଘଟିଥିଲା । ତେବେ ଅଧିକାଂଶ ଶ୍ରମିକଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ହୋଇ ଘଟିଥିଲା ।



ଶଙ୍ଖ ଭବନଠାରେ ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ସଭାପତି ନବୀନ ପଟ୍ଟନାୟକଙ୍କୁ ଦଳର ନେତା ଓ କର୍ମୀମାନେ ସ୍ୱାଗତ କରୁଛନ୍ତି।

# ଭାଜପାର ନକାରାତ୍ମକ ପ୍ରଚାର କାଉଣ୍ଟର କରିପାରିଲୁ ନାହିଁ: ନବୀନ

## ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୨୬।୧୨(ଅନିଲ ଦାସ)**

୨୦୨୪ ନିର୍ବାଚନରେ ବିଜେଡି କେମିତି ହାରିଲା ସେ ନେଇ ବହୁ ଲୋକଙ୍କର ପ୍ରଶ୍ନ ରହିଛି ବୋଲି ଦଳର ସଭାପତି ନବୀନ ପଟ୍ଟନାୟକ କହିଛନ୍ତି। ଶଙ୍ଖଭବନଠାରେ ଗୁରୁବାର ବିଜେଡିର ୨୮ତମ ପ୍ରତିଷ୍ଠା ଦିବସ ଅବସରରେ ସେ କହିଛନ୍ତି, ବିଜେଡି କେବେ ହାରି ନାହିଁ ବୋଲି ସେ ସ୍ପଷ୍ଟ ଭାବେ କହିପାରିବେ। ଏପରି କି ଦଳ ଲୋକଙ୍କ ବିଶ୍ୱାସ ମଧ ହରାଇ ନାହିଁ। ସେ କହିଛନ୍ତି, ଭାଜପା ମିଛ କଥା କହି, ମିଛ ପ୍ରତିଶ୍ରୁତି ଦେଇ, ଲୋକଙ୍କୁ ଭୁଆଁ ବୁଲାଇ ସରକାରକୁ ଆସିଛି। ଏତେ ମିଛ କହି ମଧ ଭାଜପା ଆମଠାରୁ କମ୍ ଭୋଟ୍ ପାଇଛି। ଆମର ଭୁଲ୍ ହେଲା ସେମାନଙ୍କ ନେଗେଟିଭ୍ କ୍ୟାମ୍ପେନ୍ ଓ ସୋସିଆଲ ମିଡିଆରେ ମିଥ୍ୟା ବ୍ୟାଖ୍ୟାନର ଠିକ୍‌ଭାବରେ ଆମେ କାଉଣ୍ଟର କରିପାରିଲୁ ନାହିଁ। ଏବେ ଓଡ଼ିଶାବାସୀ ଜାଣିଲେଣି ଯେ ଭାଜପା ମିଛ କଥା କହି କ୍ଷମତା ଦଖଲ କରିଛି। ସୋସିଆଲ ମିଡିଆରେ ସକ୍ରିୟ ରହି ଭାଜପାର ଫଲ୍‌ସ ନ୍ୟାରେଟିଭର ଉଚିତ ଜବାବ ଦେବା ପାଇଁ ସେ ଏହି ରାଜ୍ୟସ୍ତରୀୟ ଉତ୍ସବରେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ ଚାଲିଥିବା ସରକାର ବିଷୟରେ ନବୀନ କହିଛନ୍ତି, ଗତ ୬ ମାସ ଭିତରେ ଭାଜପା ସରକାରର ଓଡ଼ିଶାବାସୀଙ୍କ ପାଇଁ ସବୁଠାରୁ ବଡ଼ ଉପହାର ହେଉଛି ଦରଦାମ ବୃଦ୍ଧି। ଡାଲି ଚାଉଳଠାରୁ ଆରମ୍ଭ କରି ତେଲ, ପନିପରିବା ସବୁ ଦର ଆଜି ଆକାଶଛୁଆଁ। ଦରବୃଦ୍ଧି ପାଇଁ ପ୍ରତି ପରିବାର ଏବଂ ଧାନ ସଂଗ୍ରହ ପ୍ରକ୍ରିୟା ଲାଗି ଚାଷୀ କାନ୍ଦୁଛନ୍ତି। ସରକାରଙ୍କ କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁ ନାହିଁ ବୋଲି ସେ କହିଛନ୍ତି।

ନବୀନ କହିଛନ୍ତି, ୧୯୯୭ରେ ବିଜେଡି ଗଠନ ବେଳେ କିଛି ଲୋକ କହୁଥିଲେ ଏ ଦଳର ଭବିଷ୍ୟତ ନାହିଁ। ଏବେ ବି କିଛି ନିନ୍ଦୁକ କହୁଛନ୍ତି, ଏ ଦଳର ଭବିଷ୍ୟତ ନାହିଁ। କିନ୍ତୁ ସେ ଦୃଢ଼ତାର ସହ କହିବାକୁ ଚାହାନ୍ତି ଯେ ବିଜେଡିର ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଓଡ଼ିଶାବାସୀଙ୍କ ଭାବାବେଗ ସହ ବିଜୁ ଜନତା ଦଳ ଯୋଡ଼ି ହୋଇ ରହିଛି। ଶଙ୍ଖ ଚିହ୍ନ ଯୋଡ଼ି ହୋଇ ରହିଛି। ବିଜେଡି ଓଡ଼ିଶାର ପରିଚୟକୁ ଉଜ୍ଜ୍ୱଳ କରିଛି। ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶାର ଭିତ୍ତି ପକାଇଛି। ଲୋକଙ୍କ ହୃଦୟରେ ସବୁଦିନ ପାଇଁ ବିଜେଡି ଓ ଶଙ୍ଖଚିହ୍ନ ରହି ଯାଇଛି। ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ବିଜେଡି ଓଡ଼ିଶାବାସୀଙ୍କ ସେବା କରିଚାଲିବ ବୋଲି ନବୀନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏକ ଦୃଢ଼ ଆଞ୍ଚଳିକ ଦଳ ଭାବରେ ଓଡ଼ିଶା ସ୍ୱାର୍ଥର ସୁରକ୍ଷା ତଥା କେନ୍ଦ୍ର ଅବିଚାର ବିରୋଧରେ ବିଜେଡିର ଲଢ଼େଇ ଜାରି ରହିବ ବୋଲି ନବୀନ କହିଛନ୍ତି। ୧୯୯୭ ଡିସେମ୍ବର ୨୬ରେ ବିଜୁ ଜନତା ଦଳ ଜନ୍ମ ନେଇଥିଲା ବୋଲି ସେ କହିଛନ୍ତି। ସେତେବେଳେ କିଛି କହୁଥିଲେ, ତାଙ୍କୁ ରାଜନୀତି ଜଣାନାହିଁ। କିନ୍ତୁ ଆପଣମାନଙ୍କ ପରିଶ୍ରମ ଓ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଯୋଗୁ ବିଜେଡି ପାଞ୍ଚ ଥର ନିର୍ବାଚନ ଜିତି ଓଡ଼ିଶାବାସୀଙ୍କୁ ସେବା ଯୋଗାଇବାର ସୁଯୋଗ ପାଇଛି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲା ବିଜେଡି ସଭାପତି ସୁଶାନ୍ତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଅନନ୍ତ ଜେନା ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଅଶୋକ ପଣ୍ଡା, ମେୟର ସୁଲୋଚନା ଦାସ ମନ୍ମଥ ରାଉତରାୟ ପ୍ରମୁଖ ଭାଷଣ ଦେଇଥିଲେ।

### ଇପ୍ସିତାଙ୍କୁ ଚାପୁଡ଼ା ମାରିଲେ ମହିଳା କର୍ମୀ

ବିଜେଡି ମୁଖ୍ୟକାର୍ଯ୍ୟାଳୟ ଶଙ୍ଖ ଭବନ ଭିତରେ ଦୁଇ ମହିଳା କର୍ମୀ ହାତାହାତି ହୋଇଛନ୍ତି। ବିଜେଡି ଯୁବନେତ୍ରୀ ଇପ୍ସିତା ସାହୁଙ୍କୁ ନିଜ ଦଳର ଜଣେ ମହିଳା କର୍ମୀ ଚାପୁଡ଼ା ମାରିଥିବା ଜଣାପଡ଼ିଛି। ଗୁରୁବାର ବିଜେଡି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ବେଳେ ଏଭଳି ଘଟଣା ଦେଖିବାକୁ ମିଳିଛି। ଷ୍ଟେଜ୍ ସମ୍ମୁଖରେ ଚେୟାର ପକାଇବାକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଇପ୍ସିତା ଷ୍ଟେଜ୍ ସମ୍ମୁଖରେ କିଛି ଚେୟାର ପକାଉଥିଲେ। ଏହାକୁ ନେଇ କେତେକ ଜଣ ମହିଳା କର୍ମୀ ଆପତ୍ତି କରିଥିଲେ। ପରିସ୍ଥିତି ଏମିତି ହେଇଥିଲା ଯେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଓ ହାତାହାତି ଯାଏ କଥା ପହଞ୍ଚିଥିଲା। ଇପ୍ସିତାଙ୍କୁ ଚାପୁଡ଼ା ମାରିଥିବା ମହିଳା ଜଣକ ପୁରୀ ଜିଲାର ହୋଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଇପ୍ସିତା କିମ୍ବା ସମ୍ପୃକ୍ତ ମହିଳା କର୍ମୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ବିଜେଡି ମୁଖପାତ୍ର ପ୍ରିୟବ୍ରତ ମାଝି କହିଛନ୍ତି, ବ୍ୟକ୍ତିଗତ ସମସ୍ୟାକୁ ନେଇ କ'ଣ ହୋଇଥାଇପାରେ।

# ଭାଜପା କଥା ମିଛ ବୋଲି ନବୀନ କହି ଭ୍ରମ ସୃଷ୍ଟି କରୁଛନ୍ତି: ଧର୍ମେନ୍ଦ୍ର

**ଭୁବନେଶ୍ୱର/ ଭଞ୍ଜନଗର, ୨୬।୧୨(ସୁନିତ୍ ମିଶ୍ର/ ବାବୁଲା ପ୍ରଧାନ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବକ୍ତବ୍ୟକୁ ନେଇ ଜୋର୍ ଧରିଛି ରାଜନୀତି। ରାଜ୍ୟର ବିକାଶ ସମ୍ବନ୍ଧୀୟ ନବୀନ ଦେଇଥିବା ଏକ ବିବୃତିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଲଟା ଜବାବ ଦେଇଛନ୍ତି।

ଗଞ୍ଜାମ ଜିଲା ଭଞ୍ଜନଗରଠାରେ ଧର୍ମେନ୍ଦ୍ର କହିଛନ୍ତି, ଯେଉଁ ପୂର୍ବତନ ମୁଖ୍ୟମନ୍ତ୍ରୀ ୨୪ ବର୍ଷ ଧରି ଶାସନରେ ରହିବା ପରେ ମଧ ନିଜ ଜନ୍ମମାଟିରେ ପିଇବା ପାଣିର ବ୍ୟବସ୍ଥା କରିପାରିନାହାନ୍ତି, ସେ ଭାଜପା ଓ ନରେନ୍ଦ୍ର ମୋଦିଙ୍କ କଥାକୁ ମିଛ କହି ଭ୍ରମ ସୃଷ୍ଟିକରିବା ଦୁର୍ଭାଗ୍ୟର ବିଷୟ। ଗଞ୍ଜାମ ଜିଲାରେ ପୂର୍ବ ସରକାରଙ୍କ ୭ରୁ ୮ଟି ମେଗା ପାଇପ ୱାଟର ଯୋଜନା ଆରମ୍ଭ ହୋଇଛି। ଗୋଟିଏକୁ ଛାଡ଼ି ଦେଲେ ଅନ୍ୟ ୬ଟି ପ୍ରକଳ୍ପର କାମ ଅଧାପନ୍ତରିଆ ଅଛି। ବୌଦ୍ଧ, ଫୁଲବାଣୀ, ଗଞ୍ଜାମର ବିଭିନ୍ନ ଗ୍ରାମାଞ୍ଚଳକୁ କାହିଁକି ଏ ପର୍ଯ୍ୟନ୍ତ ପାଣି ଆସିନାହିଁ। ପାଣି ପାଇପ ସବୁ ଖୋଲାରେ ପଡ଼ିଛି। ପାଣି ଆସିବାର ଠିକଣା ନାହିଁ। ନଳ ଅଛି, କିନ୍ତୁ ଜଳ ନାହିଁ। ଏହାକୁ କ'ଣ କୁହାଯିବ। ଭାଜପା ସରକାରର ସୁଭଦ୍ରା ଯୋଜନା ଏବଂ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି ଉପରେ ନବୀନ କ'ଣ ଅବଗତ ନାହାନ୍ତି। ଗଞ୍ଜାମ ଜିଲାରେ ଭାଜପା ସରକାରର ସୁଭଦ୍ରା ଯୋଜନାରେ ପ୍ରାୟ ୫୦୦ରୁ ଅଧିକ କୋଟି ଟଙ୍କା ମହିଳାଙ୍କ ବ୍ୟାଙ୍କ ଖାତାରେ ଜମାହୋଇସାରିଛି। ଆଗକୁ ଏହି ସଂଖ୍ୟା ପ୍ରାୟ ୧୦୦୦ କୋଟି ଟଙ୍କାରେ ପହଞ୍ଚିବ। ଗଞ୍ଜାମରେ ପ୍ରାୟ ୧୦ ଲକ୍ଷ ଲାଭାର୍ଥୀ ସୁଭଦ୍ରା ଯୋଜନାରେ ଅଛନ୍ତି। ସେହିପରି ଏହି ଜିଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪୪ ଲକ୍ଷ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟ ରଖାଯାଇଛି। ଗଞ୍ଜାମର ଲୋକମାନେ ଭରସା କରି ଡବଲ ଇଞ୍ଜିନ ସରକାରକୁ ଆଣିଛନ୍ତି। ଯଦି ଏହା କାହାକୁ ମିଛ ଲାଗୁଛି, ତେବେ ତାଙ୍କୁ କ'ଣ କୁହାଯିବ। ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ଲୋକଙ୍କୁ ଉତ୍ତର ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି।


ଭଞ୍ଜନଗର ସରସ୍ୱତୀ ଶିଶୁ ମନ୍ଦିର ନୂତନ କୋଠାକୁ ଉଦ୍‌ଘାଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଉକ୍ତ କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, କନ୍ଧମାଳ ଏମ୍‌ପି ସୁକାନ୍ତ ପାଣିଗ୍ରାହୀ, ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଆସିକା ବିଧାୟକ ସରୋଜ ପାଢ଼ୀ, ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଙ୍ଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହନ୍ତ, ଡ. କମ୍ବୁପାଣି ସାମନ୍ତ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

# ୨୯ରେ ଭାଜପା ବିଧାୟକ, ମନ୍ତ୍ରୀଙ୍କ ପ୍ରଦର୍ଶନର ସମୀକ୍ଷା କରିପାରନ୍ତି ଶାହା

**ଭୁବନେଶ୍ୱର, ୨୬।୧୨(ସୁନିତ୍ ମିଶ୍ର)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ରେ ଦୁଇଦିନିଆ ଭୁବନେଶ୍ୱର ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ୨୯ରେ କେତୋଟି ସରକାରୀ କାର୍ଯ୍ୟକ୍ରମରେ ସେ ଯୋଗଦେବେ। ଏଥିସହିତ ସେ ଭାଜପାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇ ଦଳୀୟ ବିଧାୟକ ଓ ମନ୍ତ୍ରୀମାନଙ୍କ ପ୍ରଦର୍ଶନର ସମୀକ୍ଷା କରିପାରନ୍ତି ବୋଲି କୁହାଯାଉଛି। ପରେ ସେହି ଦିନ ସନ୍ଧ୍ୟାରେ ସେ ଦିଲ୍ଲୀ ଫେରିଯିବେ ବୋଲି ଭାଜପା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏନେଇ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବିଜେଡି ଚକ୍ରାନ୍ତ କରିନି: ଦେବୀରଞ୍ଜନ

## ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗ

**କଟକ,୨୬।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିବାରେ ବିଜୁ ଜନତା ଦଳ (ବିଜେଡି) କେବେ କୌଣସି ଚକ୍ରାନ୍ତ କିମ୍ବା ଭୟ କରି ନ ଥିବା ନେଇ ବାଙ୍କୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀ କହିଛନ୍ତି। ଗୁରୁବାର ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିବୃତ୍ତି ଉପରେ ସେ ଏହା ପ୍ରକାଶ କରିଛନ୍ତି। କଟକସ୍ଥିତ ସର୍କିଟ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବୀରଞ୍ଜନ କହିଛନ୍ତି, ମୁଖ୍ୟମନ୍ତ୍ରୀ ଛାତ୍ର ସଂସଦ ନିର୍ବାଚନକୁ ନେଇ କରିଥିବା ଘୋଷଣାକୁ ସେ ସମର୍ଥନ କରୁଛନ୍ତି ଏବଂ ବିଜୁ ଛାତ୍ର ଜନତା ଦଳ ଏନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବିଜେଡି ପ୍ରତି ଏଭଳି ବିବୃତ୍ତି ଦେବା ଶୋଭନୀୟ ନୁହେଁ। ବିଜେଡି କେବେ ଡରିନାହିଁ କିମ୍ବା ଚକ୍ରାନ୍ତ କରିନାହିଁ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ବିଜେଡି ୯୦ ପ୍ରତିଶତ ଭୋଟ ପାଇଥିଲା। ଶିକ୍ଷାନୁଷ୍ଠାନରେ ଶୈକ୍ଷିକ ବାତାବରଣକୁ ସ୍ୱଚ୍ଛ କରିବା ପାଇଁ ବିଜେଡି ସରକାର ସମୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଥିଲା। କଲେଜ କ୍ୟାମ୍ପସ ଯେପରି ହିଂସାମୁକ୍ତ ହୋଇପାରିବ ସେନେଇ ପଦକ୍ଷେପ ନିଆଯାଇଥିଲା, କିନ୍ତୁ ହିଂସା ବଢ଼ିବାରେ ଲାଗିବାରୁ ନିର୍ବାଚନ ବନ୍ଦ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ନିମନ୍ତେ ବିଜେଡି 'ନୂଆ-ଓ' କାର୍ଯ୍ୟକ୍ରମ କରିଥିଲା, ଯେଉଁଥିରେ ସେମାନେ ବହୁ ଲାଭବାନ ହୋଇଛନ୍ତି। ନିର୍ବାଚନ ହେଲେ ବିଜେଡି ଶତପ୍ରତିଶତ ଭୋଟ ହାସଲ କରିବ ବୋଲି ତ୍ରିପାଠୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ଖେଳ ଖବର

# ଓଡ଼ିଶା ଏଫ୍‌ସି-ମହମ୍ମଡାନ ମ୍ୟାଚ୍ ଆଜି

**ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ):** ଇଣ୍ଡିଆନ ସୁପର ଲିଗ୍‌ରେ ଶୁକ୍ରବାର ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ମ୍ୟାଚ କୋଲକାତାର କିଶୋର ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ହେବ। ୧୩୩ ବର୍ଷର ଦଳ ମହମ୍ମଡାନ ଏସ୍‌ସି ବିପକ୍ଷରେ ଓଡ଼ିଶା ଏଫ୍‌ସିର ଏହା ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ। କୋଲକାତାରେ ଇଷ୍ଟବେଙ୍ଗଲ ବିପକ୍ଷରେ ୨-୧ ଗୋଲରେ ବିଜୟ ପରେ ଚଳିତ ବର୍ଷ ଓଡ଼ିଶା ଏଫ୍‌ସିର ଏହା ହେବ ଅନ୍ତିମ ମ୍ୟାଚ। ପ୍ରତିଯୋଗିତା ସମ୍ପ୍ରତି ମଧ୍ୟଭାଗରେ ପହଞ୍ଚିଥିବାବେଳେ ଓଡ଼ିଶା ଏଫ୍‌ସି ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଫଳରେ କଳିଙ୍ଗ ୱାରିୟର୍ସ ଦଳ ଶିଲ୍ଡ ଦୌଡ଼ରେ ସାମିଲ ହୋଇଛି।

ଆହତ ସମସ୍ୟା ଯୋଗୁ ଓଡ଼ିଶା ଏଫ୍‌ସିର ତାରକା ଖେଳାଳି ରୟ କ୍ରିଷ୍ଣା ଚଳିତ ସିଜନ ପାଇଁ ଦଳରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ବ୍ରାଜିଲିଆନ ଫରୱାର୍ଡ ଡୋରିଏଲଟନ ଗୋମ୍ସ ନାସ୍କିମେଣ୍ଟୋ (ଡୋରି)ଙ୍କୁ ଦଳରେ ସାମିଲ କରାଯାଇଛି। ଆହତ ଥିବା ଅନ୍ୟତମ ଖେଳାଳି ଆମି ରାନାୱାଡେ ଟ୍ରେନିଂ ଆରମ୍ଭ କରିଛନ୍ତି। ତେବେ ଆଗାମୀ କିଛିଦିନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରାଯିବା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ସହକାରୀ କୋଚ୍ ଆଣ୍ଟୋନୀ ଫର୍ନାଣ୍ଡେସ ଭୁବନେଶ୍ୱରରେ ଆୟୋଜିତ ପ୍ରି-ମ୍ୟାଚ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ପୂର୍ବ ମ୍ୟାଚରେ କ୍ଲବ ପକ୍ଷରୁ ୧୦୦ତମ ମ୍ୟାଚ ଖେଳିଥିବା ତାରକା ଫରୱାର୍ଡ ଡିଏଗୋ ମୌରିସିଓ ଏପର୍ଯ୍ୟନ୍ତ ୫୮ ଗୋଲ ଦେଇଥିବାବେଳେ ୧୬ ଗୋଲରେ ସହାୟତା କରିଛନ୍ତି। "ମୁଁ କ୍ଲବ ପକ୍ଷରୁ ୧୦୦ ମ୍ୟାଚ ଖେଳିବି ବୋଲି କେବେ ଭାବି ନ ଥିଲି। ଏହା ମୋ ଫିଟ୍‌ନେସର ପ୍ରମାଣ ଏବଂ ପରିବାର, ପ୍ରଶଂସକ ଓ ଈଶ୍ୱରଙ୍କ ସମର୍ଥନ ଯୋଗୁ ସମ୍ଭବ ହୋଇପାରିଛି। ଏହା ମୋତେ ଆଗକୁ ଯିବାକୁ ପ୍ରେରିତ କରିଛି" ବୋଲି ମୌରିସିଓ କହିଛନ୍ତି।

ମହମ୍ମଡାନ ଏସ୍‌ସି ଏପର୍ଯ୍ୟନ୍ତ ୧୨ ମ୍ୟାଚ ଖେଳି ସାରିଥିବାବେଳେ ମାତ୍ର ଗୋଟିଏରେ ବିଜୟୀ ହୋଇଛି ଏବଂ ୨ଟି ମ୍ୟାଚ ଡ୍ର ରଖିଛି। ୫ ପଏଣ୍ଟ ସହିତ ୧୩ ଦଳ ବିଶିଷ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ମ୍ୟାଚ ଶୁକ୍ରବାର ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହେବ।

# ସର୍ବଭାରତୀୟ ଓପନ କରାଟେ ଆରମ୍ଭ


ଅତିଥିଙ୍କ ଗହଣରେ ପଦକ ବିଜୟୀ କରାଟେକା।

**ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ)**

ଉତ୍କଳ କରାଟେ ସ୍କୁଲ ପରିସରରେ ୧୪ଶ ସର୍ବଭାରତୀୟ ଓପନ କରାଟେ ପ୍ରତିଯୋଗିତା ଗୁରୁବାର ଆରମ୍ଭ ହୋଇଛି। ସୁକୋକାଇ କରାଟେ-ଡୋ ୟୁନିୟନ ଇଣ୍ଡିଆ ପକ୍ଷରୁ ଆୟୋଜିତ ଏହି ୪ ଦିନିଆ କରାଟେ ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ଏକ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କରାଟେ ପ୍ରତିଯୋଗୀ ବିଶେଷ କରି ଓଡ଼ିଶା ପ୍ରତିଯୋଗୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି। ଫଳ ସ୍ୱରୂପ ଗତ କିଛି ବର୍ଷ ଧରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କରାଟେ ପ୍ରତିଯୋଗିତାରେ ଓଡ଼ିଶା କରାଟେକାମାନେ ପ୍ରଭାବୀ ପ୍ରଦର୍ଶନ କରି ଆସୁଛନ୍ତି। ଗତ ରାଜ୍ୟଗୋଷ୍ଠୀ କରାଟେରେ ଓଡ଼ିଶା ପ୍ରତିଯୋଗୀ ୧୧ ପଦକ ଏବଂ ଜାତୀୟ ସବ୍‌ଜୁନିୟର କରାଟେରେ ୩୨ଟି ପଦକ ହାସଲ କରିବା ଏହାର ଉଦାହରଣ। ପ୍ରଥମ ଦିବସରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ରାଜ୍ୟ କରାଟେ ସଂଘର ଉପଦେଷ୍ଟା ସନକ ନାୟକ ଓ ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ନନ୍ଦ ପୁରସ୍କୃତ କରିଛନ୍ତି। ପ୍ରଥମ ଦିବସରେ ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା କରାଟେକାମାନେ ହେଲେ ଜିଗେଶ ବେରିହା, ସୁସ୍ମିନୀ ପାଲଟାସିଂ, ଶ୍ରୀ କୃଷ୍ଣ, ପ୍ରିୟଦର୍ଶିନୀ ଦାସ, ତ୍ରିଲୋଚନ ରଣା, ନ୍ୟାଶା କୁମାରୀ, ଲୋମା ସ୍ୱାଇଁ, ଅନୁପମା ସ୍ୱାଇଁ, ଦୀପ୍ତିମୟୀ ସ୍ୱାଇଁ, ସଞ୍ଚିତା ମହାନ୍ତି, ସସ୍ମିତା ପ୍ରଧାନ, ମୋନାଲି ସାହୁ, ଭଗବାନ ରେଞ୍ଜୀ, ବିଶ୍ୱଜିତ ସାମଲ, ରିତେଶ ମହାନ୍ତି, ପ୍ରତ୍ୟୁଷ ମହାପାତ୍ର, ତ୍ରୀନାଥ ରାଣା ଓ ଓମ୍ ଶୁଭମ୍ ମହାନ୍ତି। ସୁସ୍ମିନୀ ପାଲଟା ସିଂ ୨ଟି ବର୍ଗରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି।

# ଉତ୍ତରାଖଣ୍ଡକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ):** ଉଭୟ ବ୍ୟାଟିଂ ଓ ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଓଡ଼ିଶା ଜୟପୁରର ସବାଇ ମାନସିଂ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ମ୍ୟାଚରେ ଉତ୍ତରାଖଣ୍ଡକୁ ୭୫ ରନରେ ହରାଇ ଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୫୦ ଓଭରରେ ୭ ଉଇକେଟ ହରାଇ ୨୬୫ ରନ କରିଥିଲା। ଦଳ ପକ୍ଷରୁ କାର୍ତ୍ତିକ ବିଶ୍ୱାଳ ସର୍ବାଧିକ ୬୯ ଓ ସ୍ୱସ୍ତିକ ସାମଲ ୫୩ ରନ କରିଥିଲେ। ବିପକ୍ଷ ଦଳର ଯୁବରାଜ ଚୌଧାରୀ ଓ ଡି. ଧପୋଲା ୨ଟି ଲେଖାଏ ଉଇକେଟ ନେଇଥିଲେ। ଉତ୍ତରାଖଣ୍ଡ ୪୧. ୫ ଓଭରରେ ୧୯୦ ରନରେ ଅଲ୍‌ଆଉଟ ହୋଇଥିଲା। ଓଡ଼ିଶାର ରାଜେଶ ମହାନ୍ତି ୫ ଉଇକେଟ ନେଇ ବିପକ୍ଷ ଦଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପ୍ରୟାସ ସିଂ ୨ ଉଇକେଟ ନେଇଥିଲେ। ଉତ୍ତରାଖଣ୍ଡ ପକ୍ଷରୁ କୁନାଲ ଚାଣ୍ଡେଲା ସର୍ବାଧିକ ୪୨ ରନ କରିଥିଲେ। ୩ ମ୍ୟାଚରୁ ଓଡ଼ିଶାର ଏହା ପ୍ରଥମ ବିଜୟ। ପ୍ରଥମ ୨ ମ୍ୟାଚରେ ଗୋଆ ଓ ଆସାମଠାରୁ ହାରିଥିଲା।

# ପ୍ରୀତିସ୍ମିତାଙ୍କୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ପ୍ରୀତିସ୍ମିତା ଭୋଇ।

**ଢେଙ୍କାନାଳ,୨୬।୧୨ (ରତନ ନାୟାର)**

ଢେଙ୍କାନାଳର ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ଗୁରୁବାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଛନ୍ତି। ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତିଭବନ ଭାରତ ମଣ୍ଡପଠାରେ ବୀର ବାଲ ଦିବସ ଆୱାର୍ଡ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ଢେଙ୍କାନାଳର ବିଭିନ୍ନ କ୍ରୀଡ଼ା ସଂଗଠନ ଓ କ୍ରୀଡ଼ାବିତମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରୀତିସ୍ମିତାଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ପ୍ରୀତିସ୍ମିତା ନିକଟରେ କାତାରର ଦୋହାଠାରେ ଅନୁଷ୍ଠିତ ହୋଇଯାଇଥିବା ଏସିଆନ ଭାରୋତ୍ତୋଳନ-୨୦୨୪ର ଯୁବ ୪୫କେଜି ବର୍ଗରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ୨୦୨୪ ମେ' ମାସରେ ସେ ସାଉଥଆଫ୍ରିକାର ପେରୁଠାରେ ଅନୁଷ୍ଠିତ ହୋଇଯାଇଥିବା ବିଶ୍ୱ ଭାରୋତ୍ତୋଳନ ପ୍ରତିଯୋଗିତାର ଯୁବ ବର୍ଗରେ ୪୦ କେଜିରେ ସ୍ୱର୍ଣ୍ଣପଦକ ହାସଲ କରି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ପ୍ରତିଯୋଗିତାରେ ପ୍ରୀତିସ୍ମିତା ୧୫ବର୍ଷର ଚିନ୍ ଖେଳାଳିଙ୍କ ବିଶ୍ୱ ରେକର୍ଡକୁ ଭାଙ୍ଗିଥିଲେ। ପ୍ରୀତିସ୍ମିତା ଢେଙ୍କାନାଳର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ। ପୁରସ୍କାର ଗ୍ରହଣ ସମୟରେ କୋଚ୍ ଗୋପାଳକୃଷ୍ଣ ଦାସ ଉପସ୍ଥିତ ଥିଲେ। ପ୍ରୀତିସ୍ମିତା ଢେଙ୍କାନାଳ ସହର ଦୁର୍ଗାବଜାର ଅଞ୍ଚଳ ନିବାସୀ ସ୍ୱର୍ଗତ ମହେନ୍ଦ୍ର ଭୋଇ ଓ ଯମୁନା ଭୋଇଙ୍କର ସେ କନିଷ୍ଠ କନ୍ୟା ଅଟନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ ଉଦ୍‌ଘାଟିତ

**ଭୁବନେଶ୍ୱର, ୨୬।୧୨ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ୨୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଭାରତର ୬୦୦ ବିଶ୍ୱବିଦ୍ୟାଳୟରୁ ୧୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। କିଟ୍ ଆଥ୍‌ଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ସଭାପତି ବିନୟ କୁମାର ପାଠକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ଶରଣଜିତ ସିଂ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ବେହେରା, ରେଜିଷ୍ଟ୍ରାର ଜ୍ଞାନରଞ୍ଜନ ମହାନ୍ତି, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ସହ ବିଶ୍ୱବିଦ୍ୟାଳୟ ପରିସରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ କରାଇବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଉତ୍ସର୍ଗୀକୃତ ମନୋଭାବ ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏଆଇୟୁ ସଭାପତି ପାଠକ ଭୂୟସୀ ପ୍ରଶଂସା କରିଥିଲେ। ଅଚ୍ୟୁତଙ୍କୁ ସମ୍ମାନିତ କରି ଏଆଇୟୁ ଗର୍ବିତ ବୋଲି ସେ କହିଥିଲେ। ପ୍ରତିଯୋଗିତାରେ ଖେଳୁଆଡ଼ ମନୋଭାବ ଏବଂ ଏକତାର ସଙ୍କେତ ସ୍ୱରୂପ ଅଲିମ୍ପିକ୍ ଟର୍ଚ୍ଚ ପ୍ରଜ୍ୱଳିତ କରାଯାଇଥିଲା। ପ୍ରଫେସର ପାଠକ ଅଲିମ୍ପିଆନ ଶ୍ରାବଣୀ ନନ୍ଦଙ୍କୁ ଟର୍ଚ୍ଚ ହସ୍ତାନ୍ତର କରିଥିଲେ।

### ଏଆଇୟୁ ଦ୍ୱାରା ଅଚ୍ୟୁତ ସାମନ୍ତ ସମ୍ମାନିତ



ପ୍ରଥମ ଦିବସର କୃତୀ ପ୍ରତିଯୋଗୀଙ୍କ ସହ ଉପସ୍ଥିତ ଅତିଥି।

# କ୍ୱାର୍ଟରରୁ ଓଡ଼ିଶା ଅଭିଯାନ ଶେଷ

**ହାଇଦ୍ରାବାଦ, ୨୬।୧୨ (ପି.ଟି.)**

ପଶ୍ଚିମବଙ୍ଗ ୩-୧ ଗୋଲ୍‌ରେ ଓଡ଼ିଶାକୁ ପରାସ୍ତ କରି ୭୮ତମ ଜାତୀୟ ଫୁଟ୍‌ବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ସେମିଫାଇନାଲରେ ପ୍ରବେଶ କରିଛି। ରାକେଶ ଓରାମ ୨୫ତମ ମିନିଟ୍‌ରେ ଗୋଲ୍ ଦେଇ ଓଡ଼ିଶାକୁ ପ୍ରଥମେ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ବେଙ୍ଗଲ ଦୃଢ ପ୍ରତ୍ୟାବର୍ତ୍ତନ ସହ ପ୍ରଥମାର୍ଦ୍ଧ ଖେଳ ଶେଷରେ ନରୋହରି ଶ୍ରେଷ୍ଠଙ୍କ ଗୋଲ ବଳରେ ମ୍ୟାଚକୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ଦଳ ତରଫରୁ ଅନ୍ୟ ଦୁଇଟି ଗୋଲ୍ ରବି ହାଁସ୍‌ଦା (୭୦ତମ) ଓ ବଦଳ ଖେଳାଳି ମନୋତୋଷ ମାଜି (୯୦+୨)ସ୍କୋର କରିଥିଲେ। ଏଥିସହିତ ଦଳ ୫୨ତମ ଥର ପାଇଁ ସନ୍ତୋଷ ଟ୍ରଫି ସେମିଫାଇନାଲରେ ପ୍ରବେଶ କରିଛି।

## ନିବେଶକ ନିରୁତ୍ସାହିତ

ମୁମ୍ବାଇ: କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ନିରୁତ୍ସାହିତ ହୋଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୦.୩୯ ପଏଣ୍ଟ କମି ୭୮,୪୭୨.୪୮ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ୨୨.୫୫ ପଏଣ୍ଟ ବୃଦ୍ଧି ଘଟି ୨୩,୭୫୦.୨୦ ଅଙ୍କରେ କାରବାର ଶେଷ ହୋଇଥିଲା।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅର୍ପିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୨୫ରେ ଅର୍ଥନୀତି ଅଭିବୃଦ୍ଧି ହାର ୬.୫% ଆକଳନ

ଭୁବନେଶ୍ୱର,୨୬।୧୨(ଅନୁରାଧା ମହାରଣା)



୨୦୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ପ୍ରାୟ ୬.୫% ହାରରେ ବୃଦ୍ଧି ପାଇବ। ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ସମୀକ୍ଷା ବୈଠକରେ ଏପରି ଆକଳନ କରିଛି। ଆର୍ଥିକ ବର୍ଷ ୨୦୪୭-୪୮ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଏହା ଭାରତର ଆର୍ଥିକ ଦାୟିତ୍ୱ ଢାଞ୍ଚାରେ ସଂସ୍କାର ଆଣିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିବା ସହ ଗ୍ରାମୀଣ ଚାହିଦା ସ୍ଥିର ରହିଛି ବୋଲି ଅର୍ଥ ମନ୍ତ୍ରଣାଳୟ ଏହାର ମାସିକ ସମୀକ୍ଷା ବୈଠକରେ କହିଛି। ୨ ଚକିଆ ଯାନ ଏବଂ ୩ ଚକିଆ ଯାନ ବିକ୍ରି ଏବଂ ଘରୋଇ ଟ୍ରାକ୍ଟର ବିକ୍ରି କ୍ଷେତ୍ରରେ ଅକ୍ଟୋବରରେ ୨୩.୨% ଏବଂ ନଭେମ୍ବରରେ ୯.୮% ବୃଦ୍ଧିରୁ ଏହା ସ୍ପଷ୍ଟ ହୋଇଛି। ଅର୍ଥ ମନ୍ତ୍ରଣାଳୟ ଏହା ମଧ୍ୟ କହିଛି, ସହରାଞ୍ଚଳର ଚାହିଦା ବୃଦ୍ଧି ପାଉଛି। ୨୦୨୪ ଅକ୍ଟୋବର-ନଭେମ୍ବରରେ ଯାତ୍ରୀବାହୀ ଯାନ ବିକ୍ରି ଗତ ବର୍ଷ ତୁଳନାରେ ୧୩.୪% ବୃଦ୍ଧି ପାଇଛି ଏବଂ ଘରୋଇ ବିମାନ ଯାତ୍ରୀଙ୍କ ଯାତାୟାତରେ ମଧ୍ୟ ଅଭିବୃଦ୍ଧି ଘଟିଛି। ଫଳସ୍ୱରୂପ ୨୦୨୫ ଆର୍ଥିକ ବର୍ଷରେ ବାସ୍ତବ କ୍ଷେତ୍ରରେ ଅର୍ଥନୀତି ପ୍ରାୟ ୬.୫% ହାରରେ ବୃଦ୍ଧି ପାଇବ ବୋଲି ଅର୍ଥ ମନ୍ତ୍ରଣାଳୟ ଆଶା କରାଯାଉଛି। ଚଳିତ ଆର୍ଥିକ ବର୍ଷର ୨୦୨୪-୨୫ ଜୁଲାଇର ଦ୍ୱିତୀୟ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୭ ତ୍ରୈମାସିକରେ ସର୍ବନିମ୍ନ ସ୍ତରକୁ ୫.୪%କୁ ଖସି ଆସିଛି। ପୂର୍ବ ତ୍ରୈମାସରେ ଆର୍ଥିକ ଅଭିବୃଦ୍ଧି ହାର ୬.୭% ଥିଲା। ଏହି କାରଣରୁ ଆଗାମୀ ତ୍ରୈମାସିକ ପାଇଁ ଆନୁମାନିକ ଅଭିବୃଦ୍ଧି ହାର ଗୁରୁତ୍ୱପୂର୍ଣ୍ଣ।

ସେହିପରି ବୁଧବାର ପ୍ରକାଶ ପାଇଥିବା ଇୱାଇ ଇଣ୍ଡିଆ ରିପୋର୍ଟରେ ମଧ୍ୟ ୨୦୨୫ ଆର୍ଥିକ ବର୍ଷ ପାଇଁ ସମାନ ଆକଳନ ଦେଖାଯାଇଛି। ଏହା ଚଳିତ ତଥା ଆସନ୍ତା ଆର୍ଥିକ ବର୍ଷରେ ଭାରତୀୟ ଅର୍ଥନୀତି ୬.୫ ପ୍ରତିଶତ ଅଭିବୃଦ୍ଧି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ତ୍ରୈମାସରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ୫.୪% ରହିଥିଲା, ଯାହା ଆଶାଠାରୁ ବହୁତ୍ କମ୍ ଥିଲା। ରିପୋର୍ଟରେ କୁହାଯାଇଛି , ୨୦୨୪ ୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ଜିଡିପି ୫.୪% ହେବ, ଯାହା ୭ ତ୍ରୈମାସିକରେ ସର୍ବନିମ୍ନ ସ୍ତର । ଏହା ବ୍ୟତୀତ ବେସରକାରୀ ପୁଞ୍ଜି ବିନିଯୋଗର ଚାହିଦା ବୃଦ୍ଧି ପାଇ ନାହିଁ ଏବଂ ସରକାରୀ ବିନିଯୋଗ ଖର୍ଚ୍ଚର ଅଭିବୃଦ୍ଧି ନକାରାତ୍ମକ ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଏଥିରେ ୧୫.୪% ହ୍ରାସ ଘଟିଛି। ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ହାର ୬.୫% ହେବ ବୋଲି ଆକଳନ କରାଯାଇଛି। ସ୍ଥାୟୀ ଋଣ ପରିଚାଳନା, ସରକାରୀ ସଞ୍ଚୟକୁ ହଟାଇବା ଏବଂ ପୁଞ୍ଜି ବିନିଯୋଗ ଦ୍ୱାରା ପରିଚାଳିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପୁନଃ ସଂଯୋଜିତ ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଯାଇଛି। ଏହା ଭାରତର ଏକ ବିକଶିତ ଅର୍ଥନୀତିରେ ରୂପାନ୍ତର ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି। ଇୱାଇ ଇଣ୍ଡିଆର ମୁଖ୍ୟ ନୀତି ପରାମର୍ଶଦାତା ଡି. କେ. ଶ୍ରୀବାସ୍ତବ କହିଛନ୍ତି, ଭାରତକୁ ସ୍ଥାୟୀ ଅଭିବୃଦ୍ଧି ହାସଲ କରିବାକୁ ଆର୍ଥିକ ଦାୟିତ୍ୱ ଏବଂ ବଜେଟ ପରିଚାଳନା ଅଧିନିୟମରେ ପ୍ରସ୍ତାବିତ ସଂଶୋଧନ ଆବଶ୍ୟକ। ସେ କହିଛନ୍ତି, ଏହି ପରିବର୍ତ୍ତନ କେବଳ ସାମ୍ପ୍ରତିକ ଆହ୍ୱାନର ସମାଧାନ କରିବ ନାହିଁ ବରଂ ଭାରତର ବିକଶିତ ଅର୍ଥନୀତିରେ ପରିବର୍ତ୍ତନ ପାଇଁ ବାଟ ଖୋଲିବ।

# ରିଲାଏନ୍ସ ରେସ୍କ୍ୟୁ ସହ ହାଇସେନ୍ସର ସହଭାଗିତା

ନୂଆଦିଲ୍ଲୀ,୨୬।୧୨

କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ବିଶ୍ୱସ୍ତରୀୟ ଅଗ୍ରଣୀ ସଂସ୍ଥା ହାଇସେନ୍ସ ଏବଂ ରିଲାଏନ୍ସ ରେସ୍କ୍ୟୁ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହାଇସେନ୍ସ ୧୨୦ଇଞ୍ଚର ଲେଜର ଟିଭିକୁ ଉନ୍ମୋଚନ କରିଛି। ଏପରିକି ସମଗ୍ର ଭାରତରେ ଟିଭିର ବିକ୍ରୟ ପରବର୍ତ୍ତୀ ସେବାରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ କମ୍ପାନୀ ରିଲାଏନ୍ସ ରେସ୍କ୍ୟୁ ସହିତ ସହଭାଗିତା ସ୍ଥାପନ କରିଛି। ଏହି ସହଭାଗିତର ଲକ୍ଷ୍ୟ ହେଉଛି, ଦେଶବ୍ୟାପୀ ଦ୍ରୁତ ପ୍ରତିଷ୍ଠା, ତୁରନ୍ତ ମରାମତି ଏବଂ ନିରବଚ୍ଛିନ୍ନ ସେବା କଭରେଜ୍ ପ୍ରଦାନ କରିବା ସହିତ ଏକ ଉନ୍ନତ ଗ୍ରାହକ ଅଭିଜ୍ଞତା ସୁନିଶ୍ଚିତ କରିବା। ସେହିଭଳି ୧୦୦ ଇଞ୍ଚ + ଟିଭି ବଜାରର ପ୍ରମୁଖ ଅଂଶ ସହ ବିଶ୍ୱର ୨ନମ୍ବର ଟିଭି ବ୍ରାଣ୍ଡ ଭାବେ ବିଶ୍ୱସ୍ତରୀୟ ମାନ୍ୟତା ଦ୍ୱାରା ଉତ୍କର୍ଷ ପ୍ରତି ହାଇସେନ୍ସର ପ୍ରତିବଦ୍ଧତାକୁ ଦର୍ଶାଯାଇଛି। ହାଇସେନ୍ସର ପେଟେଣ୍ଟେଡ୍ ଟ୍ରାଇକ୍ରୋମା ଲେଜର ଟେକ୍ନୋଲୋଜିକୁ ଅନ୍ତର୍ଭୁକ୍ତ କରୁଥିବା ଲେଜର ଟିଭିର ଶୁଭାରମ୍ଭ ଏହାର ଚମତ୍କାର ଭିଜୁଆଲ୍ ଏବଂ ଇମର୍ସିଭ ସାଉଣ୍ଡ ଅନୁଭୂତି ସହିତ ଘରୋଇ ମନୋରଞ୍ଜନକୁ ପୁନଃ ସଂକଳ୍ପିତ କରିବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ହାଇସେନ୍ସ ଇଣ୍ଡିଆର ସିଇଓ ପଙ୍କଜ ରାଣା କହିଛନ୍ତି, ପୂର୍ବ ଭାରତରେ ଆମର ଫ୍ଲାଗ୍‌ଶିପ୍ ଲେଜର ଟିଭି ଉନ୍ମୋଚନ ହେବା ସହିତ ଆମେ ଉଭୟ ଅତ୍ୟାଧୁନିକ ପ୍ରଦର୍ଶନ ପ୍ରଯୁକ୍ତି ଏବଂ ଶୀର୍ଷସ୍ତରୀୟ ସାଉଣ୍ଡ କ୍ୱାଲିଟିକୁ ସମନ୍ୱିତ ଘରୋଇ ମନୋରଞ୍ଜନ ଅନୁଭୂତି ପ୍ରଦାନ କରି ଆନନ୍ଦିତ ଅଛୁ

ହାଇସେନ୍ସ ସେମାନଙ୍କର ଏହି ବୃହତ ପରଦା ଟେଲିଭିଜନ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ରଦାନ କରିଥାଏ, ଯେଉଁଥିରେ କ୍ୟୁଏଲଇଡି ୧୦୦ଇଞ୍ଚର କ୍ୟୁ୭ଏନ, ମିନି-ଏଲଇଡି ୟୁ୬ଏନ୍ ପିଆରଓ ଏବଂ କ୍ୟୁ୬ଏନ ମଡେଲ ଅନ୍ତର୍ଭୁକ୍ତ ରହିଛି। ପ୍ରତ୍ୟେକ ଟିଭିରେ ଉଚ୍ଚ ରିଫ୍ରେସ୍ ରେଟ୍, ଫୁଲ୍ ଆରେ ଲୋକାଲ ଡିମିଂ, ଡଲବି ଭିଜନ ଆଇକ୍ୟୁଏଚଡିଆର ଏବଂ ଡଲବି ଆଟମୋସ୍‌ଭଳିଶିଳ୍ପ-ଅଗ୍ରଣୀବୈଶିଷ୍ଟ୍ୟରହିଛି।



Arpita Singh Rajput
(FONY)
Gadabhitara Sahi, Bologada
Wish you a very very wonderful day and happy birthday to you my dear, I haven't stopped smiling from the moment our eyes meet.
D-2393


# କୁଇକ୍ କମର୍ସ ଟ୍ରେଣ୍ଡରେ ଦୁଗ୍ଧଜାତୀୟ ପଦାର୍ଥର ଅର୍ଡର

ଭୁବନେଶ୍ୱର,୨୬।୧୨

ବର୍ତ୍ତମାନର ବ୍ୟସ୍ତ ବହୁଳ ସମୟ ମଧ୍ୟରେ ସବୁବର୍ଗର ଉପଭୋକ୍ତା ଇ କମର୍ସ ଜରିଆରେ କାରବାର କରୁଥିବାବେଳେ ଭୁବନେଶ୍ୱର ସହରର ଉପଭୋକ୍ତା ଅନ୍‌ଲାଇନ ଜରିଆରେ ଦୁଗ୍ଧ ଜାତୀୟ ପଦାର୍ଥର ଅର୍ଡର ସର୍ବାଧିକ ପରିମାଣରେ କରିଥିବା ଜଣାପଡିଛି। ଏପରିକି କୁଇକ୍ କମର୍ସ ଟ୍ରେଣ୍ଡରେ ଏହି ଉତ୍ପାଦର ଏକ ଉଲ୍ଲେଖନୀୟ ଚାହିଦା ଦେଖିବାକୁ ମିଳିଛି।

ସେହିଭଳି ଭୁବନେଶ୍ୱର ସହରରେ କୁଇକ୍ କମର୍ସ ଜରିଆରେ ପ୍ରାୟ ୨ଲକ୍ଷ ୟୁନିଟ୍ ଦୁଗ୍ଧ ଓ କ୍ଷୀର ଜାତୀୟ ପଦାର୍ଥ ସହିତ ଅଣ୍ଡା ଅର୍ଡର କରାଯାଇଛି। ଏପରିକି ଏଠାରେ ଅର୍ଡର କରାଯାଇଥିବା ଶ୍ରେଷ୍ଠ ୫ଟି ସାମଗ୍ରୀ (ଜିନିଷ) ମଧ୍ୟରେ କ୍ଷୀର, ମସଲା ଆଳୁଚିପ୍ସ, ଦହି, ମୃଦୁ ପାନୀୟ ବୋତଲ ଓ ଟମାଟୋ ସାମିଲ ରହିଛି। ସେହିପରି ପର୍ବପର୍ବାଣି ସମୟରେ ମଧ୍ୟ ପ୍ଲାଟ୍‌ଫର୍ମର ଚାହିଦା ଅଧିକ ରହିଛି। ଏପରିକି ସହରବାସୀଙ୍କ ମଧ୍ୟରେ ଅନେକ ସୁବିଧାର ଝଲକ ଏହା ଜରିଆରେ ଦେଖିବାକୁ ମିଳିଥିଲା। ଯେଉଁଥିରେ ଶାଢ଼ି ଏବଂ କୁର୍ତ୍ତା ପରି ଏଥନିକ୍ ପୋଷାକ ପାଇଁ ଉପଭୋକ୍ତମାନେ ସ୍ୱିଗି ଇନ୍‌ଷ୍ଟାମାର୍ଟକୁ ଚୟନ କରିଛନ୍ତି। ଅପରପକ୍ଷରେ ଏହି ସମସ୍ତ ତଥ୍ୟ 'ହାଓ ଇଣ୍ଡିଆ ସ୍ୱିଗିଡ୍ ୨୦୨୪-ସ୍ୱିଗି ଇନ୍‌ଷ୍ଟାମାର୍ଟ ଏଡିସନ'ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏପରିକି ଉତ୍ସବ ପ୍ରସ୍ତୁତି ଏବଂ ପାରମ୍ପରିକ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ବିଳମ୍ବିତ ରାତିର ଭୋଜନ ପର୍ଯ୍ୟନ୍ତ ସମସ୍ତ ଆବଶ୍ୟକତାକୁ ସ୍ୱିଗି ଇନ୍‌ଷ୍ଟାମାର୍ଟ ପୂରଣ କରିଛି। ଏ ସମ୍ପର୍କରେ ସ୍ୱିଗି ଇନ୍‌ଷ୍ଟାମାର୍ଟର ସିଇଓ ଅମିତେଶ ଝା କହିଛନ୍ତି, ଆମର ଏହି ସେବା ଆରମ୍ଭ ହେବା ପରଠାରୁ ଭୁବନେଶ୍ୱର କୁଇକ୍ କମର୍ସର ସୁବିଧା ଆଡ଼କୁ ମୁହାଁଉଛି ବୋଲି ଆମେ ଦେଖିବାକୁ ପାଇଛୁ; ଯେଉଁଥିରେ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀ,ଖେଳନା, ସୌନ୍ଦର୍ଯ୍ୟ, ମେକ୍‌ଅପ୍ ଏବଂ ପର୍ବପର୍ବାଣି ଅତ୍ୟାବଶ୍ୟକ ସାମଗ୍ରୀ ମାତ୍ର ୧୦ ମିନିଟ୍‌ରେ ଉପଲବ୍ଧ ହେଉଛି।

# ବଜାରରେ ସେନହାଇଜର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୬।୧୨

ସେନହାଇଜରର ନୂତନ ଉତ୍ପାଦ 'ପ୍ରୋଫାଇଲ ଓ୍ୱାୟାରଲେସ୍'କୁ ନିକଟରେ ଶୁଭାରମ୍ଭ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହା ଏକ ଟୁ-ଚ୍ୟାନେଲ୍, ୨.୪ଗିଗାହର୍ଜ ୱେୟାରଲେସ୍ ମାଇକ୍ରୋଫୋନ୍ ସିଷ୍ଟମ୍ ହୋଇଥିଲାବେଳେ ଏହାକୁ ମୋବାଇଲ ଫୋନ, କ୍ୟାମେରା କିମ୍ବା କମ୍ପ୍ୟୁଟର ସହ ସଂଯୋଗ କରାଯାଏ ଏବଂ କ୍ଲିପ୍-ଅନ୍ ମାଇକ୍, ହ୍ୟାଣ୍ଡହେଲ୍ଡ ମାଇକ୍, କିମ୍ବା ଟେବୁଲ୍-ଟପ୍ ମାଇକ୍ରୋଫୋନ୍ ଭାବେ ବ୍ୟବହାର କରାଯାଇପାରିବ। ଏଥିରେ ଏକ ମଲ୍ଟିଫଙ୍କସନାଲ ଚାର୍ଜିଂ ବାର୍ ସାମିଲ ରହିଛି, ଯାହା ସିଷ୍ଟମର ପ୍ରମୁଖ ଉପାଦାନଗୁଡ଼ିକୁ ଷ୍ଟୋର୍ ଏବଂ ଚାର୍ଜ କରିଥାଏ ଏବଂ ହ୍ୟାଣ୍ଡହେଲ୍ଡ କିମ୍ବା ଡେସ୍କଟପ୍ ମାଇକ୍ ଭାବେ ଦ୍ୱିଗୁଣିତ ହୋଇଥାଏ। ସେନହାଇଜର ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ତଥା ସେଲ୍ସ ପ୍ରୋ ଅଡିଓର ନିର୍ଦ୍ଦେଶକ ବିପିନ ପୁଙ୍ଗାଲିଆ କହିଛନ୍ତି, ଆଜିର ଡିଜିଟାଲ ମିଡିଆ ଯୁଗରେ ମଧ୍ୟ ଲକ୍ଷ ଲକ୍ଷ କଣ୍ଟେଟ କ୍ରିଏଟର ଏବଂ ସକ୍ରିୟ କଣ୍ଟେଟ ଉପଭୋକ୍ତାଙ୍କ ପାଇଁ ସେନହେଜରର ବହୁମୁଖୀ ମଲ୍ଟି-ଟୁଲ୍ ସବୁସ୍ତରର ନିର୍ମାତାଙ୍କୁ ସଶକ୍ତ କରିବା ସହ ସେମାନଙ୍କ କାର୍ଯ୍ୟପ୍ରବାହକୁ ସରଳ କରିବା ଏବଂ ସେମାନଙ୍କ ଅଡିଓ ଗୁଣବତ୍ତାକୁ ନୂତନ ଉଚ୍ଚତାକୁ ଉନ୍ନତ କରିବା ପାଇଁ ଏହାକୁ ଡିଜାଇନ୍ କରାଯାଇଛି।


# Classified Everyday 0674-2580101, 9692975378


REAL ESTATE
SALE

**Official space & shops (BMC & RERA approved) for sale in a prime location of BBSR. For details please contact: 7605932509.** D-2319

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - **9437581914.** D-76223

Triplex, 10 years old, in Bomikhal, Bhubaneswar inside Gated Community at reasonable price. Call- 8917520527. D-2374

**Ready to move 2 BHK flat for sale @ 22 lakh near Gudiapokhari, Bhubaneswar. Call- 9437631769.** D-2373


**ଅରଢ଼ରେ ଘରବାରି ପ୍ଲଟ୍ ମିଳୁଛି। ତ୍ରିନାଥ ବଜାରଠାରୁ 5Km. ଦୂରତାରେ ସୁଲଭ Priceରେ ପ୍ଲଟ୍ ମିଳେ- 7205626277.** D-2385

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437040045, 9040307584.** D-2391

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9439368599, 8249877810.** D-2392

**4 BHK luxurious flat for sale at Unit-3, Kharavelanagar, back side of Ram Mandir. Handover within 2 months. Please contact: 9438362399.** D-2395

ଭୁବନେଶ୍ୱର AIIMS Medical ପାଖରେ ଘରବାଡ଼ି, Road, ପାଚେରି ଥାଇ ଓ Infocity-2, NHରୁ ମାତ୍ର 500 Meter ଦୂରରେ Plot ମିଳୁଅଛି। No Broker- 9437537549, 9437801541. D-2400




Newly open health benefits spa by expert therapist. Contact: 8280961126. D-76180

Newly open health benefits spa by experience lady therapist. 7750040475. D-76179

Newly open Spa positively Health benefit with expert. Contact: 7847834544. D-2365

AFFIDAVIT

By virtue of an affidavit sworn before Executive Magistrate dated 06.08.2024, I, Suhana Bibi, Address: Shanti Nagar, Unit-4, Bhubaneswar declare that I have changed my name from Chhabilata Behera to Suhana Bibi. Henceforth, I shall be known as Suhana Bibi for all purposes.
Suhana Bibi D-2394

By virtue of an affidavit sworn before the Executive Magistrate, Sonepur, dt. 19.12.24, I, Anandini Sarangi, D/o- Basudev Sarangi, W/o- Dhiren Kumar Bedbak, R/o Bhagabatiplot, Sonepur, P.O./P.S.- Sonepur, Dist.- Subarnapur (Odisha) declare that my actual and correct name is Anandini Sarangi. But in the R.O.R. of Khata No. 777/43 my name has been mentioned as Anandini Bedbak. That, both the names Anandini Sarangi and Anandini Bedbak are one and same person. Now onwards I shall be known as Anandini Sarangi in all respect. D-2367

By virtue of an affidavit sworn before Executive Magistrate, Bhadrak, dated 26.12.2024, I, Nirmal Lenka (47 yrs.), Address, Vill.- Januganj P.O.- Madhabnagar, P.S.- Bhadrak (Town), Dist.- Bhadrak, Pin- 756181, Odisha, declare that I have changed my daughter's name from Jatishri Lenka to Jyotishree Lenka. Henceforth, She shall be known as Jyotishree Lenka for all purposes. D-2397

I, Lipsa Pattanaik, about the age of 42 years, Wife/o- Sibabrata Pattanaik, resident of P201, Trident Galaxy, Kalinga Nagar, Bhubaneswar, Dist. - Khorda, Pin – 751019 Odisha declare by this affidavit No. **Vol-III, SL. No.-1062** dtd 26.12.2024 that now onwards I shall be known as **LIPSA MOHANTY** for all future purposes. D-2399

By virtue of an affidavit vide No.2552 dt.26.12.2024 sworn before the Notary Public, Sohela, I, Akshya Padhan, R/o. Village- Kusurda, P.O.- Panimora, Dist.- Bargarh, Odisha declare that my daughter's name has been wrongly mentioned as Databati Padhan instead of Satyabati Padhan in her Aadhaar Card bearing No.xxxx xxxx 5941. That I have changed her name from Databati Padhan to Satyabati Padhan for all purposes. D-2398

ମନେ ପଡ଼ନ୍ତି



D-2396

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବିଶ୍ୱେଶ୍ୱର ଫୁଡ୍‌ସକୁ ଅଟଳ ଆଚିଭ୍‌ମେଣ୍ଟ ପୁରସ୍କାର

**'ଫାର୍ମ-ବି'କୁ ଚଳିତ ବର୍ଷର ଶ୍ରେଷ୍ଠ ବିଶ୍ୱସନୀୟ ଏଫ୍‌ଏମ୍‌ସିଜି ବ୍ରାଣ୍ଡ୍ ସମ୍ମାନ**

ଭୁବନେଶ୍ୱର,୨୬।୧୨ (ଅଭୟ ଦାଶ)



ଅତିଥିଙ୍କଠାରୁ ରଶ୍ମି ସାହୁ ପୁରସ୍କାର ଗ୍ରହଣ କରୁଛନ୍ତି। ଏହି ଅବସରରେ ବଲିଉଡ ଅଭିନେତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ବିଶ୍ୱେଶ୍ୱର ଫୁଡ୍‌ସ ପ୍ରାଇଭେଟ୍ ଲିମିଟେଡ୍‌କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ 'ଅଟଳ ଆଚିଭ୍‌ମେଣ୍ଟ ପୁରସ୍କାର' ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଟପ୍‌ନୋଚ୍ ଫାଉଣ୍ଡେଶନ୍ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ 'ଅଟଳ ଆଚିଭ୍‌ମେଣ୍ଟ ଆୱାର୍ଡ-୨୦୨୪' ସମ୍ମାନ ସମାରୋହ ଉତ୍ସବରେ ଓଡ଼ିଶାର ଅଗ୍ରଣୀ ଖାଦ୍ୟ ପ୍ରସ୍ତୁତକାରୀ ଉଦ୍ୟୋଗ ତଥା ବିଶ୍ୱେଶ୍ୱର ଫୁଡ୍‌ସର ପ୍ରମୁଖ ବ୍ରାଣ୍ଡ 'ଫାର୍ମ-ବି'କୁ ଚଳିତ ବର୍ଷର ଶ୍ରେଷ୍ଠ ବିଶ୍ୱସନୀୟ ଏଫ୍‌ଏମ୍‌ସିଜି ବ୍ରାଣ୍ଡ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ୍‌ସେ ଏବଂ ଅଭିନେତ୍ରୀ କାଜଲ୍ ଅଗ୍ରୱାଲ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଶ୍ୱେଶ୍ୱର ଫୁଡ୍‌ସର ପ୍ରତିଷ୍ଠାତ୍ରୀ ତଥା ନିର୍ଦ୍ଦେଶିକା ରଶ୍ମି ସାହୁ ଯୋଗଦେଇ ଅତିଥିଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଥିଲେ।

ସେହିଭଳି ଖୁବ୍ କମ୍ ସମୟ ମଧ୍ୟରେ ଫାର୍ମ-ବି ବ୍ରାଣ୍ଡ ଉଭୟ ଘରୋଇ ଓ ଜାତୀୟ ବଜାରରେ ଗ୍ରାହକଙ୍କୁ ନିଆରା ଖାଦ୍ୟ ପଦାର୍ଥ ପ୍ରଦାନକରି ସମସ୍ତଙ୍କର ପ୍ରିୟଭାଜନ ସହ ଲୋକପ୍ରିୟ ହୋଇପାରିଛି। ଅପରପକ୍ଷରେ ଏହି ସଫଳତା ଓ ସମ୍ମାନ ପାଇଁ ରଶ୍ମି ସାହୁ କମ୍ପାନୀର ସମସ୍ତ ସଦସ୍ୟାସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ସହ ଏହି ସମ୍ମାନକୁ ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ସେ ଉତ୍ସର୍ଗୀକୃତ କରିଛନ୍ତି।

# ଚିକିତ୍ସା କ୍ଷେତ୍ରରେ ମଣିପାଲ ହସ୍ପିଟାଲର ନୂଆ ମାଇଲଷ୍ଟୋନ



ଭୁବନେଶ୍ୱର,୨୬।୧୨

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ସ୍ୱାସ୍ଥ୍ୟସେବା ବା ଚିକିତ୍ସା କ୍ଷେତ୍ରରେ ମଣିପାଲ ହସ୍ପିଟାଲ ଏକ ନୂଆ ମାଇଲଷ୍ଟୋନ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଏଚ୍୧ଏନ୍୧ ନିମୋନିଆ ରୋଗରେ ପୀଡ଼ିତ ଜଣେ ୧୯ ବର୍ଷୀୟ ରୋଗୀ ମଣିପାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଥିଲେ। ଏପରିକି ରୋଗୀ ଜଣଙ୍କର ଏକାଧିକ ଅଙ୍ଗ କାମ କରୁ ନ ଥିବା ବେଳେ ସେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ। ରୋଗୀଙ୍କର ଆବଶ୍ୟକ ପରୀକ୍ଷା ନିରୀକ୍ଷା ପରେ ହସ୍ପିଟାଲ ପକ୍ଷରୁ ତାଙ୍କର ଆବଶ୍ୟକ ଚିକିତ୍ସା ସଫଳତାର ସହ କରାଯାଇଥିଲା। ଅପରପକ୍ଷରେ ରୋଗୀ ଜଣକ ଏକାଧିକ ରୋଗ ଓ ଲକ୍ଷଣ ଜ୍ୱର, ଦୀର୍ଘ ସମୟ ଧରି କ୍ରମାଗତ କାଶ, ଅମ୍ଳଜାନସ୍ତର ହ୍ରାସ (ଘର ଭିତରେ ୭୦%) ଓ ରକ୍ତଚାପ ଭଳି ଗୁରୁତର ଲକ୍ଷଣ ସହ ଡାକ୍ତରଖାନାର ଜରୁରିକାଳୀନ ବିଭାଗରେ ସେ ଭର୍ତ୍ତି ହୋଇଥିଲେ।

ଏ ସମ୍ପର୍କରେ ମଣିପାଲ ହସ୍ପିଟାଲରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର କହିଛନ୍ତି, ଏହି ଉଲ୍ଲେଖନୀୟ ସଫଳତା ଉଭୟ ହସ୍ପିଟାଲର କର୍ମଚାରୀ ଓ ସ୍ୱତନ୍ତ୍ର ଚିକିତ୍ସା ଦଳ ପାଇଁ ଆମକୁ ମିଳିଥିଲାବେଳେ ହସ୍ପିଟାଲର ପ୍ରତିବଦ୍ଧତା ଓ ଅତ୍ୟାଧୁନିକ ଭିତ୍ତିଭୂମିକୁ ଏହା ପ୍ରମାଣିତ କରୁଛି। ଏପରିକି ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଟେକନିକ୍ ଓ ବିଶେଷଜ୍ଞଙ୍କ ସମର୍ପିତ ମନୋଭାବକୁ ମଧ୍ୟ ଏହା ଦର୍ଶାଉଛି। ସେହିପରି ଏହି ରୋଗୀଙ୍କ ଜୀବନ ରକ୍ଷା କରିବାରେ ଡା. ବେହେରା ଓ ପୂରା କ୍ରିଟିକାଲ୍ କେୟାର ଟିମ୍‌ଙ୍କର ପ୍ରୟାସ ଓ ପାରଦର୍ଶିତା ପାଇଁ ଆମେ ଗର୍ବିତ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ହସ୍ପିଟାଲର ବରିଷ୍ଠ ପରାମର୍ଶଦାତା, କ୍ରିଟିକାଲ୍ କେୟାର ଡା. ଶରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ରୋଗୀ ଜଣକୁ ତୁରନ୍ତ ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ)କୁ ସ୍ଥାନାନ୍ତର କରାଯାଇଥିଲା। ଏପରିକି ତାଙ୍କୁ ନନ୍-ଇନଭେସିଭ୍ ଭେଣ୍ଟିଲେସନ୍ (ଏନ୍‌ଆଇଭି) ଯୋଗାଇ ଦିଆଯାଇଥିଲା। କିନ୍ତୁ ଅବସ୍ଥା ବିଗୁଡୁଥିବାରୁ ତାଙ୍କୁ ମେକାନିକାଲ୍ ଭେଣ୍ଟିଲେଶନ୍ ଆବଶ୍ୟକ ପଡିଲା। ଫଳରେ ନୋରାଡ୍ରେନାଲିନ୍, ଭାସୋପ୍ରେସିନ୍ ଏବଂ ଆଡ୍ରେନାଲିନ୍ ଭଳି ଭାସୋପ୍ରେସରର ଅଧିକ ମାତ୍ରା ସତ୍ତ୍ୱେ ଅଧିକ ଧମନୀ ଚାପ ବଜାୟ ରଖିବା ଏକ ଚ୍ୟାଲେଞ୍ଜ ଥିଲା।

# ଦିଗ୍‌ଗଜ ଖେଳାଳିଙ୍କ ଅବସର

**ଚଳିତ ବର୍ଷ ଭାରତୀୟ କ୍ରୀଡ଼ାରେ ଅନେକ ଖେଳାଳି ଅବସର ଘୋଷଣା କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ସବୁଠାରୁ ଚର୍ଚ୍ଚାରେ ରହିଥିଲେ ସୁନୀଲ ଛେତ୍ରୀ, ପି.ଆର. ଶ୍ରୀଜେଶ ଓ ରବିଚନ୍ଦ୍ରନ ଅଶ୍ୱିନ। ଛେତ୍ରୀ ଜୁନ୍ ୬ରେ କୁଏଟ୍ ବିପକ୍ଷରେ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳି ୧୯ ବର୍ଷ କ୍ୟାରିୟରର ଅନ୍ତ ଘଟାଇଥିବାବେଳେ ଶ୍ରୀଜେଶ ପ୍ୟାରିସ୍ ଅଲିମ୍ପିକ୍ସ ପରେ ହକିକୁ ଏବଂ ଅଶ୍ୱିନ ଅଷ୍ଟ୍ରେଲିଆରେ ବର୍ଡର-ଗାଭାସ୍କର ଟ୍ରଫି ମଝିରୁ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା ଜଣାଇଥିଲେ...**

## ସୁନୀଲ ଛେତ୍ରୀ

**ଭା**ରତୀୟ ଫୁଟ୍‌ବଲର ପୋଷ୍ଟର ବୟ ତଥା କ୍ୟାପଟେନ୍ ଫାଣ୍ଟାଷ୍ଟିକ ଭାବରେ ପରିଚିତ ସୁନୀଲ ଛେତ୍ରୀ ବର୍ଷର ମଧ୍ୟଭାଗରେ ଅର୍ଥାତ୍ ମେ ୧୬ରେ ଫୁଟବଲରୁ ଅବସର ଘୋଷଣା କରିଥିଲେ। କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମରେ ଜୁନ୍ ୬ରେ ସେ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ ୨ରେ କୁଏଟ୍ ବିପକ୍ଷରେ ନିଜ କ୍ୟାରିୟରର ଶେଷ ମ୍ୟାଚ୍ ଖେଳିଥିଲେ। ଭାରତ ପାଇଁ ଦୀର୍ଘ ୧୯ ବର୍ଷ ଧରି ଫୁଟବଲ ଖେଳିବା ସହ ସେ ସ୍କୋର କରିଛନ୍ତି ୯୪ ଅନ୍ତର୍ଜାତୀୟ ଗୋଲ୍। ଅନ୍ତର୍ଜାତୀୟ ସର୍କିଟରେ କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ପରେ ଛେତ୍ରୀ ଗୋଲ ସ୍କୋର କରିବାରେ ତୃତୀୟ ସ୍ଥାନରେ ରହିଥିଲେ। ୨୦୧୧ରେ ପ୍ରଥମ ଥର ପାଇଁ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିବା ଛେତ୍ରୀ ଦୀର୍ଘ ସମୟ ଧରି ଭାରତୀୟ ଦଳର ନେତୃତ୍ୱ ନେବାର ରେକର୍ଡ ମଧ୍ୟ ନିଜ ନାମରେ ରଖିଛନ୍ତି। ଛେତ୍ରୀ ୫ ଫୁଟ ୭ ଇଞ୍ଚ ଉଚ୍ଚତା ବିଶିଷ୍ଟ ହୋଇଥିଲେ ମଧ୍ୟ ନିଜ ଅସାଧାରଣ ଦକ୍ଷତା ବଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସେ ସମର୍ଥ ହୋଇଥିଲେ। ଭାରତ ପାଇଁ ୧୫୧ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି ଛେତ୍ରୀ। ୨୦୦୫ରେ ପାକିସ୍ତାନ ବିପକ୍ଷରେ ପଦାର୍ପଣ କରିଥିବା ଛେତ୍ରୀ ମାର୍ଚ୍ଚ ମାସରେ ଆଫଗାନିସ୍ତାନ ବିପକ୍ଷରେ ୧୫୦ତମ ମ୍ୟାଚ୍ ଖେଳିଥିଲେ। ସିକନ୍ଦରାବାଦରେ ଜନ୍ମିତ ଛେତ୍ରୀ ଭାରତ ପାଇଁ ଅସୀମିତ ସଫଳତା ଅର୍ଜନ କରିଛନ୍ତି। ୨୦୦୭, ୨୦୦୯ ଓ ୨୦୧୨ରେ ସେ ଭାରତକୁ ନେହେରୁ କପ୍ ଓ ୨୦୧୧, ୨୦୧୫ ଓ ୨୦୨୧ରେ ସାଫ୍ ଚାମ୍ପିୟନଶିପ୍‌ରେ ବିଜୟୀ କରିଥିଲେ। ୨୦୦୮ରେ ଏଏଫ୍‌ସି ଚ୍ୟାଲେଞ୍ଜ କପ୍ ବିଜୟୀ ହୋଇ ୨୭ ବର୍ଷ ପରେ ଏଏଫ୍‌ସି ଏସିଆନ୍ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ୨୦୦୨ରେ ମୋହନବାଗାନ ପକ୍ଷରୁ ନିଜ କ୍ଲବ କ୍ୟାରିୟର ଆରମ୍ଭ କରିଥିଲେ। ଏହା ସହ ସେ ଇଷ୍ଟବେଙ୍ଗଲ, ଡେମ୍ପୋ, ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ପକ୍ଷରୁ ଖେଳିଥିଲେ। ୨୦୧୦ରେ ମେଜର ଲିଗ୍ ସକ୍କରରେ କାନ୍‌ସାସ ସିଟି ୱିଜାର୍ଡସ ପକ୍ଷରୁ ୨୦୧୦ରେ ଖେଳିଥିଲେ। ସେହିପରି ପର୍ତ୍ତୁଗୀଜ ଫୁଟବଲ ଲିଗ୍‌ରେ ସେ ସ୍ପୋର୍ଟିଂ ସିପି ପାଇଁ ଖେଳିଥିଲେ। ନିଜ କ୍ୟାରିୟରରେ ୭ ଥର ଏଆଇଏଫ୍ଏଫ୍ ପକ୍ଷରୁ ଶ୍ରେଷ୍ଠ ଫୁଟବଲର ହୋଇଥିଲେ ଛେତ୍ରୀ। କ୍ଲବ୍ ଫୁଟବଲରେ ବେଙ୍ଗାଲୁରୁ ଏଫ୍‌ସି ସହ ଛେତ୍ରୀଙ୍କୁ ମିଳିଥିଲା ସବୁଠୁ ଅଧିକ ସଫଳତା। ୨୦୧୪ ଓ ୨୦୧୬ରେ ସେ ବେଙ୍ଗାଲୁରୁ ଏଫ୍‌ସି ସହ ଆଇ ଲିଗ୍ ଚାମ୍ପିୟନ ହୋଇଥିଲେ। ୨୦୧୮ରେ ସୁପର୍ କପ୍, ୨୦୧୯ରେ ଆଇଏସ୍ଏଲ୍ ଜିତିବା ସହ ୨୦୧୬ରେ ଏଏଫ୍‌ସି କପ୍ ଫାଇନାଲ ଖେଳିଥିଲା ବେଙ୍ଗାଲୁରୁ ଏଫ୍‌ସି।

୨୦୦୫ରେ ସିନିୟର ସ୍ତରରେ ପ୍ରଥମ ଥର ଭାରତ ପକ୍ଷରୁ ଖେଳିବାକୁ ସୁଯୋଗ ପାଇଥିବା ବେଳେ ଏହା ତାଙ୍କ ପାଇଁ ସ୍ମରଣୀୟ ମୁହୂର୍ତ୍ତ ବୋଲି କହିଥିଲେ ଛେତ୍ରୀ। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ସେ ସମୟର କୋଚ୍ ସୁଖୱିନ୍ଦର ସିଂ ଯେତେବେଳେ ଭାରତୀୟ ଜର୍ସି ପ୍ରଦାନ କଲେ ସେ ସମୟର ଭାବନା ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଥିଲେ।



## 'ଦ ୱାଲ୍' ଶ୍ରୀଜେଶ୍

**ଭା**ରତୀୟ କ୍ରିକେଟରେ 'ଦ ୱାଲ୍' ଭାବରେ ରାହୁଲ ଦ୍ରାବିଡ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ସମାନ ଭାବରେ ଭାରତୀୟ ହକିକୁ ମଧ୍ୟ ଆଉ ଏକ ପ୍ରାଚୀର ବିଭିନ୍ନ ସମୟରେ ରକ୍ଷା କରି ଆସିଥିଲା। ଏହି ଖେଳାଳିଙ୍କ ଗୋଲ କିପିଙ୍ଗ ଦକ୍ଷତା ବିଶ୍ୱର ଶ୍ରେଷ୍ଠ ଡ୍ରାଗ୍ ଫ୍ଲିକର ଓ ଫରୱାର୍ଡ ଖେଳାଳିଙ୍କୁ ହତବାକ୍ କରିଥିଲା। ସେ ହେଲେ ପରାଟ୍ଟୁ ରବୀନ୍ଦ୍ରନ ଶ୍ରୀଜେଶ୍। ଚାପର ବଶବର୍ତ୍ତୀ ନ ହୋଇ ସର୍ବଦା ଦଳକୁ ଜିତାଇବାକୁ ପ୍ରୟାସ କରୁଥିବା ଏହି ଭାରତୀୟ ହକି ଗୋଲକିପର ଚଳିତ ବର୍ଷ ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରିଛନ୍ତି। ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଦଳକୁ ବ୍ରୋଞ୍ଜ ପଦକ ଜିତାଇ ଗର୍ବର ସହ ଅନ୍ତର୍ଜାତୀୟ କ୍ୟାରିୟରକୁ ଅଲବିଦା ଜଣାଇଛନ୍ତି। ନିଜ ସମୟରେ ସେ କେବଳ ଭାରତର ନୁହନ୍ତି ବରଂ ବିଶ୍ୱର ଶ୍ରେଷ୍ଠ ଗୋଲ କିପର ଭାବରେ ବିବେଚିତ ହେଉଥିଲେ। ଭାରତୀୟ ହକି ଦଳ ଅଲିମ୍ପିକ୍ସରେ ଦୀର୍ଘ ୪୧ ବର୍ଷ ପରେ ଏକ ପଦକ ପାଇଥିବା ବେଳେ ଏଥିରେ ଶ୍ରୀଜେଶଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା।

କେରଳର କୋଚିରେ ଶ୍ରୀଜେଶଙ୍କ ଜନ୍ମ। ଆରମ୍ଭରୁ ଅଧିକ ଉଚ୍ଚତା କାରଣରୁ କ୍ରୀଡା ପ୍ରତି ବେଶ ଆଗ୍ରହୀ ଥିଲେ। ଏକ କୃଷକ ପରିବାରରୁ ଆସିଥିଲେ ମଧ୍ୟ କ୍ରୀଡା ପ୍ରତି ରହିଥିଲା ଅହେତୁକ ଦୁର୍ବଳତା। ଆରମ୍ଭରୁ ସ୍ପ୍ରିଣ୍ଟର ରହିଥିବା ଶ୍ରୀଜେଶ୍ ୧୨ ବର୍ଷ ବୟସ ଯାଏ ଲଙ୍ଗ ଜମ୍ପ ଓ ଭଲିବଲ ପ୍ରତି ଆକର୍ଷିତ ଥିଲେ। ୧୨ ବର୍ଷ ବୟସରେ ଥିରୁଭାନନ୍ତପୁରମ ସ୍ଥିତ ଜି.ଭି. ରାଜା ସ୍ପୋର୍ଟ୍ସ ସ୍କୁଲରେ ନାମ ଲେଖାଇବା ପରେ ଶ୍ରୀଜେସଙ୍କ ଭାଗ୍ୟ ବଦଳି ଯାଇଥିଲା। ସେଠାରେ ଜଣେ କୋଚ୍‌ଙ୍କ ପରାମର୍ଶ କ୍ରମେ ଗୋଲ କିପିଙ୍ଗ୍ ବାଛିଥିଲେ ଯାହା ପରବର୍ତ୍ତୀ ସମୟରେ ଏକ କ୍ୟାରିୟର ଚେଞ୍ଜିଂ ନିଷ୍ପତ୍ତି ସାବ୍ୟସ୍ତ ହୋଇଥିଲା। ବିଖ୍ୟାତ ହକି କୋଚ୍ ଜୟକୁମାରଙ୍କ ସଂସ୍ପର୍ଶରେ ଆସିବା ପରେ ଶ୍ରୀଜେଶ ପ୍ରଫେଶନାଲ ପାଲଟି ଯାଇଥିଲେ। ପ୍ରଥମେ ସ୍କୁଲ ଦଳ ପାଇଁ ଗୋଲ କିପିଂ କରୁଥିବା ବେଳେ ପରବର୍ତ୍ତୀ ସମୟରେ ନେହେରୁ କପ ଖେଳିଥିଲେ।

୨୦୦୪ରେ ଶ୍ରୀଜେଶ୍ ପ୍ରଥମ ଥର ପାଇଁ ଜୁନିୟର ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ସେ ପଦାର୍ପଣ କରିଥିଲେ। ପରେ ୨୦୦୬ରେ ସିନିୟର ଦଳରେ ପଦାର୍ପଣ କରିଥିଲେ। ତେବେ ଆଡ୍ରିଆନ ଡି ସୌଜା ଓ ଭରତ ଛେତ୍ରୀଙ୍କ ପରି ସିନିୟର ଗୋଲକିପରଙ୍କ ଉପସ୍ଥିତିରେ ଶ୍ରୀଜେଶଙ୍କୁ ସୁଯୋଗ ମିଳୁ ନ ଥିଲା। ୨୦୧୧ରେ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପାକିସ୍ତାନ ବିପକ୍ଷରେ ଦୁଇଟି ପେନାଲ୍ଟି ଷ୍ଟ୍ରୋକ୍ ରୋକିବା ସହ ଭାରତକୁ ଚାମ୍ପିୟନ କରିବା ପରେ ଶ୍ରୀଜେଶ ଏକ ନିୟମିତ ସଦସ୍ୟ ପାଲଟି ଯାଇଥିଲେ। ୨୦୧୩ ଏସିଆ କପ୍‌ରେ ଭାରତ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ଶ୍ରୀଜେଶଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଗୋଲକିପର ଭାବରେ ସମ୍ମାନିତ କରାଯାଇଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ, ୨୦୧୪ ବିଶ୍ୱକପ ଓ ଏସିଆନ୍ ଗେମ୍ସ ଦଳର ସଦସ୍ୟ ରହିଥିଲେ ଶ୍ରୀଜେଶ। ପାକିସ୍ତାନ ବିପକ୍ଷ ଫାଇନାଲରେ ସେ ଦୁଇଟି ପେନାଲ୍ଟି ରୋକିଥିବା ବେଳେ ଭାରତ ଚାମ୍ପିୟନ ହୋଇଥିଲା। ସେହିପରି ୨୦୧୪ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ସେ ଗୋଲ୍ କିପର ଅଫ ଦ ଟୁର୍ନାମେଣ୍ଟ ହୋଇଥିଲେ। ୨୦୧୬ରେ ସର୍ଦ୍ଦାର ସିଂଙ୍କ ଠାରୁ ସେ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ଗ୍ରହଣ କରିଥିଲେ। ସମାନ ବର୍ଷରେ ଭାରତ ଲଣ୍ଡନରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ରିଓ ଅଲିମ୍ପିକ୍ସରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।





## ରବିଚନ୍ଦ୍ରନ ଅଶ୍ୱିନ



**ଅ**ଷ୍ଟ୍ରେଲିଆରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ମଧ୍ୟଭାଗରେ ହଠାତ୍ ଅବସର ଘୋଷଣା କରି ସମସ୍ତଙ୍କୁ ଚକିତ କରିଥିଲେ ଭାରତୀୟ ଦଳର ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ଭାରତ ପକ୍ଷରୁ ୧୦୬ ଟେଷ୍ଟ ଖେଳି ଅଶ୍ୱିନ ୫୩୭ ଅନ୍ତର୍ଜାତୀୟ ଉଇକେଟ ନେଇଛନ୍ତି। ଅନିଲ କୁମ୍ବଲେ (୬୧୯)ଙ୍କ ପରେ ଭାରତର ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀର ମାନ୍ୟତା ପାଉଥିବା ଏହି ମହାନ ଖେଳାଳି ୩୮ ବର୍ଷରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ହେଁ ଘରୋଇ କ୍ରିକେଟ ଓ କ୍ଲବ କ୍ରିକେଟ ଖେଳିବା ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି। ଏହା ସହ ଆସନ୍ତା ବର୍ଷ ଚେନ୍ନାଇ ସୁପର କିଙ୍ଗ୍ସ ପକ୍ଷରୁ ଆଇପିଏଲ ଖେଳିବେ ବୋଲି ସ୍ପଷ୍ଟ କରିଛନ୍ତି।

ସୂଚନା ଅନୁସାରେ ଅବସରର କିଛି ଘଣ୍ଟା ପୂର୍ବରୁ ଅଶ୍ୱିନ ଓ ବିରାଟ କୋହଲିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହା ପରେ ଏକ ଖବରଦାତା ସମ୍ମିଳନୀରେ ସେ ଅବସର ଘୋଷଣା କରିଥିଲେ। ସେଠାରୁ ଫେରି ଭାରତୀୟ ଦଳର ଡ୍ରେସିଂ ରୁମ୍‌ରେ ପହଞ୍ଚି ସାଥି ଖେଳାଳି ମାନଙ୍କୁ ଆଲିଙ୍ଗନ କରିଥିଲେ। ଅଶ୍ୱିନ ଭାରତ ପାଇଁ ୧୧୬ ଦିନିକିଆରୁ ୧୫୬ ଓ ୬୫ ଟି୨୦ ମ୍ୟାଚ୍‌ରୁ ୭୨ ଉଇକେଟ ନେଇଛନ୍ତି। ସେ ୨୦୦୯ରେ ଟେଷ୍ଟ ଓ ୨୦୧୦ରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ। ଅଶ୍ୱିନ ନିଜ ବିଦାୟୀ ଅଭିଭାଷଣରେ ବିରାଟ କୋହଲି, ଗୌତମ ଗମ୍ଭୀର ଓ ରୋହିତ ଶର୍ମାଙ୍କୁ ପ୍ରଶଂସା କରିଥିଲେ। ଅବସର ସମୟରେ ସମସ୍ତ ସାଥୀ ଖେଳାଳିଙ୍କ ନାମ ନେବା ସମ୍ଭବ ନୁହେଁ। ମାତ୍ର ରୋହିତ, ବିରାଟ, ଅଜିଙ୍କ୍ୟ ରାହାନେ ଓ ଚେତେଶ୍ୱର ପୂଜାରା ମୋ ବଲ୍‌ରେ ୧୦୦ରୁ ଅଧିକ କ୍ୟାଚ୍ ଧରିଥିବାରୁ ସେମାନଙ୍କ ନାମ ମୁଁ ନିଶ୍ଚୟ ନେବାକୁ ଚାହିଁବି ବୋଲି କହିଥିଲେ।

ଅଶ୍ୱିନଙ୍କ ଅବସର ନିଷ୍ପତ୍ତିରେ ଭାବବିହ୍ୱଳ ହୋଇଥିଲେ ତାରକା ଖେଳାଳି ବିରାଟ କୋହଲି। ''ତୁମ ସହ ୧୪ ବର୍ଷ ସାଥୀ ହୋଇ ଖେଳିଛି। ଆଜି ଯେତେବେଳେ ତୁମ ଅବସର ନିଷ୍ପତ୍ତି ସମ୍ପର୍କରେ ଶୁଣିଲି ଏହା ମୋତେ ଭାବବିହ୍ୱଳ କରି ଦେଇଛି। ଏତେ ବର୍ଷ ସାଥୀ ହୋଇ ଖେଳିବାର ସ୍ମୃତିଗୁଡିକ ମୋ ସାମ୍ନାକୁ ଆସି ଯାଇଛି। ମ୍ୟାଚ ଜିତାଇବାର ଦକ୍ଷତା ପାଇଁ ତୁମେ ସର୍ବଦା ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଭାବରେ ରହିବ'' ବୋଲି କୋହଲି ଏକ୍ସରେ ପୋଷ୍ଟ କରିଛନ୍ତି। ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଲେଖିଥିଲେ ଯେ, ''ଜଣେ ଯୁବ ବୋଲରରୁ ଆଧୁନିକ ଯୁଗର କିମ୍ବଦନ୍ତୀ ଭାବରେ ଦେଖିବାର ସୌଭାଗ୍ୟ ଅର୍ଜନ କରିଥିବାରୁ ମୁଁ ଗର୍ବିତ। ବୋଲିଂକୁ କ୍ୟାରିୟର କରିବା ପାଇଁ ତୁମ ପ୍ରଦର୍ଶନ ଏକାଧିକ ପିଢ଼ିକୁ ପ୍ରେରଣା ଯୋଗାଇବ। ତୁମକୁ ଭାରତୀୟ କ୍ରିକେଟ ସର୍ବଦା ମିସ୍ କରିବ''। ପୂର୍ବତନ ଭାରତୀୟ କ୍ରିକେଟ ଦଳ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ମଧ୍ୟ ଅଶ୍ୱିନଙ୍କୁ ପ୍ରଶଂସା କରିଛନ୍ତି। ''ଏକ ଚମତ୍କାର କ୍ୟାରିୟରର ଶେଷ ପାଇଁ ତୁମକୁ ଧନ୍ୟବାଦ। ମୋ ସମୟରେ ତୁମେ ଜଣେ ଚମତ୍କାର ଖେଳାଳି ଥିଲ। ନିଜ ଦକ୍ଷତା ବଳରେ ତୁମେ ଅନେକ କିଛି ସମ୍ଭବ କରି ପାରିଥିଲ'' ବୋଲି ଶାସ୍ତ୍ରୀ ଲେଖିଛନ୍ତି।

ଟେଷ୍ଟରେ ଭାରତର ସର୍ବାଧିକ ଉଇକେଟ ହାସଲକାରୀ ଅନିଲ କୁମ୍ବଲେ ମଧ୍ୟ ଅଶ୍ୱିନଙ୍କ ପ୍ରଶଂସା ନ କରି ରହିପାରି ନାହାନ୍ତି। ''ଟେଷ୍ଟ କ୍ରିକେଟରେ ୫୦୦ରୁ ଅଧିକ ଉଇକେଟ ନେଇଥିବାରୁ ତୁମ କ୍ରିକେଟିଂ ବ୍ରେନ୍ ଅତ୍ୟନ୍ତ ଚମତ୍କାର। ଏକ ଚମତ୍କାର କ୍ୟାରିୟରର ସମାପ୍ତିରେ ତୁମକୁ ଶୁଭେଚ୍ଛା''। ସେହିପରି ଅଜିଙ୍କ୍ୟ ରାହାନେ ଲେଖିଛନ୍ତି ଯେ, ''ତୁମ ପରି ବୋଲରଙ୍କ କାରଣରୁ ସ୍ଲିପ୍‌ରେ ଫିଲ୍ଡିଂ କରିବାରେ ଆଦୌ ବୋରିଙ୍ଗ ଲାଗି ନ ଥାଏ। ଜୀବନର ଅନ୍ୟ ଏକ ଅଧ୍ୟାୟକୁ ସ୍ୱାଗତ''। ଟେଷ୍ଟରେ ଭାରତର ଚତୁର୍ଥ ସର୍ବାଧିକ ଉଇକେଟ ହାସଲକାରୀ ହରଭଜନ ସିଂ, ଅଲ୍‌ରାଉଣ୍ଡର ଯୁବରାଜ ସିଂହ ପୂର୍ବତନ ଉଇକେଟ କିପର ଦୀନେଶ କାର୍ତ୍ତିକ, ସୁରେଶ ରାଇନା, ମହମ୍ମଦ କୈଫ୍ ମଧ୍ୟ ଅଶ୍ୱିନଙ୍କ ପ୍ରଶଂସାରେ ଶତମୁଖ ହୋଇଥିଲେ।

---

**ଆଉ ମାତ୍ର ହାତ ଗଣତି କେତୋଟି ଦିନପରେ ବିଦାୟ ନେବ ୨୦୨୪। ଏହି ବର୍ଷ କ୍ରୀଡ଼ା ଜଗତରେ ଅନେକ ସ୍ମରଣୀୟ ସ୍ମୃତି ଛାଡ଼ିଯାଇଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଥିବାରୁ ଚଳିତ ବର୍ଷ ଓଡ଼ିଶାରେ ଅନେକ ବଡ଼ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ବର୍ଷ ଆରମ୍ଭରୁ ଜିମ୍ନାଷ୍ଟିକ୍ସରୁ ଏହା ଶେଷ ଭାଗରେ ବ୍ୟାଡ୍‌ମିଣ୍ଟନ ପର୍ଯ୍ୟନ୍ତ ଲମ୍ବିଥିଲା...**

# ସଫଳ ଆୟୋଜନ
# ଜିମ୍ନାଷ୍ଟିକ୍ସରୁ ବ୍ୟାଡ୍‌ମିଣ୍ଟନ

**ବ**ର୍ଷର ପ୍ରଥମ ଭାଗରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା ଜାତୀୟ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପ୍। ସେହିପରି କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ଅଲ୍‌ଟିମେଟ ଖୋ ଖୋ। ଗୁଜରାଟ ଜାଏଣ୍ଟ୍ସ ୩୧-୨୬ ପଏଣ୍ଟରେ ଚେନ୍ନାଇ କୁଇକ୍ ଗନ୍ସକୁ ପରାସ୍ତ କରି ଚାମ୍ପିୟନ ହୋଇଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ତୃତୀୟ ସ୍ଥାନ ହାସଲ କରିଥିଲା। ଅନ୍ୟ ଇଭେଣ୍ଟଗୁଡ଼ିକ ମଧ୍ୟରେ ଜାନୁଆରୀରେ କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟବଲ ଓ ଆକ୍ୱାଟିକ୍ ସେଣ୍ଟରରେ ଖେଲୋ ଇଣ୍ଡିଆ ଜୁନିୟର ଓମେନ୍ସ ସିରିଜ-ଅନୁଷ୍ଠିତ ହୋଇଥିଲା। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ ଏବଂ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଆୟୋଜିତ ୧୮ବର୍ଷରୁ କମ୍ ଏବଂ ୧୫ ବର୍ଷରୁ କମ୍ ବୟସ ବର୍ଗ ଇଭେଣ୍ଟରେ ଓଡ଼ିଶା, ବିହାର, ମଧ୍ୟପ୍ରଦେଶ ଓ ଛତିଶଗଡ଼ରୁ ସନ୍ତରଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଫେବୃଆରୀରେ କଳିଙ୍ଗ ଷ୍ଟାଡିୟମ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ ଏବଂ କଳିଙ୍ଗରେ ୨୭ତମ ଜାତୀୟ ଫେଡେରେଶନ କପ୍ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ସ୍ମରଣୀୟ ସ୍ମୃତି ଛାଡ଼ିଥିଲା। ଜୁଲାଇରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଜଳକ୍ରୀଡ଼ା କେନ୍ଦ୍ରରେ ସବ୍-ଜୁନିୟର ଓ ଜୁନିୟର ସନ୍ତରଣ, ଅକ୍ଟୋବରରେ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ନଭେମ୍ବରରେ ଟେନିସ କମ୍ପ୍ଲେକ୍ସରେ ଏମ୍୨୫ ଭୁବନେଶ୍ୱର ଆଇଟିଏଫ୍ ୱାର୍ଲ୍ଡ ଟେନିସ ଟୁର୍-ଆଦି ଆୟୋଜିତ ହୋଇଛି। ସେହିପରି ଡିସେମ୍ବରରେ କଳିଙ୍ଗରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଏବଂ କଟକ ଜବହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ରେ ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି।



## ଶୁଭ୍ରାଂଶୁଙ୍କୁ ନିଆରା ଅନୁଭୂତି

**ଗ**ତ ସିଜନରେ ଓଡ଼ିଶା କ୍ରିକେଟରେ ନିରାଶା ଛାଇ ଯାଇଥିଲା। କେତେଜଣ ଖେଳାଳି ବ୍ୟକ୍ତିଗତଭାବେ କେତେକ ଭଲ ଇନିଂସ ଖେଳିଥିଲେ ହେଁ ପ୍ରଦର୍ଶନରେ ସ୍ଥିରତା ରହି ନ ଥିଲା। କୌଣସି ଜଣେ ହେଲେ ଖେଳାଳିଙ୍କ ନାମ ଆଇପିଏଲ୍ ନିଲାମିରେ ସାମିଲ ନ ଥିଲା। ତେବେ ରାଜ୍ୟ ବାହାରେ ମଧ୍ୟ ପ୍ରଦେଶ ପକ୍ଷରୁ ଖେଳି ନିଆରା ଅନୁଭୂତି ଲାଭ କରିଛନ୍ତି ନିର୍ଭରଯୋଗ୍ୟ ଶୁଭ୍ରାଂଶୁ ସେନାପତି। ପ୍ରଥମ ଓଡ଼ିଆ ଖେଳାଳି ଭାବରେ ସେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟର ଫାଇନାଲ ଖେଳିଛନ୍ତି। ମୁମ୍ବାଇ ନିକଟରୁ ହାରି ମଧ୍ୟପ୍ରଦେଶ ରନର ଅପ୍ ରହିଥିବା ବେଳେ ଶୁଭ୍ରାଂଶୁ ଫାଇନାଲରେ ୧୬ ବଲ୍‌ରୁ ୨୩ ରନ୍ ସ୍କୋର କରିଥିଲେ। ସେ ଏହି ପ୍ରତିଯୋଗିତାରେ ୧୦ ମ୍ୟାଚ ଖେଳି ଗୋଟିଏ ଅର୍ଦ୍ଧଶତକ ସହାୟତାରେ ୨୫୪ ରନ ସଂଗ୍ରହ କରିଥିଲେ। ତେବେ ମଧ୍ୟପ୍ରଦେଶକୁ ଫାଇନାଲରେ ପହଞ୍ଚାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା।

## ହକି ଇଣ୍ଡିଆ ମହିଳା ଲିଗ୍‌ରେ ଓଡ଼ିଶା

**ଦୀ**ର୍ଘ ୭ ବର୍ଷର ବ୍ୟବଧାନରେ ହେବାକୁ ଯାଉଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ଓଡ଼ିଶାଭିତ୍ତିକ ମହିଳା ଓ ପୁରୁଷ ଦଳ ଅଂଶଗ୍ରହଣ କରିବ। ପୁରୁଷ ବର୍ଗରେ ବେଦାନ୍ତ ଏବଂ ମହିଳାରେ ନାଭୋୟମ ସ୍ପୋର୍ଟ୍ସ ଭେଞ୍ଚର୍ସ ପ୍ରାଇଭେଟ ଲିମିଟେଡ୍ ଓଡ଼ିଶା ଦଳର ଫ୍ରାଞ୍ଚାଇଜ୍ ମାଲିକ ରହିଛନ୍ତି। ଟିମ୍ ଗୋନାସିକା ନାମରେ ଅଂଶଗ୍ରହଣ କରିବାକୁ ଯାଉଥିବା ଜାମସେଦପୁରଭିତ୍ତିକ ଦଳର ମାଲିକ ହେଉଛନ୍ତି ଓଡ଼ିଶାର ତାରିଣୀ ପ୍ରସାଦ ମହାନ୍ତି।

## ଓଡ଼ିଶା ଏଫ୍‌ସି ଚାମ୍ପିୟନ

**ଅ**ନ୍ତିମ ଲିଗ୍ ମ୍ୟାଚ୍‌ରେ କିକ୍ ଷ୍ଟାର୍ଟ ଏଫ୍‌ସିକୁ ୬-୦ ଗୋଲ୍‌ରେ ପରାସ୍ତ କରି ଇଣ୍ଡିଆନ୍ ଓମେନ୍ସ ଲିଗ୍(ଆଇଡବ୍ଲ୍ୟୁଏଲ୍)ରେ ଚାମ୍ପିୟନ ହୋଇଥିଲା ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ଦ୍ୱିତୀୟ ଥର ଆଇଡବ୍ଲ୍ୟୁଏଲ୍‌ରେ ଅଂଶଗ୍ରହଣ କରିଥିବା ଓଏଫ୍‌ସି ୧୨ ମ୍ୟାଚ୍‌ରୁ ୧୦ ବିଜୟ ସହିତ ୩୧ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନରେ ରହିଥିଲା। ଓଏଫ୍‌ସି ପ୍ରଥମ ଥର ଟାଇଟଲ ଜିତିବା ସହ ଏଏଫ୍‌ସି କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା।

## ଲିଜେଣ୍ଡ୍ସ ଲିଗ୍‌ରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା

**ଲି**ଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ସଂସ୍କରଣ ଗତ ସେପ୍ଟେମ୍ବରରେ ରାଜସ୍ଥାନର ଯୋଧପୁରରେ ଆରମ୍ଭ ହୋଇଥିଲା। ଏଥିରେ ପ୍ରଥମଥରପାଇଁ ସାମିଲ ହେଇଥିଲା ଓଡ଼ିଶାଭିତ୍ତିକ ଫ୍ରାଞ୍ଚାଇଜ୍ ଦଳ 'କୋଣାର୍କ ସୂର୍ଯ୍ୟସ ଓଡ଼ିଶା'। ପଦାର୍ପଣରେ ଦମ୍ ଦେଖାଇ ଫାଇନାଲରେ ପହଞ୍ଚିଥିଲା କୋଣାର୍କ ସୂର୍ଯ୍ୟସ। ସଦର୍ନ ସୁପର ଷ୍ଟାର୍ସ ବିପକ୍ଷ ମ୍ୟାଚକୁ ଟାଇ ରଖିବା ପରେ ସୁପର ଓଭରରେ ପରାଜିତ ହୋଇ ରନରଅପ୍ ହୋଇଥିଲା ଓଡ଼ିଶାଭିତ୍ତିକ ଏହି ଦଳ।



ଆଇଡବ୍ଲ୍ୟୁଏଲ୍ ଚାମ୍ପିୟନ ଓଡ଼ିଶା ଏଫ୍‌ସି ଦଳ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୨୭/୨୦୨୪ Bhubaneswar, Friday, December 27/ 2024

# ଅଷ୍ଟ୍ରେଲିଆ ଟପ୍ ଅର୍ଡର ପ୍ରଭାବୀ

**ମେଲବୋର୍ନ, ୨୬।୧୨**


ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଚଳିତ ସିରିଜର ଚତୁର୍ଥ କ୍ରିକେଟ ଟେଷ୍ଟ ଗୁରୁବାର ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅଷ୍ଟ୍ରେଲିଆ ଟପ୍ ଅର୍ଡର ପ୍ରଭାବୀ ପ୍ରଦର୍ଶନ କରିଥିବାବେଳେ ଘଡ଼ିସନ୍ଧି ମୁହୂର୍ତ୍ତରେ ଯଶପ୍ରୀତ୍ ବୁମ୍‌ରାଙ୍କ ମ୍ୟାଜିକ୍ ବୋଲିଂ ଭାରତ ପାଇଁ ଆଶା ଉଜ୍ଜୀବିତ ରଖିଛି। ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଅଷ୍ଟ୍ରେଲିଆ ୬ ଉଇକେଟ ହରାଇ ୩୧୧ ରନ ସଂଗ୍ରହ କରିଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଘରୋଇ ଦଳର ଅଧିନାୟକ ପ୍ୟାଟ୍ କମିନ୍ସ। ଅଷ୍ଟ୍ରେଲିଆର ୪୬୮ତମ ଖେଳାଳିଭାବେ ଟେଷ୍ଟ ପଦାର୍ପଣ କରିଥିଲେ ୧୯ ବର୍ଷୀୟ ନ୍ୟୁ ସାଉଥ୍ ୱେଲ୍ସ ଖେଳାଳି ସାମ୍ କୋନଷ୍ଟାସ। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ୮୦,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକଙ୍କ ଉପସ୍ଥିତିରେ ଉସ୍‌ମାନ ଖ୍ୱାଜା ଓ କୋନ୍‌ଷ୍ଟାସ ଇନିଂସ ଓପନ କରିଥିଲେ। ପଦାର୍ପଣରେ ସାହସିକ ପ୍ରଦର୍ଶନ କରିଥିଲେ କୋନ୍‌ଷ୍ଟାସ। ସେ ଓ ଉସ୍‌ମାନ ଖ୍ୱାଜା ଓପନିଂ ଯୋଡ଼ିରେ ୮୯ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରିଥିବା କୋନ୍‌ଷ୍ଟାସ ୬୫ ବଲ୍‌ରୁ ୬୦ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଟି୨୦ ଷ୍ଟାଇଲ୍‌ର ଝଲକ ଦେଖାଇଥିବା ଏହି ଯୁବ ଓପନର ନିଜ ଇନିଂସ ମଧ୍ୟରେ ୬ ଚୌକା ଓ ୨ ଛକା ମାରିଥିଲେ। ଖ୍ୱାଜା ମଧ୍ୟ ଅର୍ଦ୍ଧଶତକ ପୂରଣ କରି ୫୭ ରନ ସ୍କୋର କରିଥିଲେ। କେବଳ ସେତିକି ନୁହେଁ, ଦଳର ୩ ନମ୍ବର ବ୍ୟାଟର ମାର୍ନସ ଲାବୁସେନ ଓ ୪ ନମ୍ବର ଷ୍ଟିଭ୍ ସ୍ମିଥ୍ ମଧ୍ୟ ଚମତ୍କାର ଖେଳିଥିଲେ। ତୃତୀୟ ଉଇକେଟରେ ୮୩ ରନ ଯୋଗ ହେବାପରେ ଲାବୁସେନଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ୱାଶିଂଟନ ସୁନ୍ଦର। ଲାବୁସେନ ୭୨ ରନ କରିଥିଲେ। ଏହାପରେ ଟ୍ରାଭିସ ହେଡ୍ (୦) ଓ ମିଚେଲ ମାର୍ଶ (୪)ଙ୍କୁ ଆଉଟ କରି ଅଷ୍ଟ୍ରେଲିଆର ମିନି ବିପର୍ଯ୍ୟୟ ଘଟାଇଥିଲେ ବୁମ୍‌ରା। ଫଳରେ ଏକଦା ୨ ଉଇକେଟ ହରାଇ ୨୩୭ ରନ କରିଥିବା ଅଷ୍ଟ୍ରେଲିଆ ସ୍କୋର ୨୪୬/୫ ହୋଇ ଯାଇଥିଲା। ସ୍ମିଥ୍‌ଙ୍କ ସହ ଆଲେକ୍ସ କାରେ ଯୋଗଦେଇ ଇନିଂସ ସମ୍ଭାଳି ନେଇଥିଲେ। ଦୁହେଁ ୬ଷ୍ଠ ଉଇକେଟରେ ୫୩ ରନର ଭାଗୀଦାରି ଗଢ଼ିଥିଲେ। ୩୧ ରନ କରିଥିବା ଆଲେକ୍ସ କାରେଙ୍କୁ ଆକାଶ ଦୀପ ଆଉଟ କରିବାରୁ ଭାରତ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିଛି। ଭାରତ ବିପକ୍ଷରେ ଅନେକ ସମୟରେ ବିପଜ୍ଜନକ ସାବ୍ୟସ୍ତ ହେଉଥିବା ସ୍ମିଥ୍ ୬୮ ରନରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୩ଟି ଏବଂ ଆକାଶ ଦୀପ, ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି। ଦ୍ୱିତୀୟ ଦିବସ ପ୍ରଥମ ସେସନରେ ଭାରତୀୟ ବୋଲରମାନେ ଅଷ୍ଟ୍ରେଲିଆର ଅବଶିଷ୍ଟ ୪ ଉଇକେଟ ଶୀଘ୍ର ହାସଲ କରିବା ପ୍ରଥମ କାର୍ଯ୍ୟ ହେବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୧୧/୬ (ମାର୍ନସ ଲାବୁସେନ-୭୨, ଷ୍ଟିଭ୍ ସ୍ମିଥ-୬୮*, ସାମ୍ କୋନଷ୍ଟାସ-୬୦, ଉସମାନ ଖ୍ୱାଜା-୫୭, ଯଶପ୍ରୀତ୍ ବୁମ୍‌ରା-୩/୭୫, ଆକାଶ ଦୀପ୍-୧/୫୯, ରବୀନ୍ଦ୍ର ଜାଡେଜା-୧/୫୪, ୱାଶିଂଟନ ସୁନ୍ଦର-୧/୩୭)।

## ଟେଷ୍ଟ କ୍ୟାରିୟର ଆରମ୍ଭ କଲେ କୋନଷ୍ଟାସ



ସ୍କୁପ୍ ଶଟ୍ ଖେଳିବା ଅବସରରେ ସାମ୍ କୋନଷ୍ଟାସ।

## ପ୍ରଥମ ଦିବସ ହାଇଲାଇଟ୍ସ

### ସର୍ବକନିଷ୍ଠ ଅଷ୍ଟ୍ରେଲିଆନ ଓପନର

● ୧୯ ବର୍ଷ ୮୫ ଦିନରେ ଅଷ୍ଟ୍ରେଲିଆ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଛନ୍ତି ସାମ୍ କୋନଷ୍ଟାସ। ଏଥିସହ ସେ ପୁରୁଷ କ୍ରିକେଟ ଟେଷ୍ଟରେ ସର୍ବକନିଷ୍ଠ ଅଷ୍ଟ୍ରେଲିଆନ ଓପନର ବିବେଚିତ ହୋଇଛନ୍ତି। ଏହା ବ୍ୟତୀତ ଓଭରଅଲ୍ ଅଷ୍ଟ୍ରେଲିଆ ପକ୍ଷରୁ ଟେଷ୍ଟ ପଦାର୍ପଣରେ ସେ ୪ର୍ଥ ସର୍ବକନିଷ୍ଠ ଏବଂ ଅର୍ଦ୍ଧଶତକ ହାସଲ କରିବାରେ ଦ୍ୱିତୀୟ ସର୍ବକନିଷ୍ଠ।

● ୫୨ଟି ବଲ୍‌ର ସମ୍ମୁଖୀନ ହୋଇ କୋନଷ୍ଟାସ ଅର୍ଦ୍ଧଶତକ ପୂରଣ କରିଛନ୍ତି। ଟେଷ୍ଟ ଡେବ୍ୟୁରେ ଏହା ଅଷ୍ଟ୍ରେଲିଆର ତୃତୀୟ ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବରୁ ଆଡାମ ଗିଲକ୍ରିଷ୍ଟ ୧୯୯୯ରେ ପାକିସ୍ତାନ ବିପକ୍ଷରେ ୪୬ ବଲ୍ ଓ ୨୦୧୩ରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟନ ଅଗର ୫୦ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ।

● ଏମ୍‌ସିଜିରେ ଅଷ୍ଟ୍ରେଲିଆ ବ୍ୟାଟରମାନେ ପ୍ରଥମ ୪୦ ଓଭର ମଧ୍ୟରେ ଖେଳିଥିବା ୬୬ଟି ଶଟ୍ ନିୟନ୍ତ୍ରଣ ମଧ୍ୟରେ ନ ଥିଲା। ମାତ୍ର ଏହା ସତ୍ତ୍ୱେ ଏହି ସମୟ ମଧ୍ୟରେ ଭାରତ ମାତ୍ର ଗୋଟିଏ ଉଇକେଟ ପାଇଥିଲା।

### ବୁମ୍‌ରାଙ୍କ ମହଙ୍ଗା ଓଭର

● ଯଶପ୍ରୀତ୍ ବୁମ୍‌ରା ବୋଲିଂ କରିଥିବା ୧୧ତମ ଓଭରରେ କୋନଷ୍ଟାସ ୧୮ ରନ ସଂଗ୍ରହ କରିଥିଲେ। ବୁମ୍‌ରାଙ୍କ ଟେଷ୍ଟ କ୍ୟାରିୟରରେ ଏହା ସବୁଠାରୁ ମହଙ୍ଗା ଓଭର ଥିଲା।

● ସପ୍ତମ ଓଭରରେ କୋନଷ୍ଟାସଙ୍କ ରିଭର୍ସ ସ୍କୁପ୍ ଶଟ୍ ପୂର୍ବରୁ ବୁମ୍‌ରା ୪୫୬୨ ବଲ୍ ବୋଲିଂ କରିଥିଲେ ହେଁ ଛକା ଖାଇ ନ ଥିଲେ। ୨୦୨୧ ସିଡ୍‌ନୀ ଟେଷ୍ଟରେ ଶେଷଥର ପାଇଁ ବୁମ୍‌ରାଙ୍କ ବୋଲିଂରେ ଛକା ମାରିଥିଲେ କାମେରନ ଗ୍ରୀନ୍। ବୁମ୍‌ରାଙ୍କ ବୋଲିଂରେ ଏପର୍ଯ୍ୟନ୍ତ କେବଳ ୯ଟି ଛକା ସମ୍ଭବ ହୋଇଛି। ଏଥିରୁ ଜୋସ ବଟଲର ଓ କୋନଷ୍ଟାସ ୨ଟି ଲେଖାଏ ମାରିଛନ୍ତି।

● ଚଳିତ ସିରିଜର ପ୍ରଥମ ୩ଟି ଟେଷ୍ଟରେ ଅଷ୍ଟ୍ରେଲିଆର ଟପ୍-ଥ୍ରୀ ବ୍ୟାଟର ୨୧୬ ରନ କରିଥିଲେ। ଏହା ମଧ୍ୟରେ ଗୋଟିଏ ଅର୍ଦ୍ଧଶତକ ସାମିଲ ଥିଲା। ଏମ୍‌ସିଜି ଟେଷ୍ଟରେ ଟପ୍-ଥ୍ରୀ ବ୍ୟାଟର ୧୯୨ ରନ ସ୍କୋର କରିଛନ୍ତି ଏବଂ ସମସ୍ତେ ଅର୍ଦ୍ଧଶତକ ହାସଲ କରିଛନ୍ତି।

# ବିରାଟ କୋହଲିଙ୍କୁ ଜରିମାନା

**ମେଲବୋର୍ନ, ୨୬।୧୨**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଭାରତର ସୁପର ଷ୍ଟାର ବିରାଟ କୋହଲିଙ୍କୁ ତାଙ୍କ ମ୍ୟାଚ ଫି'ର ୨୦ପ୍ରତିଶତ ଜରିମାନା କରିବା ସହ ଏକ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ଏଠାରେ ଚତୁର୍ଥ ଟେଷ୍ଟର ପ୍ରଥମ ଦିବସ ଖେଳ ବେଳେ ଅଷ୍ଟ୍ରେଲିଆର ପଦାର୍ପଣକାରୀ ଖେଳାଳି ସାମ୍ କୋନଷ୍ଟାସଙ୍କ ସହିତ ତାଙ୍କର ବଚସା ହୋଇଥିଲା। ୧୦ମ ଓଭର ଖେଳ ବେଳେ ଏହି ଘଟଣା ଘଟିଥିଲା। କୋହଲି ତାଙ୍କ କାନ୍ଧରେ କନଷ୍ଟାସଙ୍କୁ ଧକ୍କଦେବା ପରେ ଉଭୟଙ୍କ ମଧ୍ୟରେ ବାକ୍ୟ ବିନିମୟ ମଧ୍ୟ ଘଟିଥିଲା। ଏହାଦ୍ୱାରା କୋହଲି ଆଇସିସି ଆଚରଣ ସଂହିତାର ଧାରା ୨.୨୧ ନିୟମର ଉଲ୍ଲଂଘନ କରିଥିଲେ। ଦୋଷ ସ୍ୱୀକାର କରିବା ସହ ଦଣ୍ଡକୁ ଗ୍ରହଣ କରିନେବାରୁ ଅନୁଷ୍ଠିତ ଶୁଣାଣି ଆବଶ୍ୟତା ପଡ଼ି ନ ଥିଲା। ରେଫରି ଆଣ୍ଡି ପାଇକ୍ରଫ୍ଟ, ଅନ୍ ଫିଲ୍ଡ ଅମ୍ପାୟର ଜୋଏଲ ୱିଲସନ ଓ ମାଇକେଲ ଗଫ୍, ତୃତୀୟ ଅମ୍ପାୟର ସର୍ଫୁଦୋଲ୍ଲା ଇବ୍‌ନେ ଶହିଦ ଏବଂ ଚତୁର୍ଥ ଅମ୍ପାୟର ସ୍ୱାନ କ୍ରେଗ୍‌ଙ୍କ ପକ୍ଷରୁ ଅଭିଯୋଗ ଅଣାଯାଇଥିଲା। କ୍ରିକେଟ ଖେଳରେ ଉତ୍ତେଜନା ଦେଖାଦେଲେ ଏଭଳି ଘଟଣାମାନ ଦେଖିବାକୁ ମିଳିଥାଏ। ଶାରୀରିକ ଆଘାତ ପରେ ଦୁଇ ଖେଳାଳି ତତ୍‌କ୍ଷଣାତ ବୁଲିପଡ଼ି ପରସ୍ପର ଯୁକ୍ତିତର୍କ ଆରମ୍ଭ କରିଥିଲେ। କୋନଷ୍ଟାସଙ୍କ ଟିମ୍‌ମେଟ ଉସମାନ ଖ୍ୱାଜା ଘଟଣାସ୍ଥଳରେ ପହଞ୍ଚି ଦୁଇ ଖେଳାଳିଙ୍କୁ ଅଲଗା କରିଥିଲେ। ପ୍ରଥମ ଦିବସ ଖେଳ ଶେଷ ପରେ କନଷ୍ଟାସ କିନ୍ତୁ ଖବରଦାତାମାନଙ୍କୁ କହିଛନ୍ତି ଯେ କୋହଲି ଜାଣିଶୁଣି କାନ୍ଧରେ ତାଙ୍କୁ ଧକ୍କା ଦେଇ ନାହାନ୍ତି। ଏହି ଗେମ୍ ପାଇଁ କୋହଲିଙ୍କ ମ୍ୟାଚ୍ ଫି' ହେଉଛି ୧୫ଲକ୍ଷ ଟଙ୍କା। ଜରିମାନା କଟିଗଲେ ସେ ୧୨ଲକ୍ଷ ଟଙ୍କା ପାଇବେ। ୨୦୧୯ ପରେ କୋହଲିଙ୍କ ଶୃଙ୍ଖଳା ଖାତାରେ ପ୍ରଥମ ଥର ଏକ ଡିମେରିଟ୍ ପଏଣ୍ଟ ସ୍ଥାନିତ କରାଯାଇଛି। ଘଟଣାଟି ବେଳେ କୋନଷ୍ଟାସ ୨୭ ରନ କରି ବ୍ୟାଟିଂ କରୁଥିଲେ। ରବୀନ୍ଦ୍ର ଜାଡେଜାଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହେବା ପୂର୍ବରୁ ସେ ପଦର୍ପଣ ମ୍ୟାଚରେ ଏକ ଚମକପ୍ରଦ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତର ସହକାରୀ କୋଚ୍ ଅଭିଷେକ ନାୟାର କହିଛନ୍ତି ଯେ, ଖେଳରେ ଉନ୍ମାଦନା ଓ ଭାବପ୍ରବଣତା ଦେଖିବାକୁ ମିଳିଥାଏ। ଏହା ସେଭଳି ଏକ ଗୁରୁତର ଅପରାଧ ନୁହେଁ। କୋନଷ୍ଟାସ ହୁଏତ ପରେ ଏ କଥା ଦେହକୁ ନେଇ ନାହାନ୍ତି। କିନ୍ତୁ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ରିକି ପଣ୍ଟିଂ କୋହଲିଙ୍କ ଏହି ଆଚରଣକୁ ସମାଲୋଚନା କରିଛନ୍ତି।

# ଏମ୍‌ସିଜିରେ ରେକର୍ଡ ୮୭,୨୪୨ ଦର୍ଶକ

## ବକ୍ସିଂ ଡେ ଟେଷ୍ଟ

**ମେଲବୋର୍ନ, ୨୬।୧୨ (ପି.ଟି.)**

ଆଇକନିକ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆରମ୍ଭ ହୋଇଥିବା ବକ୍ସିଂ ଡେ ଟେଷ୍ଟର ପ୍ରଥମ ଦିବସରେ ଦର୍ଶକ ଗ୍ୟାଲେରୀରେ ରେକର୍ଡ ସଂଖ୍ୟକ ୮୭, ୨୪୨ ଦର୍ଶକ ଉପସ୍ଥିତ ଥିଲେ। ଚତୁର୍ଥ ଟେଷ୍ଟର ପ୍ରଥମ ଦିବସ ଖେଳ ପାଇଁ ଦୁଇ ସପ୍ତାହ ପୂର୍ବରୁ ଟିକେଟ ବିକ୍ରି ଶେଷ ହୋଇଥିଲା। ପ୍ରଥମ ଦିବସ ଖେଳ ରୋମାଞ୍ଚକ ଥିଲା। ଦର୍ଶକମାନେ ପ୍ରଥମ ସେସେନରେ ପଦାର୍ପଣକାରୀ ଖେଳାଳି ସାମ୍ କୋଷ୍ଟାସ ଯଶପ୍ରୀତ୍ ବୁମ୍‌ରାଙ୍କ ମଧ୍ୟରେ ଖେଳକୁ ବେଶ୍ ଉପଭୋଗ କରିଥିଲେ। ଭାରତୀୟ ପେସ୍ ବୋଲର ଫାଇନାଲ ସେସନରେ ଚମତ୍କାର ବୋଲିଂ କରି ବୁମ୍‌ରା ମ୍ୟାଚକୁ ତାଙ୍କ ଦଳ ସପକ୍ଷକୁ ନେଇ ଆସିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ